# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଅକ୍ଟୋବର ୯/୨୦୨୧ (୧୬ ପୃଷ୍ଠା) | Berhampur, Saturday, October 9/2021 | ★★★

୧୭ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ପ୍ରଶାନ୍ତ-ବଘେଲ ଟୁଇଟର ଯୁଦ୍ଧ

## ଟିଏମ୍‌ସି ନେତୃତ୍ୱରେ ବିରୋଧୀ ମେଣ୍ଟ ଚାହୁଁନି କଂଗ୍ରେସ

ନୂଆଦିଲ୍ଲୀ,୮।୧୦


ପ୍ରଶାନ୍ତ କିଶୋର


ଭୂପେଶ ବଘେଲ

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବା ନେଇ କଳ୍ପନାଜଳ୍ପନା ଭିତରେ ଶୁକ୍ରବାର ତାଙ୍କର ଏକ ଟୁଇଟ୍ ଚର୍ଚ୍ଚାକୁ ଆସିଛି। ଏଥିରେ ପ୍ରଶାନ୍ତ କହିଛନ୍ତି, ଲଖିମପୁର ଖେରିହିଂସା ପରେ ସର୍ବପୁରାତନ ଦଳ ନେତୃତ୍ୱରେ ବିରୋଧୀ ଖୁବ୍‌ଶୀଘ୍ର ମଜଭୁତ ହେବ ବୋଲି ଆଶା କରୁଥିବା ଲୋକଙ୍କୁ ନିରାଶ ହେବାକୁ ପଡ଼ିଛି। ଦଳର ସମସ୍ୟା ବହୁ ଗଭୀରକୁ ଯାଇଥିବାରୁ ଏହାର କୌଣସି ତତ୍କାଳ ସମାଧାନ ନାହିଁ। ଗତମାସରେ ବରିଷ୍ଠ କଂଗ୍ରେସ ନେତା ଏମ୍. ବୀରାପ୍ପା ମୋଇଲି ପ୍ରଶାନ୍ତଙ୍କୁ ଦଳରେ ସାମିଲ କରିବା ପାଇଁ ଓକିଲାତି କରିଥିଲେ। ତାଙ୍କୁ କଂଗ୍ରେସକୁ ଆଣିବାକୁ ବିରୋଧ କରୁଥିବା ଲୋକେ ସଂସ୍କାର ବିରୋଧୀ ବୋଲି ମୋଇଲି କହିଥିଲେ। ତେବେ ପ୍ରଶାନ୍ତଙ୍କୁ ଦଳରେ ସାମିଲ କରିବା ପାଇଁ କଂଗ୍ରେସ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଆସିନାହିଁ। ତେଣୁ ସେ କଂଗ୍ରେସରେ ମିଶିବା ନେଇ ଦଳୀୟ ନେତୃତ୍ୱ ସହ କଥା ଛିଣ୍ଡିନାହିଁ ବୋଲି ତାଙ୍କର ସଦ୍ୟ ଟୁଇଟ୍‌ରୁ ସଙ୍କେତ ମିଳୁଛି।

ଇତିମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଟୁଇଟରରେ ପ୍ରଶାନ୍ତଙ୍କ ସମାଲୋଚନାର ଜବାବ ଦେଇଛନ୍ତି। କଂଗ୍ରେସ ନେତା ବଘେଲ କହିଛନ୍ତି, ପ୍ରକୃତରେ ଯାହାର କ୍ୱିକ୍-ଫିକ୍ସ ସମାଧାନ ନାହିଁ, ତାହା ହେଉଛି ଜାତୀୟ ବିକଳ୍ପ ପାଲଟିବା ପାଇଁ ଚାଲିଥିବା ଉଦ୍ୟମ। ନିଜ ସିଟ୍‌ରେ ଜିତିପାରୁ ନ ଥିବା ଲୋକେ କଂଗ୍ରେସ କର୍ମକର୍ତ୍ତାଙ୍କୁ ଶିକାର କରି ଜାତୀୟ ବିକଳ୍ପ ହେବା ପାଇଁ ଉଦ୍ୟମ କରିବା ଅତ୍ୟନ୍ତ ନୈରାଶ୍ୟଜନକ। ଜାତୀୟ ବିକଳ୍ପ ସାଜିବା ଗହନ କଥା। ଏଥିଲାଗି ବିଧିବଦ୍ଧ ଉଦ୍ୟମ ଆବଶ୍ୟକ, ଯାହାର କୌଣସି କ୍ୱିକ୍-ଫିକ୍ସ ସମାଧାନ ନାହିଁ ବୋଲି ବଘେଲ ଜବାବ ଦେଇଛନ୍ତି। ବଘେଲଙ୍କ ଟୁଇଟ୍ ପ୍ରଶାନ୍ତ କିଶୋର, ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏବଂ ଏହାର ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି।

ପ୍ରକାଶ ଯେ, ପ୍ରଶାନ୍ତ କିଶୋର ଗତ ଜୁଲାଇରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିବା ପରେ ସେ ଖୁବଶୀଘ୍ର ଦଳରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଥିଲା। ପରେ ଖବର ଆସିଥିଲା ଯେ, ସେ ପଶ୍ଚିମବଙ୍ଗର ଭବାନୀପୁର ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପୂର୍ବରୁ ଜଣେ ଭୋଟର ଭାବେ ନିଜ ନାମ ପଞ୍ଜୀକରଣ କରାଇଥିଲେ। ଏହା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରହିବାରେ ସହାୟକ ହୋଇଥିବା କୁହାଯାଉଛି। ଏସବୁ ଭିତରେ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଲୁଇଜିନୋ ଫଲେଇରୋ କଂଗ୍ରେସ ଛାଡ଼ି ଟିଏମ୍‌ସିରେ ମିଶିଛନ୍ତି। ଗୋଆରେ ଟିଏମ୍‌ସି ସ୍ଥିତି ସୁଦୃଢ଼ କରି କ୍ଷମତାସୀନ ହେବାକୁ ଚାହୁଁଥିବା ଫଲେଇରୋ କହିଛନ୍ତି, ସେ ମମତାଙ୍କ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଓ ତାଙ୍କ ଗୋଷ୍ଠୀ ଆଇ-ପିଏସି ସହ ଆଲୋଚନା କରିଛନ୍ତି। ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସାକୁ ଭାଜପା ପାଇଁ ଏକ ବଡ଼ ଝଟ୍‌କା ଭାବେ ବିବେଚନା କରାଯାଉଥିବାବେଳେ ଏଥିରୁ କଂଗ୍ରେସ ଫାଇଦା ନେବାକୁ ଉଦ୍ୟମ କରୁଛି। ଏଭଳି ସମୟରେ ପ୍ରଶାନ୍ତ କିଶୋର ଉପାଖ୍ୟାନ ରାଜନୈତିକ ଚର୍ଚ୍ଚାକୁ ରୋଚକ କରିଛି।

### ସଂକ୍ଷେପରେ

## କଂଗ୍ରେସ ପାଇଁ ପ୍ରଚାର କରିବେ ତେଜପ୍ରତାପ



**ପାଟନା, ୮।୧୦:** ବିହାର ବିଧାନସଭାର ଦୁଇଟି ଆସନରେ ହେବାକୁ ଥିବା ଉପନିର୍ବାଚନରେ ଆର୍‌ଜେଡି ଏବଂ କଂଗ୍ରେସ ପରସ୍ପର ବିରୋଧରେ ପ୍ରାର୍ଥୀ ଘୋଷଣା କରିଛନ୍ତି। ଫଳରେ ବିରୋଧୀ ମେଣ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ଆର୍‌ଜେଡିରେ ନେତୃତ୍ୱକୁ ନେଇ ଅସନ୍ତୁଷ୍ଟ ଥିବା ତେଜପ୍ରତାପ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ବିହାର କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଶୋକ ରାମ ଗୁରୁବାର ତେଜପ୍ରତାପଙ୍କୁ ଭେଟିଥିଲେ। ଅଶୋକ ରାମଙ୍କ ପୁଅ ଅତିରେଖ କୁମାର କୁଶେଶ୍ୱର ଆସ୍ଥାନ ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ ତେଜପ୍ରତାପ ଆଉ ଆର୍‌ଜେଡିରେ ନାହାନ୍ତି ବୋଲି ଦଳର ଉପାଧ୍ୟକ୍ଷ ଶିବାନନ୍ଦ ତିୱାରୀ ପୂର୍ବରୁ କହିଥିଲେ। ଉପନିର୍ବାଚନ ପାଇଁ ଆର୍‌ଜେଡି ଉଭୟ ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିବା ପରେ ମହାମେଣ୍ଟରେ ଫାଟ ଦେଖାଦେଇଥିଲା।


କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ଲକ୍ଷ୍ନୌର ଏକ ଦଳିତ ବସ୍ତିରେ ଝାଡ଼ୁ ମାରୁଛନ୍ତି।

# ଦଳିତ ବସ୍ତିରେ ଝାଡ଼ୁ ମାରିଲେ ପ୍ରିୟଙ୍କା

ଲକ୍ଷ୍ନୌ,୮।୧୦

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତର ପ୍ରଦେଶର ହିଂସା ପ୍ରଭାବିତ ଲଖିମପୁର ଖେରି ଯିବାବେଳେ ସୋମବାର ତାଙ୍କୁ ପୋଲିସ ଅଟକ ରଖିଥିଲା। ପରେ ପ୍ରିୟଙ୍କାଙ୍କୁ ଗିରଫ କରାଯାଇ ସୀତାପୁର ଗେଷ୍ଟ ହାଉସରେ ରଖାଯାଇଥିଲା। ପ୍ରିୟଙ୍କା ଗେଷ୍ଟ ହାଉସରେ ଝାଡ଼ୁ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଚ୍ଛଲ୍ୟ କରିଥିଲେ। ଏକ ଟିଭି ଚ୍ୟାନେଲକୁ ନିଜ ପ୍ରତିକ୍ରିୟାରେ ଯୋଗୀ କହିଥିଲେ, ଲୋକେ କଂଗ୍ରେସକୁ ଏଭଳି ଅବସ୍ଥାକୁ ଆଣିଲେଣି। ସେମାନେ ଚାହୁଁଛନ୍ତି କଂଗ୍ରେସ ନେତା କେବଳ ଏହି କାମ କରନ୍ତୁ। ଏହାର ଜବାବରେ ପ୍ରିୟଙ୍କା ଶୁକ୍ରବାର ହଠାତ୍ ଲକ୍ଷ୍ନୌର ଲବ୍ କୁଶ ନଗର ଦଳିତ ବସ୍ତିକୁ ଯାଇ ସେଠାରେ ଝାଡ଼ୁ ମାରିଛନ୍ତି। ସଫେଇ କାର୍ଯ୍ୟକୁ ସେ ସରଳତା ଓ ଆତ୍ମସମ୍ମାନର ପ୍ରତୀକ ବୋଲି ଅଭିହିତ କରିଛନ୍ତି।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

## ରାଜ୍ୟ ଖବର

# ଅଶ୍ୱିନୀ କୁମାର ଓସିଏସ୍ ଟପ୍ପର

କଟକ ଅଫିସ, ୮।୧୦


ଅଶ୍ୱିନୀ କୁମାର ପଣ୍ଡା


ଅଙ୍କୁର ଅଭିଳାଷ


ରଶ୍ମିରେଖା ପାତ୍ର

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା-୨୦୧୯ ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ ୧୫୩ଜଣ କୃତିତ୍ୱ ହାସଲ କରିଥିବାବେଳେ ଅଶ୍ୱିନୀ କୁମାର ପଣ୍ଡା ଟପ୍ପର ହୋଇଛନ୍ତି। ଦ୍ୱିତୀୟରେ ଅଙ୍କୁର ଅଭିଳାଷ, ତୃତୀୟରେ ରଶ୍ମିରେଖା ପାତ୍ର ଥିବାବେଳେ ଚତୁର୍ଥ, ପଞ୍ଚମ ସ୍ଥାନରେ ସୌମ୍ୟରଞ୍ଜନ ପ୍ରଧାନ ଓ ସିଦ୍ଧେଶ୍ୱର ନାୟକ ରହିଛନ୍ତି। ପ୍ରଥମ ୧୦ଜଣଙ୍କ ମଧ୍ୟରେ ୭ଜଣ ପୁରୁଷ ଥିବାବେଳେ ୩ଜଣ ମହିଳା ରହିଛନ୍ତି। ସେହିଭଳି ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ୫୬ଜଣ ମହିଳା ଅଛନ୍ତି। ଓଏଏସ୍‌ରେ ଖାଲିଥିବା ୩୦ ପଦବୀ, ଓଏଫ୍‌ଏସ୍ ୯, ଓପିଏସ୍ ୭, ଓସିଏସ୍ ୫, ଓଆର୍‌ଏସ୍ (ଗ୍ରୁପ୍ ବି) ୮୨ ଓ ଓଟି ଏବଂ ଏଏସ୍‌ରେ ୨୦ ପଦବୀରେ ଏମାନଙ୍କୁ ନିଯୁକ୍ତି ମିଳିବ। ଏଥିମଧ୍ୟରେ ୨୪ ପଦବୀ ଅନୁସୂଚିତ ଜନଜାତି, ୧୮ ଅନୁସୂଚିତ ଜାତି ଓ ୩ ପଦବୀ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

୨୦୨୦ ମାର୍ଚ୍ଚ ୧୫ରେ ପ୍ରିଲିମ୍ ପରୀକ୍ଷା ହୋଇଥିଲା। ମୋଟ ୨୫,୭୮୦ଜଣ ପ୍ରିଲିମିନାରି ପରୀକ୍ଷା ଦେଇଥିବାବେଳେ ୧୮୮୦ ଜଣ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ଏମାନଙ୍କ ମଧ୍ୟରୁ ୧୬୧୦ଜଣ ଗତ ବର୍ଷ ଡିସେମ୍ବରରେ ଏହି ଲିଖିତ ପରୀକ୍ଷା ଦେଇଥିଲେ। ଏହାପରେ ୩୦୭ଜଣଙ୍କୁ ସାକ୍ଷାତ୍କାର ପାଇଁ ଡକାଯାଇଥିଲା, ଯାହା ଗତ ୨୨ ସେପ୍ଟେମ୍ବରରୁ ଅକ୍ଟୋବର ୫ ପର୍ଯ୍ୟନ୍ତ (ଛୁଟି ଦିନ ବ୍ୟତୀତ) ୯ ଦିନ ଧରି ଚାଲିଥିଲା। ତେବେ ଓପିଏସ୍‌ସି ୱେବ୍‌ସାଇଟ http://opsc.gov.inରେ କୃତକାର୍ଯ୍ୟ ସମସ୍ତ ପ୍ରାର୍ଥୀଙ୍କ ନାମ ତାଲିକା ଉପଲବ୍ଧ ରହିଛି। କରୋନା ମହାମାରୀ ପାଇଁ ପରୀକ୍ଷା ପ୍ରଭାବିତ ହୋଇଥିବାବେଳେ ପ୍ରାର୍ଥୀଙ୍କ ଦୀର୍ଘଦିନର ଅପେକ୍ଷା ପରେ ପରୀକ୍ଷାଫଳ ପ୍ରକାଶ ପାଇଛି ବୋଲି ଓପିଏସ୍‌ସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି।

### ପରୀକ୍ଷାଫଳ ପ୍ରକାଶ

- ପ୍ରଥମ ୧୦ଜଣଙ୍କ ମଧ୍ୟରେ ୩ ମହିଳା
- ଦ୍ୱିତୀୟରେ ଅଙ୍କୁର, ତୃତୀୟରେ ରଶ୍ମିରେଖା

## ରାଜ୍ୟର ବିକାଶଧାରାକୁ ଆଗକୁ ନେବାକୁ ଲକ୍ଷ୍ୟ: ଅଶ୍ୱିନୀ

କଟକ ଅଫିସ, ୮।୧୦: ଓସିଏସ୍ ପରୀକ୍ଷାରେ ଟପ୍ପର ହୋଇଛନ୍ତି ଯାଜପୁର ଜିଲା ଚଣ୍ଡିଖୋଲ କ୍ଷେତ୍ରପଳାର ଅଶ୍ୱିନୀ କୁମାର ପଣ୍ଡା। ସେ ଜନକଲ୍ୟାଣ ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଯୁକ୍ତ ଦୁଇ ପଢ଼ିଥିଲେ। ବିପିୟୁଟିରେ ଇଞ୍ଜିନିୟରିଂ ଶେଷ କରିବା ପରେ ୩ ବର୍ଷ ଦିଲ୍ଲୀର ଏକ ଘରୋଇ ସଂସ୍ଥାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସିଭିଲ ସର୍ଭିସ ପାଇଁ ଅଧିକ ଆଗ୍ରହ ଥିବାରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ତାଙ୍କର ଏହି ଶ୍ରେଷ୍ଠ ସଫଳତାକୁ ନେଇ ଅଶ୍ୱିନୀ କହିଛନ୍ତି, ରାଜ୍ୟର ବିକାଶଧାରା ଆହୁରି ଆଗକୁ ଯିବାର ଅଛି। କାର୍ଯ୍ୟରେ ଯୋଗଦେବା ପରେ ବିଭିନ୍ନ କ୍ଷେତ୍ରରେ କିପରି ଉନ୍ନତି ହୋଇପାରିବ ସେଥିପାଇଁ ଉଦ୍ୟମ କରିବି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସ୍ୱତନ୍ତ୍ର ଆଗ୍ରହ ରହିଛି ବୋଲି ସେ କହିଛନ୍ତି।

## ଦାୟିତ୍ୱ, କର୍ତ୍ତବ୍ୟକୁ ଶତପ୍ରତିଶତ ପାଳନ କରିବି: ଅଙ୍କୁର

**କଟକ ଅଫିସ, ୮।୧୦:** ଓସିଏସ୍ ପରୀକ୍ଷାରେ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ରାଉରକେଲା ସେକ୍ଟର-୫ ବି୨୦ର ଅଙ୍କୁର ଅଭିଳାଷ। ଏହି ସଫଳତା ନେଇ ସେ କହିଛନ୍ତି, ମୁଁ ଓଏଏସ୍ ଅଫିସର ହୁଏ ବୋଲି ବାପାଙ୍କ ସ୍ୱପ୍ନ ଥିଲା। ମୋର ଇଚ୍ଛାଶକ୍ତି ଓ ସମସ୍ତଙ୍କ ଆଶୀର୍ବାଦ ପାଇଁ ମୁଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ରାଜ୍ୟବାସୀ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ମୁଁ କାର୍ଯ୍ୟ କରିବାକୁ ଚାହୁଁଛି। ଯେଉଁ ବିଭାଗ, ଯେଉଁ ଦାୟିତ୍ୱ ମିଳିବ ତାହାକୁ ଶତ ପ୍ରତିଶତ ସଫଳ କରିବାକୁ ଚାହିଁବି। ମୋ କାର୍ଯ୍ୟ ଦ୍ୱାରା ଯଦି କୈଣସି ସ୍ଥାନର ଉନ୍ନତି ହୋଇପାରିବ ତେବେ ତାହା ମୋତେ ସବୁଠୁ ଅଧିକ ଆତ୍ମସନ୍ତୋଷ ଦେବ। ମହିଳା ଓ ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ଦୂରକରିବା ମୂଳ ଲକ୍ଷ୍ୟ ହେବ।




# ଦୁର୍ଗାପୂଜା ପାଇଁ ଆଜିଠୁ ହାଇକୋର୍ଟ ବନ୍ଦ | ୩ଦିନ ଜରୁରୀ ମାମଲାର ଶୁଣାଣି

କଟକ ଅଫିସ,୮।୧୦

ଦୁର୍ଗାପୂଜା ପାଇଁ ହାଇକୋର୍ଟ ଛୁଟି ଘୋଷଣା କରାଯାଇଛି। ଶନିବାରଠାରୁ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ବନ୍ଦ ରହିବ। ତେବେ ଆସନ୍ତା ୧୧, ୧୮, ୨୧ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସି ଜରୁରୀ ମାମଲାଗୁଡ଼ିକର ଶୁଣାଣି ହେବ। କୋଭିଡ୍ କଟକଣା ମାନି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଜରୁରୀ ମାମଲାଗୁଡ଼ିକର ଶୁଣାଣି ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୧ ତାରିଖରେ ଜଷ୍ଟିସ ବି.ଆର୍. ଷଡଙ୍ଗୀ ଓ ଜଷ୍ଟିସ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଯଥାକ୍ରମେ ଡିଭିଜନ ବେଞ୍ଚ ମାମଲା ଓ ସିଙ୍ଗଲ ଜଜ ସିଭିଲ ମାମଲାର ଶୁଣାଣି କରିବ। ୧୮ ତାରିଖରେ ଜଷ୍ଟିସ ବି. ମହାନ୍ତି ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ଶୁଣାଣି ହେବ। ସେହିପରି ୨୧ ତାରିଖରେ ଜଷ୍ଟିସ ବି.ପି. ରାଉତରାୟ ଓ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠରେ ଶୁଣାଣି ହେବ।

# ନଦୀରେ ଭାସିଯାଇଥିବା ୨ ଯୁବକ ଉଦ୍ଧାର

ଆନନ୍ଦପୁର, ୮।୧୦(ସ୍ୱ.ପ୍ର.)

### ବୈତରଣୀ ପାୱାର ପ୍ରୋଜେକ୍ଟ

### ବିନା ସୂଚନାରେ ଖୋଲିଲା ଫାଟକ

କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ବୈତରଣୀ ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ୨ଜଣ ଯୁବକ ଭାସି ଯାଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ଆନନ୍ଦପୁର ବ୍ଲକ ସିଂନାଳିଠାରେ ନିର୍ମିତ ହୋଇଛି ୨୪ ମେଗାୱାଟ ବିଶିଷ୍ଟ ବୈତରଣୀ ପାୱାର ପ୍ରୋଜେକ୍ଟ। ବୈତରଣୀ ନଦୀ ଜଳକୁ ସଂରକ୍ଷିତ ରଖାଯାଇ ସେଠାରୁ ବିଦ୍ୟୁତ୍ ଉତ୍ପାଦନର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶୁକ୍ରବାର ପ୍ରୋଜେକ୍ଟ ବନ୍ଧରେ ଲାଗିଥିବା ଜଳ ସଂରକ୍ଷଣ ଫାଟକକୁ ହଠାତ୍ ବିନା ସୂଚନାରେ ଖୋଲି ଦେବାରୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଉକ୍ତ ଫାଟକ ଖୋଲିବା ଦ୍ୱାରା ନଦୀର ନିମ୍ନଭାଗରେ ଜଳସ୍ତର ହଠାତ୍ ବୃଦ୍ଧି ପାଇଥିଲା। ବନ୍ଧର ଠିକ୍ ତଳ ଅଞ୍ଚଳରେ ଗାଧୋଉଥିବା ଦୁଇ ଯୁବକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଜଣେ ଯୁବକ ଜଳସ୍ରୋତକୁ ଦେଖି ନଦୀଶଯ୍ୟାରେ ଥିବା ଗଛ ଉପରକୁ ଚଢ଼ିଯାଇ ରକ୍ଷା ପାଇଯାଇଥିଲେ। ଅନ୍ୟ ଜଣେ ଯୁବକ ସ୍ରୋତରେ ଭାସିଯାଇ ନିକଟସ୍ଥ କାଦବାହାଳିର ନଦୀ ମଝିରେ ଥିବା ଏକ ଉଚ୍ଚାଣିଆ ପଥରକୁ ଆଶ୍ରା କରି ରହିଥିଲେ। ସ୍ଥାନୀୟ ଲୋକେ ଭାସିଯାଇଥିବା ସିଂନାଳି ଗ୍ରାମର ଯୁବକ କ୍ଷେତ୍ରବାସୀ ସିଂଙ୍କୁ ଟ୍ୟୁବ୍ ସାହାଯ୍ୟରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନା ପଠାଇଥିଲେ। ପାୱାର ପ୍ରୋଜେକ୍ଟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଝାରସୁଗୁଡ଼ାରେ ଖୋଲିଲା ଏନ୍‌ସିସି ଆକାଶ ବାହିନୀ ପ୍ରଶିକ୍ଷଣ କେନ୍ଦ୍ର

ଝାରସୁଗୁଡ଼ା ଅଫିସ,୮।୧୦

### ପ୍ରଶିକ୍ଷଣ ନେବେ ୧୭ ଜିଲାର ଛାତ୍ରୀଛାତ୍ର


ଅସ୍ଥାୟୀ ଏନ୍‌ସିସି ଏୟାର ୱିଙ୍ଗ କେନ୍ଦ୍ରକୁ ରାଜ୍ୟ ଏନ୍‌ସିସି ମୁଖ୍ୟ ସୋମେନ ବାନାର୍ଜୀ ଉଦ୍‌ଘାଟନ କରୁଛନ୍ତି।

ଆକାଶ ବାହିନୀ ଦିବସ ଅବସରରେ ଶୁକ୍ରବାର ଝାରସୁଗୁଡ଼ାରେ ରାଜ୍ୟର ୨ୟ ଏନ୍‌ସିସି ଆକାଶ ବାହିନୀ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ସ୍ଥାନୀୟ ମାଳିମୁଣ୍ଡାସ୍ଥିତ ଷ୍ଟାଡିୟମରେ ଏହାର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯାଇଛି। ରାଜ୍ୟ ଏନ୍‌ସିସି ଡେପୁଟି ଡାଇରେକ୍ଟର ଜେନେରାଲ କମାଣ୍ଡର ସୋମେନ ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ଲକ୍ଷ୍ମୀ ନାରାୟଣ କଲେଜରେ ଏହାର ଏକ ଶାଖା ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏହାକୁ ଏନ୍‌ସିସି ମୁଖ୍ୟ କମାଣ୍ଡର ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏନ୍‌ସିସି ଗ୍ରୁପ୍ କର୍ନେଲ ଏଏସ୍‌ଏନ୍ ରାଓ, ଝାରସୁଗୁଡ଼ା ଏନ୍‌ସିସି ୱିଙ୍ଗ୍ କମାଣ୍ଡର ଦେବାଶିଷ ମଙ୍ଗରାଜ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଓଏସ୍‌ଏପି ୨ୟ ବାଟାଲିୟନ୍ କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ, ଲେଫ୍ଟନାଣ୍ଟ ବିଭୂତି ଭୂଷଣ ଦାସ, କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି କେନ୍ଦ୍ରରେ ପଶ୍ଚିମ ଓଡ଼ିଶା ସମେତ ୧୭ ଜିଲାର ଛାତ୍ରୀଛାତ୍ର ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷଣ ପରେ ସେମାନେ ଏୟାର ଫୋର୍ସରେ ନିଯୁକ୍ତି ପାଇପାରିବେ ବୋଲି କୁହାଯାଇଛି। ପୂର୍ବରୁ ଓଡ଼ିଶାର ଭୁବନେଶ୍ୱରରେ ଏହାର ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଆଉ ଏକ ଏନ୍‌ସିସି ଏୟାର ୱିଙ୍ଗ୍ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରିଥିଲେ। ଏହି ପ୍ରକ୍ରିୟା ୨୦୧୪-୧୫ରୁ ଆରମ୍ଭ ହୋଇଥିବାବେଳେ ଦୀର୍ଘ ୭ବର୍ଷ ପରେ ଏହା ସମ୍ଭବପର ହୋଇପାରିଛି। ରାଜ୍ୟରେ ୨ୟ ବିମାନ ବନ୍ଦର ଝାରସୁଗୁଡ଼ାରେ ପ୍ରତିଷ୍ଠା ହୋଇଥିବାରୁ ଏଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। କେନ୍ଦ୍ର ଖୋଲିବା ପାଇଁ ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦର ନିକଟରେ ୧୦ ଏକର ଜମି ନିଆଯାଇଛି। ଏଠାରେ ସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି।

# ପ୍ରକାଶ ପାଇଲା ଚିଠା ସଂରକ୍ଷଣ ବିଜ୍ଞପ୍ତି

ଭୁବନେଶ୍ୱର,୮।୧୦(ବ୍ୟୁରୋ)

### ପଞ୍ଚାୟତ ନିର୍ବାଚନ

### ଅଧ୍ୟକ୍ଷ ସଂରକ୍ଷଣ ତାଲିକା ତୁରନ୍ତ ପଠାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ପଞ୍ଚାୟତ ନିର୍ବାଚନ ପାଇଁ ଜିଲାସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷ ପଦବୀ ଲାଗି ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ୧୪ ଜିଲା ଚିଠା ସଂରକ୍ଷଣ ତାଲିକା ପ୍ରକାଶ କରିବାକୁ ସକ୍ଷମ ହୋଇଛନ୍ତି। ବଡ ବଡ ଜିଲାଗୁଡ଼ିକରେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ତାଲିକା ପ୍ରକାଶ କରିବେ ବୋଲି ଜଣାପଡ଼ିଛି। ଅକ୍ଟୋବର ୧୬ରୁ ଏହା ଉପରେ ଆପତ୍ତି ଅଭିଯୋଗ ଶୁଣାଣି କରାଯିବା। ୨୧ ତାରିଖ ସୁଦ୍ଧା ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ଅକ୍ଟୋବର ୨୬ ତାରିଖ ସୁଦ୍ଧା ସଂରକ୍ଷଣ ତାଲିକା ଚୂଡ଼ାନ୍ତ କରି ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବେ। ସେହିପରି ଜିଲାପରିଷଦ ସଭାପତି ଆସନ ପାଇଁ ଅକ୍ଟୋବର ୧୬ ରେ ଚିଠା ତାଲିକା ଜାରି କରାଯିବ। ୨୬ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ସହ ୨୯ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଜଣାଇ ଦିଆଯିବ। ତେବେ ମିଳିଥିବା ସୂଚନା ଅନୁଯାୟୀ ଶନିବାର ସୁଦ୍ଧା ୩୦ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ହୋଇଥିବା ସ୍ଥାନ ସଂରକ୍ଷଣ ଚିଠା ପ୍ରସ୍ତାବ ପଠାଇବାକୁ ଜିଲାପାଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ଡେଇଁବ ନାହିଁ। ରାଜ୍ୟର ୩୦ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ମଧ୍ୟରୁ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ୧୫ ଆସନ ଅଣ ସଂରକ୍ଷିତ ରହିବ। ଅନ୍ୟ ୧୫ଟି ମଧ୍ୟରୁ ପଛୁଆବର୍ଗଙ୍କ ପାଇଁ ୩, ଅନୁସୂଚିତ ଜନଜାତିପାଇଁ ୭ ଏବଂ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୫ ଆସନ ସଂରକ୍ଷିତ ରହିପାରେ। ତେବେ ଅଣସଂରକ୍ଷିତ ଆସନରୁ ସଂରକ୍ଷିତ ବର୍ଗର ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବାରେ କୌଣସି ସମସ୍ୟା ହେବ ନାହିଁ।

ଧରିତ୍ରୀ
DHARITRI
ଶନିବାର, ଅକ୍ଟୋବର ୯/୨୦୨୧ | Saturday, October 9/2021 | ପୃଷ୍ଠା-୧



## ଇଶାନ କିଶନଙ୍କ ଆକର୍ଷଣୀୟ ବ୍ୟାଟିଂ

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ଇଶାନ କିଶନ ଆକର୍ଷଣୀୟ ୮୪ ରନ ସଂଗ୍ରହ କରିଛନ୍ତି।

୧୩ | ୧୨

## ଗୋଆରେ ଫ୍ଲାଟ୍ କିଣିଲେ ରଶ୍ମିକା

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଗୋଟିଏ ପରେ ଗୋଟିଏ ଫିଲ୍ମ ସୁପରହିଟ୍ ହେଉଥିବାବେଳେ ଏବେ ସେ ଗୋଆରେ ଚତୁର୍ଥ ଘର କିଣି ଚର୍ଚ୍ଚାରେ ଅଛନ୍ତି।



# ୧୧% ବଢ଼ିଲା ମହଙ୍ଗା ଭତ୍ତା

**ଭୁବନେଶ୍ୱର, ୮।୧୦(ବ୍ୟୁରୋ)**

ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କୁ ଦୁର୍ଗାପୂଜା ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍ସନଭୋଗୀଙ୍କ ପାଇଁ ୧୧% ମହଙ୍ଗାଭତ୍ତା ବୃଦ୍ଧି କରିଛନ୍ତି। ଏହା ୧୭%ରୁ ୨୮%କୁ ବୃଦ୍ଧି ପାଇଛି। ଏହା ଦ୍ୱାରା ରାଜ୍ୟର ୪ ଲକ୍ଷ କର୍ମଚାରୀ ଓ ସାଢ଼େ ୩ ଲକ୍ଷ ପେନ୍ସନଭୋଗୀ ଉପକୃତ ହେବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜୁଲାଇରୁ ପିଛିଲା ଭାବେ ବର୍ଦ୍ଧିତ ମହଙ୍ଗା ଭତ୍ତା ଲାଗୁ ହେବ। ଏହା ଅକ୍ଟୋବରରୁ ମିଳିବ। ଜୁଲାଇରୁ ସେପ୍ଟେମ୍ବର ୩ ମାସର ବର୍ଦ୍ଧିତ ଭତ୍ତା ମଧ୍ୟ ନଗଦ ଆକାରରେ ମିଳିବ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ☞ପୃଷ୍ଠା-୨

# ନିଆଁ ଲିଭାଇ ନ ଥିଲେ ବିଦ୍ୟାଭାରତୀ

- ଏସିଏଫ୍‌ଙ୍କ ମୃତ୍ୟୁ ଏକ ଦୁର୍ଘଟଣା: ଏଡିଜି
- ଅବହେଳା ବିରୋଧରେ ଚାର୍ଜଶିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ
- ଡିଏଫ୍‌ଓ ଏବଂ ରୋଷେୟାଙ୍କୁ କ୍ଲିନ୍‌ଚିଟ୍

**କଟକ ଅଫିସ/ଖଇରା (ଡି.ଏନ.ଏ.),୮।୧୦**

ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଏକ ଦୁର୍ଘଟଣା। ମୃତ୍ୟୁକାଳୀନ ଜମାନବନ୍ଦୀ ଓ ତଦନ୍ତରୁ ଏହା ଜଣାପଡ଼ିଛି। ତେବେ ସୌମ୍ୟଙ୍କ ଦେହରେ ନିଆଁ ଲାଗିଥିଲେ ମଧ୍ୟ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା ତାହାକୁ ଲିଭାଇ ନ ଥିଲେ। ସମ୍ପୂର୍ଣ୍ଣ ଭାବେ ଅବହେଳା କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କଟକ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୌମ୍ୟରଞ୍ଜନ ଏବଂ ବିଦ୍ୟାଭାରତୀଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ଭଲ ନ ଥିବା ତଦନ୍ତରୁ ଜଣାପଡ଼ିଛି। ଏପରି କି ବିଦ୍ୟାଭାରତୀଙ୍କ ପଲିଗ୍ରାଫ ଟେଷ୍ଟରୁ ମଧ୍ୟ ଏକଥା ସ୍ପଷ୍ଟ ହୋଇଛି। ସୌମ୍ୟରଞ୍ଜନ ଜଳୁଥିବାବେଳେ ବିଦ୍ୟାଭାରତୀ ନିଜେ ନିଆଁ ଲିଭାଇ ନ ଥିଲେ କି କାହାକୁ ଲିଭାଇବାକୁ ଡାକି ନ ଥିଲେ। ଏଥିସହ କ୍ରାଇମବ୍ରାଞ୍ଚ ତଦନ୍ତର ଅନ୍ତ ଘଟାଇଛି। ବିଦ୍ୟାଭାରତୀଙ୍କ ବିରୋଧରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ଶୁକ୍ରବାର ଆଇପିସି ଦଫା ୨୮୫ (ନିଆଁ ଲିଭାଇବାରେ ଅବହେଳା) ଏବଂ ୩୦୪-ଏ (ଅବହେଳା ପାଇଁ ମୃତ୍ୟୁ) ଅନୁଯାୟୀ ଚାର୍ଜଶିଟ ଦାଖଲ କରାଯାଇଛି ବୋଲି ଏଡିଜି ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ଘଟଣାରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ସମ୍ପୃକ୍ତି ସମ୍ପର୍କରେ ଅଭିଯୋଗ ଆସିଥିଲା। କିନ୍ତୁ ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ଓ କଲ୍ ଡିଟେଲ ରେକର୍ଡ ଯାଞ୍ଚରୁ ସେମାନଙ୍କ ସମ୍ପୃକ୍ତି ନ ଥିବା ଜଣାପଡିଛି। ତେବେ ଏହି ଘଟଣାରେ ସିଧାସଳଖ କୌଣସି ସାକ୍ଷୀ ନାହାନ୍ତି ବୋଲି ଏଡିଜି ପଣ୍ଡା କହିଛନ୍ତି।



ବିଦ୍ୟାଭାରତୀ ପଣ୍ଡା

ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ ରାତିରେ ସୌମ୍ୟରଞ୍ଜନ ପାରଳାଖେମୁଣ୍ଡି ସ୍ଥିତ ସରକାରୀ କ୍ୱାର୍ଟର୍ସରେ ପୋଡ଼ି ହୋଇ ଗୁରୁତର ହୋଇପଡ଼ିଥିଲେ। ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ସ୍ତ୍ରୀ ବିଦ୍ୟାଭାରତୀ, ପାରଳାଖେମୁଣ୍ଡି ଡିଏଫଓ ବେହେରା ଓ ରୋଷେୟା କୁମ୍ଭଙ୍କ ନାଁରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ଏହି ମାମଲାର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ଆରମ୍ଭ କରିଥିଲା। ଏହି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି।

କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଓ ତାଙ୍କ ମାମୁ ଶିତିକଣ୍ଠ ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ସେମାନେ କହିଛନ୍ତି, ଅମଲାତନ୍ତ୍ର ଶାସନ ଯୋଗୁ ତାଙ୍କ ପୁଅକୁ ନ୍ୟାୟ ମିଳିଲାନି। ସେମାନେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସିବିଆଇ ☞ପୃଷ୍ଠା-୨

# ଜେଲ ଗଲେ ଚିଲିକା ବିଧାୟକ



କୋର୍ଟରୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପୋଲିସ ନେଉଛି।

## ବାଲୁଗାଁ ମଣ୍ଡଳ ଭାଜପା ସଭାପତିଙ୍କୁ ଆକ୍ରମଣ ମାମଲା

**ଖୋର୍ଦ୍ଧା ଅଫିସ, ୮।୧୦**

ବାଲୁଗାଁ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ମାମଲାରେ ଶୁକ୍ରବାର ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଜେଲ ଯିବାକୁ ପଡ଼ିଛି। ଏହି ମାମଲାରେ ଗିରଫଦାରିକୁ ଏଡ଼ାଇବା ଲାଗି ପୂର୍ବରୁ ଜଗଦ୍ଦେବ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ତଳକୋର୍ଟ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଜଗଦ୍ଦେବ ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରାଜଜ୍ (ପ୍ରଥମ)ଙ୍କ କୋର୍ଟରେ ଜାମିନ ନିମନ୍ତେ ଆବେଦନ କରିଥିଲେ। ତେବେ କୋର୍ଟ ତାଙ୍କ ଆବେଦନ ନାମଞ୍ଜୁର କରିଦେଇଛନ୍ତି। ଫଳରେ ପୋଲିସ ତାଙ୍କୁ ନିଜ ହେପାଜତକୁ ନେଇ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇଦେଇଛି। ପରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଡ଼ା ସୁରକ୍ଷା ବଳୟରେ ବିଧାୟକ ଜଗଦ୍ଦେବଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜେଲ ପରିସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ପ୍ରମୁଖ ଜଗଦ୍ଦେବଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୮ ☞ପୃଷ୍ଠା-୨

# ଆଫଗାନ୍ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ: ୫୫ ନିହତ

**କାବୁଲ, ୮।୧୦**

ଆତଙ୍କବାଦୀ ସଙ୍ଗଠନ ତାଲିବାନ୍‌ର କାବୁଲ ଦଖଲ ପରଠାରୁ ଆଫଗାନିସ୍ତାନ ସ୍ଥିତି ବିଗିଡ଼ିବାରେ ଲାଗିଛି। କୁନ୍ଦୁଜ୍ ସହରସ୍ଥିତ ଏକ ଶିୟା ମସ୍‌ଜିଦରେ ଶୁକ୍ରବାର ନମାଜ ପାଠବେଳେ ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏହି ଆକ୍ରମଣରେ ୫୫ ଜଣ ନିହତ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ଫେରିଯିବା ପରେ ଏହା ହେଉଛି ଦ୍ୱିତୀୟ ଘାତକ ଆକ୍ରମଣ।

(ଅଧିକ ବିବରଣୀ ପୃଷ୍ଠା-୮)

# ଏୟାର ଇଣ୍ଡିଆକୁ କିଣିଲା ଟାଟା

**୧୮ ହଜାର କୋଟିର ଡିଲ୍**



**ନୂଆଦିଲ୍ଲୀ, ୮।୧୦**

ଏୟାର ଇଣ୍ଡିଆର ଘରୋଇକରଣ ନେଇ ଚାଲିଥିବା ସବୁ ପ୍ରକାର କଳ୍ପନାଜଳ୍ପନା ଉପରୁ ପରଦା ହଟିଛି। ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଟାଟା ଗ୍ରୁପ ନିକଟକୁ ଫେରିବା ନେଇ ଶୁକ୍ରବାର ସ୍ପଷ୍ଟ ହୋଇଛି। ଏୟାର ଇଣ୍ଡିଆକୁ ଘରୋଇକରଣ ଲାଗି ଟାଟା ସନ୍ସ ୧୮ ହଜାର କୋଟି ଟଙ୍କାର ପ୍ରସ୍ତାବ ଦେଇଥିବା ବେଳେ ସରକାର ଏହାକୁ ମାନିନେଇଛନ୍ତି। ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ) ସଚିବ ତୁହୀନକାନ୍ତ ପାଣ୍ଡେ କହିଛନ୍ତି, କ୍ଷତିରେ ଚାଲୁଥିବା ଏହି ବିମାନ କମ୍ପାନୀକୁ ଘରୋଇକରଣ ଲାଗି ସରକାର ଦୀର୍ଘଦିନ ହେବ ପ୍ରୟାସ କରୁଥିଲେ। ବର୍ତ୍ତମାନ ଏହି ପ୍ରକ୍ରିୟା ସଫଳ ହୋଇଛି। ୧୮ ହଜାର କୋଟି ଟଙ୍କାର ☞ପୃଷ୍ଠା-୨

# ୧୦ରୁ ୨୦ ସ୍କୁଲର ପୂଜାଛୁଟି

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ସ୍କୁଲ ଓ ଯୁକ୍ତ ୨ ପିଲାଙ୍କ ପାଇଁ ଆସନ୍ତା ଦଶହରା ଏବଂ କୁମାର ପୂର୍ଣ୍ଣିମା ଛୁଟି ଘୋଷଣା ହୋଇଛି। ଏଥିଲାଗି ଅକ୍ଟୋବର ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ସରକାରୀ ସ୍କୁଲ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ଅକ୍ଟୋବର ୨୧ ତାରିଖରୁ ପୁନର୍ବାର ପୂର୍ବ ନିର୍ଦ୍ଧାରିତ ସମୟସାରଣୀ ଏବଂ କୋଭିଡ୍-୧୯ କଟକଣା ଅନୁପାଳନ ପୂର୍ବକ ଖୋଲିବ। ଏହି ମର୍ମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମସ୍ତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଜଣାଇ ଦେବା ପାଇଁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୨ ସାମ୍ବାଦିକଙ୍କୁ ନୋବେଲ ଶାନ୍ତି

**ଓସ୍‌ଲୋ, ୮।୧୦**

ଗଣତନ୍ତ୍ର ପ୍ରତି ବିପଦ ବଢୁଥିବାବେଳେ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଫିଲିପାଇନ୍ସ ସାମ୍ବାଦିକ ମାରିଆ ରେସା ଏବଂ ରୁଷିଆ ସାମ୍ବାଦିକ ଡିମିଟ୍ରି ମୁରାଟୋଭ୍‌ଙ୍କୁ ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ଶୁକ୍ରବାର ମନୋନୀତ କରାଯାଇଛି। ରେସା ଡିଜିଟାଲ ମିଡିଆ କମ୍ପାନୀ ରାପ୍‌ଲରର ସହପ୍ରତିଷ୍ଠାତା ହୋଇଥିବାବେଳେ ମୁରାଟୋଭ ରୁଷିଆର ପ୍ରମୁଖ ଖବରକାଗଜ ନୋଭାୟା ଗାଜେଟାର ସହପ୍ରତିଷ୍ଠାତା ଏବଂ ଏଡିଟର-ଇନ୍ ଚିଫ୍ ଅଛନ୍ତି। ଗଣତନ୍ତ୍ର ଓ ସ୍ଥାୟୀ ଶାନ୍ତି ପାଇଁ ଜରୁରୀ ଅଭିବ୍ୟକ୍ତି ☞ପୃଷ୍ଠା-୨



ମାରିଆ ରେସା



ଡିମିଟ୍ରି ମୁରାଟୋଭ୍

## ଆଜିର ସମ୍ପାଦକୀୟ

### ନୂଆ ଧାରା







# ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

## ବିଜ୍ଞାପନ

ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି। ଉକ୍ତ ବସ୍ ଗୁଡ଼ିକର ରେଜିଷ୍ଟ୍ରେସନ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା Route ଏବଂ Timing ପରିବହନ କମିଶନରଙ୍କ Website: **www.odishatransport.gov.in/opms.odishatransport.gov.in**ରେ ଉପଲବ୍ଧ। ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତ୍ତି ଥାଏ ତାହେଲେ Odisha Permit Management System (OPMS) ଏବଂ **ori_stalaw@yahoo.co.in**ରେ ବସ୍ ମାଲିକମାନେ ୨୨।୧୦।୨୦୨୧ ସୁଦ୍ଧା ଆପତ୍ତି ଦାଖଲ କରିପାରିବେ। ଏହାଛଡ଼ା ଶୁଣାଣି ଦିନ ମଧ୍ୟ ଆପତ୍ତି ଦାଖଲ କରିପାରିବେ।

ଉପରୋକ୍ତ ଦରଖାସ୍ତଗୁଡ଼ିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକଠାରେ Video Conferencing ମାଧ୍ୟମରେ ନିମ୍ନମତେ କରାଯିବ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ରୁ ୧୦୦ | ୨୫।୧୦।୨୦୨୧ | ୧୧.୩୦ ଘଟିକା |
| ୧୦୧ରୁ ୧୭୫ | ୨୬।୧୦।୨୦୨୧ | ୧୧.୩୦ ଘଟିକା |

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ଦ୍ୱାରା ଆୟୋଜିତ ୨୮୭ତମ ବୈଠକର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ଆନ୍ତଃଜିଲ୍ଲା ମାର୍ଗ ସବିରାମ ଯାତ୍ରୀବାହୀ ଯାନ ଅସ୍ଥାୟୀ ଅନୁମତି ପତ୍ର ନିମନ୍ତେ ପ୍ରଥମ ଦରଖାସ୍ତ ଦାଖଲ ହେବା ଦିନଠାରୁ ୩ମାସ ମଧ୍ୟରେ ଦାଖଲ ହୋଇଥିବା ଆବେଦନ ପତ୍ରଗୁଡ଼ିକୁ କିମ୍ବା ଶୁଣାଣି ଦିବସ ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ପାଇଥିବା (ଯେଉଁଟି ଆଗ) ଆବେଦନ ପତ୍ରଗୁଡ଼ିକ ଏକ ସଙ୍ଗେ ବିଚାରକୁ ନିଆଯିବ। ଉକ୍ତ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ଏକ ସଙ୍ଗେ ବିଚାରକୁ ନିଆଯିବ ନାହିଁ।

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତ୍ତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟରେ Video Conferencing Link (**www.odishatransport.gov.in**ରେ ଉପଲବ୍ଧ) ମାଧ୍ୟମରେ ନିଜ ଘରେ ଉପସ୍ଥିତ ରହି ନିଜର ପକ୍ଷ ମୌଖିକ ଭାବେ ରଖିପାରିବେ। COVID-19 ହେତୁ ବ୍ୟକ୍ତିଗତ ହାଜିରା ବାରଣ କରାଯାଇଅଛି।

**ସ୍ୱା./- ସଚିବ**
**ରାଜ୍ୟ ପରିବହନ ପ୍ରାଧିକାରୀ**
**ଓଡ଼ିଶା, କଟକ**


# ପେଟ୍ରୋଲ ୩୦, ଡିଜେଲ ୩୯ ପଇସା ବୃଦ୍ଧି



**ଭୁବନେଶ୍ୱର/ନୂଆଦିଲ୍ଲୀ, ୮।୧୦**

ଗତ ୮ ଦିନ ମଧ୍ୟରେ ୭ଥର ତେଲ ଦର ବଢ଼ିଲାଣି। ଏପରିକି କ୍ରମାଗତ ଚତୁର୍ଥ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଏହା ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଜିଲାରେ ଡିଜେଲ ଦର ୧୦୦ ଟଙ୍କା ଟପି ସର୍ବକାଳୀନ ରେକର୍ଡ କରିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ୩୯ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୦.୪୭ ଟଙ୍କା ଏବଂ ପେଟ୍ରୋଲ ୧୦୪.୪୩ ଟଙ୍କାରେ କାରବାର ହେଉଛି। ଗତ ୧୫ଦିନ ମଧ୍ୟରେ ପେଟ୍ରୋଲ ୨.୩୯ ଟଙ୍କା ଏବଂ ☞ପୃଷ୍ଠା-୨







## ସଂକ୍ଷେପରେ

### ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ବାରିପଦା ଅଫିସ,୮।୧୦- ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ଏଫ୍ ଆଣ୍ଡ ଟି ବିଭାଗର ଜୁନିୟର ରେସିଡେନ୍ସ ଡାକ୍ତର ଦେବୀଦତ୍ତ ପାତ୍ର ଶୁକ୍ରବାର ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ କରାଯିବା ସହିତ ଖୁଣ୍ଟା ଥାନା ସିମଗଡ଼ିଆ ସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ଜାରି ରହିଛି। ବାଙ୍ଗିରିପୋଷି ଥାନା ଅଧୀନ ହଣଦା ଗ୍ରାମର ସୁବେଦା ଟୁଡୁଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କ ଭାଇ ରଘୁନାଥ ମାରାଣ୍ଡିଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ସମ୍ପୃକ୍ତ ଡାକ୍ତର ୨୦ହଜାର ଲାଞ୍ଚ ମାଗିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ସୁବେଦା ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ସନ୍ଧ୍ୟାରେ ଭିଜିଲାନ୍ସ ଟିମ୍ ପିଆର୍‌ଏମ୍ ମେଡିକାଲ କଲେଜର ନୂତନ କ୍ୟାମ୍ପସ ରାସ୍ତାରେ ତାଙ୍କୁ ଧରିଥିଲେ। ଡାକ୍ତର ଜଣକ ଲାଞ୍ଚ ଟଙ୍କାକୁ ରାସ୍ତାରେ ପିଙ୍ଗି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

### ରାସ୍ତାକଡ଼ରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୮।୧୦-ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୧୬ ହଳଦିଆପଦର ନିକଟରୁ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ସେ ହେଲେ ପୋଲସରାରର ସୁଧୀର କୁମାର ସାହୁ। ଏ ନେଇ ଗୋଷାଣି ନୂଆଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲେ ମଧ ପାରିପାର୍ଶ୍ୱିକ ସ୍ଥିତିରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଉପୁଜିଛି। ଶୁକ୍ରବାର ବ୍ରହ୍ମପୁର ବଡ ଡାକ୍ତରଖାନା ଏଫ୍‌ଏମ୍‌ଟି ବିଭାଗ ଟିମ ଓ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ନମୂନା ସହ ତଥ୍ୟପ୍ରମାଣ ସଂଗ୍ରହ କରିଛନ୍ତି। ହଳଦିଆପଦର ଓଭରବ୍ରିଜ ନିକଟରେ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ରାଜପଥ କଡରେ ପଡ଼ିଥିବା ଗୁରୁବାର ରାତିରେ ଖବର ପାଇ ପୋଲିସ ପହଞ୍ଚି ତାହାକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ମିଳିଥିବା ଏକାଧିକ ମୋବାଇଲ ଫୋନ୍ ଓ ପର୍ସରୁ ତାହା ସୁଧୀରଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ଏ ନେଇ ସୁଧୀରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲର ଏଫଏମଟିକୁ ପଠାଯାଇଥିଲା। ସୁଧୀରଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରିବା ପରେ ଏଠାରେ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ହତ୍ୟା ପରେ ତାଙ୍କୁ ଏଠାରେ ପୋଡା ଯାଇଥିବା ଅନୁମାନ କରାଯାଉଛି। ସୁଧୀରଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସୁଧିରଙ୍କୁ ପୋଡା ଯାଇଛି ନା ନାହିଁ ତାହା ସ୍ପଷ୍ଟ କରିବାକୁ ଏଫଏମଟିର ଏକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ପ୍ରକାର ନମୂନା ସଂଗ୍ରହ କରିଛି।

### ମାଛ ଟ୍ରକ୍-ବାଇକ୍ ଧକ୍କା, ଜଣେ ମୃତ

ଜଳେଶ୍ୱର, ୮।୧୦(ଡି.ଏନ୍.ଏ.)-ଶୁକ୍ରବାର ମଧ୍ୟାହ୍ନରେ ୬୦ନଂ. ଜାତୀୟ ରାଜପଥ ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ନନ୍ଦିକା ବାଇପାସ୍‌ଠାରେ ଏକ ମାଛଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ । ବାଟରେ ମୃତ୍ୟୁ ହେବାରୁ ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ମୃତଦେହ ଜିକେଭଟ୍ଟର ହସ୍‌ପିଟାଲକୁ ସନ୍ଧ୍ୟା ୬ଟାରେ ଆଣି ପହଞ୍ଚିଥିଲେ । କିନ୍ତୁ ଡାକ୍ତର ବ୍ୟବଚ୍ଛେଦ କରିବେ ନାହିଁ ବୋଲି ରୋକଠୋକ୍ ମନା କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି ପହଞ୍ଚି ସମାଧାନ କରିଥିଲେ । ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

ବାଲେଶ୍ୱର ଅଫିସ, ୮।୧୦

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଗିରିଜା ପ୍ରସାଦ ମହାପାତ୍ର ଅଭିଯୁକ୍ତ ଅଭିମନ୍ୟୁ ଘୋଷ(୬୦)ଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୨୫ହଜାର ଟଙ୍କା ଜରିମାନା ଦେବାକୁ ରାୟରେ କୁହାଯାଇଛି।

୨୦୧୮ ଅଗଷ୍ଟ ୧୨ତାରିଖରେ ରାଇବଣିଆ ଥାନା ଅଧୀନ ଅଲାଲବିନ୍ଧା ଗ୍ରାମର ସନ୍ୟାସୀ ଘୋଷଙ୍କ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ପଡୋଶୀ ଅଭିମନ୍ୟୁ ଟିଭି ଦେଖିବାକୁ ଆସିଥିଲେ। ଏହି ସମୟରେ ମା’ ବାପା ବାହାରେ କାମ କରୁଥିବା ବେଳେ ତାଙ୍କ ୬ ବର୍ଷୀୟା କନ୍ୟା ଘରେ ଶୋଇଥିଲେ। ଏହାର ସୁଯୋଗ ନେଇ ଅଭିମନ୍ୟୁ ଉକ୍ତ ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ। ଝିଅର ପାଟିଜି ଶବ୍ଦ ଶୁଣି ମା’ ଆସି ଅଭିମନ୍ୟୁଙ୍କୁ ଧରିବା ସହ ଘର ମାଲିକାଣୀଙ୍କୁ ଡାକି ଜଣାଇଥିଲେ। ଅଭିମନ୍ୟୁ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ମଧ ସେ ଧମକ ଦେଇଥିଲେ। ଶିଶୁକନ୍ୟାଙ୍କ ମା’ ଗ୍ରାମବାସୀଙ୍କ ସହ ପରାମର୍ଶ କରି ରାଇବଣିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ରାଇବଣିଆ ଥାନାରେ ମାମଲା (ନଂ. ୫୭/୧୮) ରୁଜୁ କରାଯାଇ ଅଭିମନ୍ୟୁଙ୍କୁ ଗିରଫ କରାଯାଇଥିଲା। ଏହି ମାମଲା ପୋକ୍‌ସୋ ଅଦାଲତରେ ବିଚାରାଧୀନ ରହିଥିଲା। କୋର୍ଟ ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ଦସ୍ତାବିଜକୁ ଆଧାର କରି ଏହି ରାୟ ଦେଇଛନ୍ତି। ଶିଶୁକନ୍ୟାଙ୍କ ପରିବାର ପକ୍ଷରୁ ଆଇନଜୀବୀ ପ୍ରଣବ ପ୍ରକାଶ ପଣ୍ଡା ମାମଲା ପରିଚାଳନା କରୁଥିଲେ।

**କୋର୍ଟଙ୍କ ରାୟ**

# ଦୋଷୀଙ୍କୁ ୧୦ ବର୍ଷ ଜେଲ

**ବିଧବାଙ୍କୁ ବଳାତ୍କାର ମାମଲା**

କେନ୍ଦୁଝର,୮।୧୦(ସ୍ୱ.ପ୍ର.)

ଜଣେ ବିଧବା ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି ସ୍ୱତନ୍ତ୍ର ବିଚାରପତି ତଥା ଫାଷ୍ଟ ଟ୍ରାକ୍ କୋର୍ଟ ଜଜ୍ ଡ. ମମତା ମହାନ୍ତି ଦୋଷୀ କିଷାନ ପିଙ୍ଗୁଆ (ଚଗଲା)ଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୮ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଜରିମାନା ଅନାଦାୟ ଆଉ ୯ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶ ହୋଇଛି। ସୂଚନାଯୋଗ୍ୟ, ୨୦୧୯ ନଭେମ୍ବର ୧୫ରେ ଦୈତାରୀ ଥାନା ଅଞ୍ଚଳର ପୀଡ଼ିତା ମହିଳା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଚଗଲା ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ନ ଜଣାଇବା ପାଇଁ ସେ ମହିଳାଙ୍କୁ ଧମକ ଦେଇଥିଲେ। ଘଟଣା ପରଦିନ ମହିଳା ଜଣଙ୍କ ଏନେଇ ଏତଲା ଦେବା ପରେ ଦୈତାରୀ ଥାନା ପୋଲିସ ମାମଲା ରୁଜୁ କରି ଚଗଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି।

# ପୂର୍ବତନ ମେୟର କୋର୍ଟରେ ହାଜର, ଜାମିନ ଖାରଜ

**ଜମି ହଡ଼ପ ମାମଲା**

ବ୍ରହ୍ମପୁର ଅଫିସ,୮।୧୦

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ଶୁକ୍ରବାର କଡ଼ା ସୁରକ୍ଷା ବଳୟରେ ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ)-୨ ସଂଘମିତ୍ରା ଶର୍ମାଙ୍କ କୋର୍ଟରେ ହାଜର କରାଯାଇଥିଲା। କନିଷି ଅଞ୍ଚଳରେ ଜମି ହଡ଼ପ ନେଇ ତାଙ୍କ ନାମରେ ମୋଟ ୫ଟି ମାମଲା ରୁଜୁ ହୋଇଛି। ଶୁକ୍ରବାର କୋର୍ଟ ଗୋଟିଏ ମାମଲାରେ ତାଙ୍କର ଜାମିନ ନାମଞ୍ଜୁର କରିଛନ୍ତି। କନିଷି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଜାତିଆଣ ମନ୍ତବ୍ୟ ଦେବା ସହ ଧମକ ଦେଇ ଜମି ହଡ଼ପ କରିଥିବା ନେଇ ପିଣ୍ଟୁଙ୍କ ନାମରେ ଅଭିଯୋଗ ହୋଇଥିଲା। ଗତ ୨୦୧୭ରୁ ପର୍ଯ୍ୟାୟକ୍ରମେ ଏଭଳି ୫ଟି ମାମଲା ପିଣ୍ଟୁଙ୍କ ବିରୋଧରେ ଗୋଲନ୍ଥରା ଥାନାରେ ରୁଜୁ ହୋଇଥିଲା। ଗୋଟିଏ ମାମଲାରେ ଜାମିନ୍ ପାଇଁ ତାଙ୍କର ଓକିଲ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇଛି। ସେପଟେ ମାମଲାର ବିଚାର ବେଳେ ସାକ୍ଷୀମାନେ ଆସୁ ନଥିବାରୁ ସେମାନଙ୍କୁ କେସରୁ ବାଦ୍ ଦିଆଯାଉ ବୋଲି ପିଣ୍ଟୁଙ୍କ ଓକିଲ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ବିଚାର ଆସନ୍ତା ୧, ୨ ଓ ୩ ତାରିଖକୁ ରଖାଯାଇଛି। ପିଣ୍ଟୁଙ୍କ ସମେତ ଅନ୍ୟତମ ଅଭିଯୁକ୍ତ ଗୋବିନ୍ଦ ପ୍ରଧାନ ଓ ସି.ଏଚ୍ ତ୍ରିନାଥଙ୍କୁ ମଧ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଣ୍ଡା, କପିଳେଶ୍ୱର ପଟ୍ଟନାୟକ, ଶିବ ନାରାୟଣ ସାହୁ, କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।



କେନ୍ଦୁଝର ଜିଲାର ବିକାଶ ପାଇଁ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା, ଆନନ୍ଦପୁର ଓ ଚମ୍ପୁଆକୁ ରେଳପଥ ସଂଯୋଗ ଆଦି ୪ ଦଫା ଦାବି ନେଇ ମା’ ଧନେଇ ସେବାସଂଘ ଆନନ୍ଦପୁର ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କେନ୍ଦୁଝରରେ ଡିଆର୍‌ଏମ୍

**ଯୁବ ପରିଷଦ ପକ୍ଷରୁ ଦାବିପତ୍ର**

କେନ୍ଦୁଝର,୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ଖୋର୍ଦ୍ଧା ଡିଆର୍‌ଏମ୍ (ଡିଭିଜନାଲ ରେଲୱେ ମ୍ୟାନେଜର) ରିଙ୍କେଶ ରାୟଙ୍କୁ ସ୍ଥାନୀୟ ଯୁବ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ପାଇଁ ବନ୍ଦ ଥିବା କେନ୍ଦୁଝରଗଡ଼ ଦେଇ ଯାଉଥିବା ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ ପୁନଃ ଚଳାଚଳ, କେନ୍ଦୁଝରଗଡ଼ ଦେଇ ଅନ୍ୟୁନ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ଯାତ୍ରୀଙ୍କ ସୁବିଧା ଯାତାୟାତ ପାଇଁ ଟ୍ରେନ୍ ଚଳାଚଳ, ବିଶାଖାପାଟଣା-ଟାଟାକୁ ସପ୍ତାହରେ ଦିନେ ଚଳାଚଳ କରୁଥିବା ଟ୍ରେନ୍‌କୁ ଦୈନିକ କରିବା ଓ ଯାଜପୁର ରୋଡ୍ (ସୁକିନ୍ଦା) ଦେଇ କୋଲକାତାରୁ କେନ୍ଦୁଝରକୁ ଏକ ନୂତନ ଟ୍ରେନ୍ ଚଳାଚଳ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ସନ୍ତୋଷ ମହାପାତ୍ର, ଅସିତ୍ ପଟ୍ଟନାୟକ, ସୁକୁମାର ସାହୁ, ଜିତୁ ପଟ୍ଟନାୟକ, ଦୀପକ ମହାନ୍ତି, ସଞ୍ଜୟ ନାୟକ, ସାଗର ମହାରଣା, ସତ୍ୟଭାନ ସାହୁ, ନନ୍ଦ ପଟ୍ଟନାୟକ, ମଙ୍ଗଳ ଜେନା, ରିଙ୍କୁ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଖୋର୍ଦ୍ଧା ଡିଆର୍‌ଏମ୍ ରିଙ୍କେଶ ରାୟଙ୍କୁ ଯୁବ ପରିଷଦ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

# ଓଏଏସ୍ ପାଇଲେ କନ୍ଧମାଳର କିରଣ କୁମାର, ସୋନମ

ଫୁଲବାଣୀ ଅଫିସ/ ଦାରିଙ୍ଗବାଡି(ଡି.ଏନ.ଏ),୮।୧୦



କିରଣ କୁମାର ମହାନ୍ତି , ସୋନମ ପ୍ରିୟଦର୍ଶନୀ

ଓଡିଶା ସିଭିଲ ସର୍ଭିସ(ଓଏଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କନ୍ଧମାଳ ଜିଲା ଫୁଲବାଣୀ ସହରର କିରଣ କୁମାର ମହାନ୍ତି ଓ ଦାରିଙ୍ଗବାଡିର ସୋନମ ପ୍ରିୟଦର୍ଶନୀ କୃତିତ୍ୱ ହାସଲ କରିଛନ୍ତି। କିରଣ କୁମାର ଷଷ୍ଠ ସ୍ଥାନରେ ରହିଥିବା ବେଳେ ସୋନମ ୬୮ତମ ସ୍ଥାନରେ ରହିଛନ୍ତି। କିରଣ ଜଣେ ମେଧାବୀ ଛାତ୍ର ଥିଲେ । ସପ୍ତମ ଶ୍ରେଣୀ ଏନ୍‌ଆରଟିଏସ୍ ପରୀକ୍ଷାରେ ଜିଲାରେ ଟପ୍ପର ହୋଇଥିଲେ। ମାଟ୍ରିକରେ ୯୩.୬୭ ପ୍ରତିଶତ ମାର୍କ ରଖି ମଧ ଜିଲାରେ ଟପ୍ପର ହେବା ସହ ଅମୂଲ ବିଦ୍ୟାଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ବକ୍ତୃତାରେ ମଧ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେହିପରି ସୋନମ ଦାରିଙ୍ଗବାଡିର ଏକ ସରକାରୀ ସ୍ୱିକୃତିପ୍ରାପ୍ତ ବିଗ୍ରେଡ୍ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପଞ୍ଚମ ପରେ ବ୍ରହ୍ମପୁର ଯାଇ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱରରେ ଯୁକ୍ତ ଦୁଇ ପଢ଼ା ଶେଷ କରିଥିଲେ। କିଟ ବିଶ୍ୱ ବିଦ୍ୟାଳୟରେ ବିଟେକ୍ ପାଠପଢ଼ା ଶେଷ କରି ପ୍ରଶାସନିକ ସେବା ପରୀକ୍ଷା ପାଇଁ ଦିଲ୍ଲୀରେ ରହି ପ୍ରସ୍ତୁତି କରିଥିଲେ। ସୋନମ ହେଉଛନ୍ତି ବହୁମୁଖି ସମବାୟ ସମିତିର ତତ୍କାଳ ଏମ.ଡି ସ୍ୱର୍ଗତ ସୂର୍ଯ୍ୟ ଚନ୍ଦ୍ର ସାହୁଙ୍କ ଝିଅ। ମା’ଙ୍କ ନାମ ମମତା ସାହୁ ।

# ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଜବତ

ଜଳେଶ୍ୱର, ୮।୧୦(ଡି.ଏନ୍.ଏ.)

ସମ୍ବଲପୁର ଜିଲାର ରେଡାଖୋଲରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକଅପ୍ ବନବିଭାଗ କର୍ମଚାରୀମାନେ ବାଲେଶ୍ୱର ଜିଲାର ଜଳେଶ୍ୱରଠାରେ ଜବତ କରିଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଚୋରାରେ ଚାଲାଣ ହେଉଥିବା ବନବିଭାଗ କର୍ମଚାରୀମାନେ ପ୍ରକାଶ କରିଛନ୍ତି । ପିକ୍‌ଅପ ଦ୍ରୁତଗତିରେ ଖସି ପଳାଇଯାଉଥିବା ବେଳେ ରାଜଘାଟଠାରୁ ବନବିଭାଗ କର୍ମଚାରୀମାନେ ଗୋଡାଇଥିଲେ । ଓଡିଶା-ପଶ୍ଚିମବଙ୍ଗ ସୀମାଠାରୁ ଉକ୍ତ ପିକ୍‌ଅପ୍‌କୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖି ପଚାରାଉଚରା କରାଯାଉଛି।

# ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୮।୧୦

ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣା ବ୍ରହ୍ମପୁର ଅଞ୍ଚଳର କାର୍ତ୍ତିକ ସେଠୀ। ତାଙ୍କ ଠାରୁ ଏକ ମୋବାଇଲ ଫୋନ ଜବତ କରାଯାଇଛି। ମାମଲା ନଂ.୨୦୭/୨୧ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କାର୍ତ୍ତିକ ସମ୍ପୃକ୍ତା ସାବାଳିକା ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ତାଙ୍କୁ ବିବାହ କରିବା ପାଇଁ ବାରମ୍ବାର ଅନୁରୋଧ କରି ବିଫଳ ହେବାରୁ ପ୍ରତିଶୋଧ ପରାୟଣ ହୋଇ ଛାତ୍ରୀଙ୍କ ଫଟୋ ଫେସବୁକରେ ଅପଲୋଡ କରିବେ ବୋଲି ଧମକ ଦେଉଥିଲେ। ନିକଟରେ ଛାତ୍ରୀଙ୍କ ଅନ୍ୟତ୍ର ବିବାହ ପାଇଁ ସ୍ଥିର ହୋଇଥିବା ବେଳେ କାର୍ତ୍ତିକ ଚକ୍ରାନ୍ତ କରି ଉକ୍ତ ପ୍ରସ୍ତାବ ଭାଙ୍ଗି ଦେଇଥିଲେ।

# ମେଡିକାଲ ଛାତରୁ ପ୍ଲାଷ୍ଟର ଖସି ଆହତ ରୋଗୀଙ୍କ ମୃତ୍ୟୁ

ବାରିପଦା ଅଫିସ,୮।୧୦

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ଡାକ୍ତରଖାନା ଛାତରୁ ରବିବାର ପ୍ଲାଷ୍ଟର ଖସି ଚିକିତ୍ସାଧିନ ଜଣେ ରୋଗୀ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ଶୁକ୍ରବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟା ବ୍ଲକ ଅଧୀନ ପୋଡ଼ାଅସ୍ତିଆ ଅଞ୍ଚଳର ଚକ୍ରଧର ସିଂ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଜେଏମଏମ୍ ଦାବି କରିଛି।

# ଗୋ ମାଂସ କଟାକୁ ନେଇ ଉତ୍ତେଜନା

ଆର.ଉଦୟଗିରି,୮।୧୦(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବେବିରି ନୂଆସାହି ଗ୍ରାମରେ ଶୁକ୍ରବାର ଗୋ ମାଂସ କଟାକୁ ନେଇ ଉତ୍ତେଜନା ଦେଖାଦେଇଛି। ଅଡବାଠାରୁ ମାତ୍ର ୨କି.ମି. ଦୂରରେ ଥିବା ବେବିରି ଗ୍ରାମରେ କିଛି ପର୍ବ ପାଳନକୁ ନେଇ ଭୋଜି ଭାତର ଆସର ଜମିଥିଲା। ତେବେ ଭୋଜି ପାଇଁ ଗୋରୁକୁ ହତ୍ୟା କରାଯାଇଥିବା ଖବର ପାଇ ଅଡ଼ବା ଗ୍ରାମର କିଛି ଯୁବ ଗୋଷ୍ଠୀ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଏନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଡବା ପୋଲିସ ପହଞ୍ଚିଥିଲା ବେଳେ ଗୋ ମାଂସକୁ କଟାଳିମାନେ ପଳାଇଥିଲେ।

# ଦ୍ୱିତୀୟ ଦିନରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ଆସିକା,୮।୧୦(ଡି.ଏନ.ଏ.)

ଆସିକା ବ୍ଲକ ଓ ଏନ୍‌ଏସିର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଓ ସହାୟିକାମାନେ ୧୪ ଦଫା ଦାବି ନେଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଚଳାଇଥିବା ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ସିଡିପିଓ ଭାରତୀ ମହାପାତ୍ର ଅଙ୍ଗନୱାଡି କର୍ମୀ ସଂଘ ସଭାନେତ୍ରୀ ଅନୁସୂୟା ରେଡ୍ଡୀ, ସମ୍ପାଦିକା ଗାୟତ୍ରୀ ପଣ୍ଡାଙ୍କ ସମେତ ଏକ ୫ଜଣିଆ ପ୍ରତିନିଧି ଦଳ ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ଦାବି ପୂରଣ ପାଇଁ କୌଣସି ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବା ସଂପାଦିକା ପଣ୍ଡା ସୂଚନା ଦେଇଛନ୍ତି। ପ୍ରାକ ବିଦ୍ୟାଳୟ ଶିଶୁଙ୍କୁ ପୋଷାକ ବଣ୍ଟନ ବିଭାଗୀୟ ନିର୍ଦ୍ଦେଶ ମୁତାବକ କରିବା, ନଳବଣ୍ଟା, କେ.ନୂଆଗାଁ, ବାଙ୍ଗରଡା ଆଦି କେନ୍ଦ୍ରର କର୍ମୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା, କେନ୍ଦ୍ର ପାଇଁ ୫କେଜି ବଦଳରେ ୧୪ କେଜି ଗ୍ୟାସ ସିଲିଣ୍ଡର ପ୍ରଦାନ କରିବା, ଠିକ ଓଜନ ଓ ପର୍ଯ୍ୟାପ୍ତ ପରିମାଣର ଚାଉଳ ଯୋଗାଣ କରିବା, ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଲାଗି ଆସୁଥିବା ଅର୍ଥ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଦାନ କରିବା ଆଦି ଦାବି ରହିଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ଧାରଣାରେ ବସିଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ।

# ବିଶ୍ୱବିଦ୍ୟାଳୟ ଆଗରେ ୪୦ କଲେଜ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରଙ୍କ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଅନଲାଇନ୍ ପରୀକ୍ଷା ଦାବି ତେଜିଲା**

ବାଲେଶ୍ୱର ଅଫିସ, ୮।୧୦

ଯୁକ୍ତ ୩ ପ୍ରଥମ ସେମିଷ୍ଟର ଅନ୍‌ଲାଇନ ଜରିଆରେ କରିବା ପାଇଁ ଦାବି କରି ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୪୦ କଲେଜର ଶତାଧିକ ଛାତ୍ରୀଛାତ୍ର ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଛାତ୍ରମାନେ ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସ୍‌ରେ ଏକାଠି ହୋଇ ଶୁକ୍ରବାର ଧାରଣା ଦେଇଥିଲେ। ପୂର୍ବରୁ ଛାତ୍ରୀଛାତ୍ରମାନେ ଅନଲାଇନ୍‌ରେ ସେମିଷ୍ଟର କରିବା ପାଇଁ ବାରମ୍ବାର ଦାବି ଜଣାଇଥିଲେ ମଧ ଅଫଲାଇନ୍ ନୋଟିସ୍ ବାହାରିବାରୁ ବିରୋଧ କରିଆସୁଥିଲେ। ଅଦ୍ୟାବଧି କରୋନା ମହାମାରୀର ପ୍ରକୋପ କମି ନ ଥିବା ବେଳେ ଛାତ୍ରୀଛାତ୍ର ଅଫଲାଇନ୍ ପରୀକ୍ଷାକୁ ବିରୋଧ କରିଛନ୍ତି। ଏ ସମ୍ପର୍କରେ କୁଳପତିଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଶେଷରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଶେଷରେ ଆସନ୍ତା ୨୧ ତାରିଖରୁ ଅନଲାଇନ ପରୀକ୍ଷା ହେବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନୋଟିସ୍ ଜାରି କରିବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

ଶେରଗଡ,୮।୧୦(ଡି.ଏନ.ଏ.)

ଶେରଗଡ଼ ଷ୍ଟେଟବ୍ୟାଙ୍କ ସାମନା ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଘ୍ନେଶ ଗୌଡ଼(୨୫)। ବିଘ୍ନେଶ ନିଜ ସାଇକେଲରେ ଚାରିଛକରୁ ତାକରଡା ଅଭିମୁଖେ ଯାଉଥିବା ବେଳେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ବିଘ୍ନେଶର ମୃତ୍ୟୁ ଘଟିଥିଲା। ଶେରଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା। ... ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି। – ଶ୍ରୀମା



# ନୂଆ ଧାରା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ଉପ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ବେଶ୍ ଉତ୍ସାହିତ ତଥା ଅଶ୍ୱସ୍ତ ଅଛନ୍ତି। ଏହା ତାଙ୍କ ଆତ୍ମବିଶ୍ୱାସ ବି ବଢ଼ାଇଦେଇଛି। ଏହି ବିଜୟ ପରେ ଏବେ ସେ କେନ୍ଦ୍ର ସରକାରଙ୍କ ଶୈଳୀ ବା ଧାରାରେ ରାଜ୍ୟ ସରକାରରେ ଲାଟେରାଲ ଏଣ୍ଟ୍ରି (ଘରୋଇ କ୍ଷେତ୍ରର ବିଶେଷଜ୍ଞ ବା ଅନୁଭବୀ ଉଚ୍ଚାଧିକାରୀମାନଙ୍କୁ ସରକାରୀ ବିଭାଗରେ ନିଯୁକ୍ତି ଦେବାର ପ୍ରକ୍ରିୟା) ଆରମ୍ଭ କରିବାକୁ ବିଚାର କରୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ସ୍ୱତନ୍ତ୍ର ସଚିବ ଓ ଯୁଗ୍ମ ସଚିବ ପଦବୀଗୁଡ଼ିକରେ ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ଅବସ୍ଥାପିତ କରିବା ପାଇଁ ଆଶା ବାନ୍ଧିଛନ୍ତି। ଏହାଦ୍ୱାରା ଲାଟେରାଲ ଏଣ୍ଟ୍ରିରେ ରାଜ୍ୟର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇବାକୁ ଥିବା ବିଶେଷଜ୍ଞମାନେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ମମତାଙ୍କ ଶେଷ ସ୍ୱୀକୃତି ପାଇଁ ଦାଖଲ ହେବାକୁ ଥିବା ଚୂଡ଼ାନ୍ତ ପ୍ରସ୍ତାବକୁ ରାଜ୍ୟ ଗୃହସଚିବ ବି.ପି.ଗୋପାଳିକା ପ୍ରସ୍ତୁତ କରୁଥିବା ଜଣାପଡିଛି। ଏହି ପ୍ରସ୍ତାବିତ ନିଯୁକ୍ତିଗୁଡ଼ିକ ଚୁକ୍ତିଭିତ୍ତିକ ହେବ ଏବଂ ଲାଟରାଲ ଏଣ୍ଟ୍ରିରେ ନିଯୁକ୍ତି ପାଇବାକୁ ଥିବା ବିଶେଷଜ୍ଞମାନଙ୍କ ଆବଶ୍ୟକ ଅଭିଜ୍ଞତା ଅତିକମ୍‌ରେ ୧୫ ବର୍ଷ ହେବ ବୋଲି କୁହାଯାଉଛି। ଏମାନଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଗୃହ ବିଭାଗ ଏବଂ ପ୍ରଶାସନିକ ସଂସ୍କାର ବିଭାଗ ଦ୍ୱାରା କରାଯିବ। ସ୍ପଷ୍ଟତଃ,ବେସାମରିକ ବିମାନ ଚଳାଚଳ, ବାଣିଜ୍ୟ ଏବଂ ଅର୍ଥନୀତି ବ୍ୟାପାରରେ ଅଭିଜ୍ଞତା ଥିବା ୪୦ ବର୍ଷ ବୟସରୁ କମ୍ ବିଶେଷଜ୍ଞମାନଙ୍କୁ ସରକାର ନିଯୁକ୍ତି ଦେବାକୁ ଚାହୁଁଛନ୍ତି। ତେବେ ପର୍ଯ୍ୟବେକ୍ଷକମାନେ ସୂଚାଇ ଦେଇଛନ୍ତି ଯେ, ୨୦୧୮ରେ ପ୍ରଥମେ କେନ୍ଦ୍ରର ଲାଟେରାଲ ଏଣ୍ଟ୍ରି ଯୋଜନା ଘୋଷଣା କରାଯାଇଥିଲା। ଏଥିରେ ଶୀଘ୍ର ଓ ସହଜରେ ଯେଭଳି ସଫଳତା ମିଳିବ ବୋଲି ସମସ୍ତେ ଆଶା କରୁଥିଲେ, ତାହା ହୋଇପାରିନାହିଁ। କିନ୍ତୁ ଏହା କଷ୍ଟକର ହେଲେ ମଧ୍ୟ ଏ ବାବଦରେ କେନ୍ଦ୍ର ଲଗାତର କାର୍ଯ୍ୟ କରିଆସୁଛି। ଚଳିତ ବର୍ଷ ପ୍ରାରମ୍ଭରେ ନିଯୁକ୍ତି ପାଇଁ ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକ ସ୍ତରୀୟ ପଦରେ ଲାଟେରାଲ ନିଯୁକ୍ତି ପାଇଁ ବିଜ୍ଞାପନ ମଧ୍ୟ ଦେଇଛି।

### ବିଚିତ୍ର ମାମଲା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ସତ୍ୟବ୍ରତ କୁମାର ଏବେ କାର୍ଯ୍ୟକାରୀ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ବଢ଼ାଇବା ଲାଗି ଇଡି ଅର୍ଥ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛି ଓ ମନ୍ତ୍ରଣାଳୟ ଏହାକୁ ଅସ୍ୱୀକାର କରିଛି। ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ସତ୍ୟବ୍ରତ କୁମାରଙ୍କୁ ରିଲିଭ୍ କରିବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଇଡିକୁ ପରାମର୍ଶ ଦେଇଥିବା ମଧ୍ୟ ବିଶେଷ ସୂତ୍ରରୁ ଜଣାପଡ଼ିଛି। ସତ୍ୟବ୍ରତଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ଦେବା ପାଇଁ ତାଙ୍କ ପାର୍ଥିତ୍ୱକୁ ସିଭିସି ନେତୃତ୍ୱରେ ଗଠିତ କମିଟି ସମ୍ମୁଖରେ ଉପସ୍ଥାପନ କରିବାର ପ୍ରସ୍ତାବକୁ ମଧ୍ୟ ମନ୍ତ୍ରଣାଳୟ ଗ୍ରହଣ କରିନାହିଁ। ଏହି ମାମଲାରେ ଆବଶ୍ୟକ ପଡ଼ିଲେ ଇଡି ସୁପ୍ରିମ୍‌କୋର୍ଟ ଯାଇପାରେ ବୋଲି କୁହାଯାଉଛି। ଏଭଳି ଘଟଣା ଘଟିଚାଲିଥିବାବେଳେ ଓ ନିର୍ଦ୍ଦେଶଗୁଡ଼ିକ ଅଜବ ମନେହେଉଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସ୍ୱୀକୃତି ବାସ୍ତବରେ ଏହାକୁ ଏକ ବିଚିତ୍ର ମାମଲା କରିଦେଇଛି ବୋଲି ଅନେକ ଆଲୋଚନା କରୁଛନ୍ତି। କୌତୂହଳର ବିଷୟ, ଏହା ଜଣାପଡ଼ିଛି ଯେ,ଆଇଆର୍‌ଏସ୍ ଅଧିକାରୀ କୁମାର ତାଙ୍କ ମୂଳ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଅବଗତ ନ ଥିଲେ। ଏହା ସହ ଆଉ ଜଣେ ଇଡି ଅଧିକାରୀ ତଥା ସ୍ପେଶିଆଲ ଡାଇରେକ୍ଟର( ମୁମ୍ବାଇ)ଥିବା ସୁଶୀଲ କୁମାର ମଧ୍ୟ ଚଳିତ ବର୍ଷ ଜୁଲାଇରେ ତାଙ୍କ ମୂଳ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### କାର୍ଯ୍ୟକାଳ ଲମ୍ବିଚାଲିଛି

ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ ଗୋଟିଏ ପଦବୀରେ ରହିଥିବା ବାବୁ ଦ୍ୱିତୀୟ ପାଳିରେ ସେଥିରେ ରହିବା ବିରଳ। କିନ୍ତୁ ଇଣ୍ଡିଆ ଟ୍ରେଡ ପ୍ରମୋଶନ ଅର୍ଗାନାଇଜେଶନ( ଆଇଟିପିଓ)ର ସିଏମ୍‌ଡି ଏଲ୍.ସି. ଗୋୟଲଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିଛି। ଗତ ମାସରେ ଗୋଏଲଙ୍କ କାର୍ଯ୍ୟକାଳ ଅପ୍ରତ୍ୟାଶିତ ଭାବେ ଲଗାତର ୫ମ ଥର ପାଇଁ ବୃଦ୍ଧି କରାଯାଇଛି। ଫଳରେ ତାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷଯାଏ ଲମ୍ବିଯାଇଛି। ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ତଥା ଅବସରପ୍ରାପ୍ତ ୧୯୭୯ ବ୍ୟାଚ୍ କେରଳ କ୍ୟାଡର ଆଇଏଏସ୍ ଅଧିକାରୀ ଗୋଏଲଙ୍କୁ ଆଇଟିପିଓ ମୁଖ୍ୟ ଭାବେ ୨୦୧୫ରେ ନିଯୁକ୍ତି ଦିଆଯାଇଥିଲା। ଗୋଏଲଙ୍କ ଦୀର୍ଘଦିନର କାର୍ଯ୍ୟକାଳକୁ ନେଇ ବହୁ ସମୟରେ ଦିଲ୍ଲୀବାବୁମାନେ ମଧ୍ୟ ଚର୍ଚ୍ଚା କରିଥାଆନ୍ତି। ଗୋଏଲ ସମାନ ପଦବୀରେ ଲଗାତର ସ୍ଥାୟୀ ଭାବେ ରହି ଆସିଛନ୍ତି। କାରଣ ଗୋଏଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରିୟ ଯୋଜନାର ନେତୃତ୍ୱ ନିଅନ୍ତି। ଏବେ ପ୍ରଗତି ମଇଦାନରେ ଇଣ୍ଟରନ୍ୟାଶନାଲ ଏକ୍ସିବିଶନ ଆଣ୍ଡ୍ କନ୍‌ଭେନସନ ସେଣ୍ଟର ବା ଅନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ ସମ୍ମିଳନୀ କେନ୍ଦ୍ରକୁ ପୁନଃବିକଶିତ କରିବା ଦାୟିତ୍ୱରେ ଗୋଏଲ ରହିଛନ୍ତି। ଏହି କେନ୍ଦ୍ରର ବିକାଶ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଭାବେ ମୋଦି ପ୍ରଥମେ ଘୋଷଣା କରିଥିଲେ। ମୋଦି ଗୋଏଲଙ୍କୁ ପସନ୍ଦ କରିବାର କାରଣ ବି ରହିଛି। ଗୋଏଲ ଜଣେ ସାଦାସିଧା ଓ ବାସ୍ତବବାଦୀ ବ୍ୟକ୍ତି ଭାବେ ବାବୁମାନଙ୍କ ମଧ୍ୟରେ ବେଶ୍ ଜଣାଶୁଣା। ମୋଦି ତାଙ୍କ ନୂଆ ଭାରତରେ ସମ୍ମିଳନୀ କେନ୍ଦ୍ର ଏକ ପ୍ରତୀକ ହେଉ ବୋଲି ଚାହାନ୍ତି ଏବଂ ଗୋଏଲ ଏହା କରିପାରିବେ ବୋଲି ନିଶ୍ଚିତ କରିବାକୁ ହେବ।

Email: dilipcherian@gmail.com

# ତୈଳ ଦର ବୃଦ୍ଧି ପାଇଁ ଦାୟୀ କିଏ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

୮୦ ଦଶକର ଚିରସବୁଜ ଅକ୍ଷୟ ମହାନ୍ତିଙ୍କର ଗୋଟିଏ ଗୀତ ''ଯା'ରେ ଭାସି ଭାସି ଯା'...'' ମନେପଡୁଛି। ସେହି ଗୀତରେ ଗୋଟିଏ ଧାଡ଼ି ଥିଲା ''ଭୁବନେଶ୍ୱରର କିରାନି ବର ମାଗୁଛି ଫଟଫଟିଆ''। ଏହା ସୂଚାଇ ଦେଉଛି ଯେ ସେତେବେଳେ କିରାନି ଜ୍ୱାଇଁଟିଏ କରିବାକୁ ହେଲେ ଗୋଟିଏ ଫଟଫଟିଆ ଅର୍ଥାତ୍ ଦୁଇଚକିଆ ସ୍କୁଟର ବା ଲୁନାଟିଏ ଦେବା ବାଧ୍ୟତାମୂଳକ ଥିଲା। ଏହା ଥିଲା ଆପଣଙ୍କର ଆଭିଜାତ୍ୟର ସୂଚକ ବା ଯାହାକୁ ଇଂଲିଶରେ କୁହାଯାଏ ଷ୍ଟାଟସ୍ ସିମ୍ବଲ। ବର୍ତ୍ତମାନ କିନ୍ତୁ ପରିସ୍ଥିତି ଭିନ୍ନ। ପିଅନଟିଏ ହେଉ ବା କୌଣସି ବେସରକାରୀ ସଂସ୍ଥାରେ ମାସିକ ସ୍ୱଳ୍ପ ଦରମା ପାଉଥିବା ଲୋକ ମଧ୍ୟ ଯୌତୁକ ଆକାରରେ ମୋଟରସାଇକେଲଟିଏ ମାଗୁଛି ଏବଂ କନ୍ୟାପିତା ବାଧ୍ୟ ହୋଇ ଦେଉଛନ୍ତି। ବର୍ତ୍ତମାନ ଗାଁ ଗଣ୍ଡାରେ ଛୋଟ ଗାଡ଼ିର ବ୍ୟବହାର ହେଉଛି। ସେହି ଅନୁପାତରେ ଗାଡ଼ିର ଇନ୍ଧନ ହିସାବରେ ପେଟ୍ରୋଲର ଚାହିଦା ମଧ୍ୟ ବଢୁଛି। ସାଧାରଣ ଲୋକଟିଏ ମଧ୍ୟ ଚାଲିକରି ଯିବାକୁ ଇଚ୍ଛା ପ୍ରକାଶ କରୁନାହିଁ। ବାଇକ୍‌ଟିଏ ନ ହେଲେ ବାହାରକୁ ଯିବା ସତେଯେପରି ତା'ପକ୍ଷେ ଅସମ୍ଭବ। ଏକଥା କହିବାର ଉଦ୍ଦେଶ୍ୟ ହେଲା, ବର୍ତ୍ତମାନ ତୈଳ ଦର ଯେପରି ହୁ ହୁ ହୋଇ ବଢ଼ିଚାଲିଛି ସାଧାରଣ ଲୋକ ପକ୍ଷରେ ଦୁଇଚକିଆ ଯାନଟିଏ ବ୍ୟବହାର କରିବା କଷ୍ଟସାଧ୍ୟ ହୋଇପଡୁଛି। କିନ୍ତୁ ଆମେ ଏହି ଯାନ ଉପରେ ଏତେ ନିର୍ଭରଶୀଳ ଯେ ଆମେ ଯେତେ ଖର୍ଚ୍ଚ ପଡୁପଛେ ତହିଁରେ ଇନ୍ଧନ ଭର୍ତ୍ତି କରି କାର୍ଯ୍ୟ ସମ୍ପନ୍ନ କରିବାକୁ ଆଗଭର ହେଉଛୁ। ସୁତରାଂ ତୈଳ ଦର ବୃଦ୍ଧି ନେଇ ସାଧାରଣ ଜନତାର ପ୍ରତିବାଦ ଅତି କ୍ଷୀଣ। ଏବେ ପେଟ୍ରୋଲ ଦର ସହିତ କାନ୍ଧକୁ କାନ୍ଧ ମିଳାଇ ଡିଜେଲ ଦର ମଧ୍ୟ ବଢ଼ିଚାଲିଛି। ଏହାର ଫଳସ୍ୱରୂପ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଗଲାଣି। ବଡ଼ଲୋକଙ୍କ କଥା ଛାଡ଼, ସାଧାରଣ ଖାଉଟି ମଧ୍ୟ ଏଥିପାଇଁ ହନ୍ତସନ୍ତ ହୋଇଯାଉଛି।

ପେଟ୍ରୋଲ ଦର ୧୦୦ଟଙ୍କା ଅତିକ୍ରମ କରି ସାରିଲାଣି। ମଝିରେ ମଝିରେ ଗଣମାଧ୍ୟମରେ ସରକାରଙ୍କ ସୁହାଇଲା ଭଳି ଖବର ମଧ୍ୟ ପ୍ରକାଶ ପାଉଛି– ''ଗ୍ରାହକଙ୍କ ପାଇଁ ସୁଖବର; ତୈଳ ଦର କମିଗଲା।'' କିନ୍ତୁ ଏହି କମିବାର ପରିମାଣ କେତେ ତାହା ଆପଣ ଜାଣନ୍ତି କି? ଅତିବେଶିରେ ଏହା ୩୦ ବା ୪୦ ପଇସା ମଧ୍ୟରେ ସୀମାବଦ୍ଧ।

ମସିହାଟି ଠିକ୍ ଭାବେ ମନେପଡୁନାହିଁ। ସେତେବେଳେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥା'ନ୍ତି ଏବଂ ଅଟଳ ବିହାରୀ ବାଜପେୟୀ ଥାଆନ୍ତି ବିରୋଧୀ ଦଳରେ। ତୈଳ ଦର ହଠାତ୍ ବୃଦ୍ଧି ପାଇବାରୁ ପ୍ରତିବାଦ ସ୍ୱରୂପ ଅଟଳ ବିହାରୀ ବାଜପେୟୀ ବଳଦ ଗାଡ଼ିରେ ବସି ପାର୍ଲାମେଣ୍ଟକୁ ଆସିଥିଲେ। ଅତୀତରେ ୟୁପିଏ ସରକାର ବେଳେ ମଧ୍ୟ ଡିଜେଲ ଓ ପେଟ୍ରୋଲ ଦର ବଢ଼ିଥିଲା, ସେତେବେଳେ ମନମୋହନ ସିଂହଙ୍କ ସରକାର ଶାସନରେ ଥିଲେ। ତୈଳ ଦର ବୃଦ୍ଧି ନେଇ ସରକାର ପ୍ରକାଶ କରିଥିଲେ ଯେ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ହେତୁ ଆମେ ତୈଳ ଦର ବୃଦ୍ଧି କରିବାକୁ ବାଧ୍ୟ। ତଥାପି ସେତେବେଳେ ବିରୋଧୀ ଦଳରେ ଥିବା ଭାରତୀୟ ଜନତା ପାର୍ଟି ( ଭାଜପା) ଏହି ତୈଳ ବୃଦ୍ଧିକୁ ନେଇ ବେଶ୍ ସମାଲୋଚନା କରିବା ଆମର ମନେଅଛି। ସେତେବେଳେ ସେମାନେ ଆନ୍ଦୋଳନ କରି ରାସ୍ତାଘାଟ କମ୍ପାଉଥିଲେ ଏବଂ ତୈଳ ଦର ବୃଦ୍ଧି ପ୍ରତିବାଦରେ ଭାରତ ବନ୍ଦ ଡାକରା ମଧ୍ୟ ଦେଇଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ୨୦୧୨ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ଏହି ତୈଳଦର ବୃଦ୍ଧିକୁ ନେଇ ସେ ମନମୋହନ ସରକାରଙ୍କ ବିଫଳତା ଦର୍ଶାଇଥିଲେ। ଏପରି ଆଦର୍ଶ ଦୃଷ୍ଟିରୁ ଭିନ୍ନ ହେଲେ ମଧ୍ୟ ଏନ୍‌ଡିଏ ଓ ବାମପନ୍ଥୀ ଦଳ ମଧ୍ୟ ଏହି ତୈଳ ଦର ବୃଦ୍ଧି ବିରୋଧରେ କାନ୍ଧକୁ କାନ୍ଧ ମିଳାଇ 'ଭାରତ ବନ୍ଦ' ଡାକରା ଦେଇଥିଲେ। ବର୍ତ୍ତମାନ ପରିସ୍ଥିତି ଯାହା ହେଲାଣି ତୈଳ ଦର ବୃଦ୍ଧି ପାଇବ ସିନା କମିବାର ଆଦୌ ସମ୍ଭାବନା ନାହିଁ। ନିକଟରେ ଅନୁଷ୍ଠିତ ୪୫ତମ ଦ୍ରବ୍ୟ ଓ ସେବା କର ପରିଷଦ ବୈଠକରେ ପେଟ୍ରୋଲ ଓ ଡିଜେଲ୍‌କୁ ଜିଏସ୍‌ଟି ପରିସରଭୁକ୍ତ କରାଯିବ ବୋଲି ଆଶା କରାଯାଉଥିଲା ; କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇପାରି ନ ଥିଲା।

୨୦୨୦ ମାର୍ଚ୍ଚରେ କରୋନା ମହାମାରୀ ଯୋଗୁ ଦେଶରେ ତାଲାବନ୍ଦ ହୋଇଥିଲା। ଏହି ସମୟରେ ପେଟ୍ରୋଲ ଓ ଡିଜେଲର ଚାହିଦା ମଧ୍ୟ କମ୍ ଥିଲା। ବର୍ତ୍ତମାନ ପରିସ୍ଥିତିରେ ମହାମାରୀକୁ ପ୍ରତିହତ କରିବା ନିମନ୍ତେ ସାରା ବିଶ୍ୱରେ ଟିକାକରଣ ଉପରେ ପ୍ରାଧାନ୍ୟ ଦିଆଯାଉଛି। ସଂକ୍ରମଣ ସ୍ଥିତିରେ ସୁଧାର ଆସୁଛି। ହାଟ ବଜାର ଖୋଲିବା ଦ୍ୱାରା ବଜାରରେ ପେଟ୍ରୋଲ ଓ ଡିଜେଲର ଚାହିଦା ବଢୁଛି; କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ଅଶୋଧିତ ତୈଳ ସେହି ଅନୁପାତରେ ବୃଦ୍ଧି କରୁନାହାନ୍ତି। ସେମାନଙ୍କ ମଧ୍ୟରେ ବୁଝାମଣା ଅଭାବ ହେବା ହେତୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କୁହାଯାଇପାରିବ। ଯୁକ୍ତରାଷ୍ଟ୍ର ଆମେରିକା ପ୍ରାୟ ୨୦–୨୫ ଦିନ ତଳେ ଏକ ସାମୁଦ୍ରିକ ଝଡ଼ର ସାମ୍ନା କରିବା ଦ୍ୱାରା ତୈଳ ଦର ପ୍ରଭାବିତ ହୋଇଛି। ଏହାର ପ୍ରଭାବ ମଧ୍ୟ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ପଡୁଛି।

ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ, ପେଟ୍ରୋଲ ଓ ଡିଜେଲ ଉପରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯଥେଷ୍ଟ ପରିମାଣରେ ଟିକସ ଆଦାୟ କରନ୍ତି ; ଯାହା କି ମୂଳ ଦର ଅପେକ୍ଷା ଢେର ଅଧିକ। ଗତ ସପ୍ତାହରେ ପେଟ୍ରୋଲ ଲିଟର ପିଛା ଟ.୧୦୩.୨୮ପଇସା ହୋଇଥିବା ବେଳେ ଏଥିରେ ମୂଳ ଦର ୪୨.୮୨ଟଙ୍କା ଥିଲା। ସେହିପରି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ରାଜ୍ୟ ଅଂଶ (ଟିକସ) ଟ.୨୪.୧୭ ପଇସା ଏବଂ ଡିଲର କମିଶନ ଟ.୩.୩୯ ପଇସା ଥିଲା। ଅନୁରୂପ ଭାବେ ଡିଜେଲ ଲିଟର ପିଛା ମୂଳ ଦର ଟ.୪୩.୯୦ ପଇସା ଥିବା ବେଳେ କେନ୍ଦ୍ରୀୟ ଉତ୍ପାଦ ଟ. ୩୩.୮୦ ପଇସା, ରାଜ୍ୟର ଅଂଶ (ଟିକସ) ଟ.୨୧.୧୭ ପଇସା ଓ ଡିଲର କମିଶନର ଟ.୨.୧୩ ପଇସା ଟଙ୍କା ଥିଲା। ବର୍ତ୍ତମାନ ବିଚାର କରନ୍ତୁ ଉଭୟ ରାଜ୍ୟ ଟିକସ ଓ କେନ୍ଦ୍ର ଟିକସ ବାବଦରେ ଖାଉଟି କେତେ ଅଧିକା ଟଙ୍କା ଦେଉଛି।

ବର୍ତ୍ତମାନ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ତେଲରୁ ଟିକସ ବାବଦରେ ଯେଉଁ ଅର୍ଥ ଆଦାୟ ହେଉଛି ତାହା ସଡ଼କ ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ଖର୍ଚ୍ଚ ହେଉଛି। ଭଲ କଥା, କିଏ ମନା କରୁଛି? କିହୋ ବାବୁ! ଯଦି ରାସ୍ତାଘାଟର ଉନ୍ନତି ପାଇଁ ତୁମେ ଟିକସ ନେଉଛ ବୋଲି ସଫେଇ ଦେଉଛ ତେବେ ସେହି ରାସ୍ତାଘାଟ ନିର୍ମାଣରେ ହୋଇଥିବା ଖର୍ଚ୍ଚକୁ ଉଠାଇବା ପାଇଁ ତୁମେ ଟୋଲ ଫି' କିପରି ଆଦାୟ କରୁଛ?

ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ଆମେ ଜାଣିବାରେ ପୁରୀରୁ ଭୁବନେଶ୍ୱର ବା ଭୁବନେଶ୍ୱରରୁ କୋଣାର୍କର ଦୂରତ୍ୱ ପ୍ରାୟ ୬୯ କି.ମି.। ଯଦି ଗାଡ଼ିରେ ଫାଷ୍ଟ ଟ୍ୟାଗ୍ ଲାଗିନାହିଁ ତେବେ ଆମକୁ ଅଧିକ ଟଙ୍କା ଦେବାକୁ ପଡୁଛି। ଯିବା ଆସିବା ହେଉଛି ୧୨୦ କି.ମି. ଏହିପରି ଭାବେ ଆମକୁ ୧୨୦କି.ମି.କୁ ବିନା ଫାଷ୍ଟ ଟ୍ୟାଗ୍‌ରେ କାର୍‌ରେ ଗଲେ ୪୬୦ ଟଙ୍କା ଦେବାକୁ ପଡୁଛି। ଏହା ଦିନ ଦ୍ୱିପ୍ରହରରେ ଡକାୟତି ନୁହେଁ ତ ଆଉ କ'ଣ? ଗୋଟିଏ କାମ ପାଇଁ ଆମେ ତୈଳ ଦର ବୃଦ୍ଧିଜନିତ ଟିକସ ଅଧିକା ଦାମ ଦେଉଛୁ ଏବଂ ଟୋଲ ଟ୍ୟାକ୍ସ ବାବଦରେ ମଧ୍ୟ କିଛି ଟଙ୍କା ଦେଉଛୁ।

ତୈଳ ଦର ବୃଦ୍ଧି ଲୋକଙ୍କ ଦେହସୁହା ହୋଇଗଲାଣି କିନ୍ତୁ ଟିକେ ଭାବି ଦେଖନ୍ତୁ ତ! ଏଇ ୬ମାସ ତଳେ ପଶ୍ଚିମବଙ୍ଗରେ ମମତା ବାନାର୍ଜିଙ୍କ ସହ ଭାଜପା ନେତାଙ୍କର ଘମାଘୋଟ ନିର୍ବାଚନ ଲଢ଼େଇ ବେଳେ କାହିଁ ବେଶ୍ କିଛିଦିନ ପାଇଁ ତୈଳ ଦର ତ ସ୍ଥିର ରହିଥିଲା? ଏକଥା କ'ଣ ଆମେ ଭୁଲିଗଲୁଣି?

ଯାହା ଜଣାପଡୁଛି ଉଭୟ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ସରକାର ଏହି ଟିକସ ହାର କମାଇବାରେ ପକ୍ଷପାତି ନୁହନ୍ତି। ସେମାନଙ୍କର କହିବା କଥା ହେଲା ଏଇ ଟିକସ ଲବ୍ଧ ଧନରୁ ଆମେ ବିକାଶମୂଳକ କାର୍ଯ୍ୟ କରୁଛୁ। ହଁ ତା' ନୁହେଁ ତ ଆଉ କ'ଣ। ଆମେ ଗୋଟିଏ ଗୋଷ୍ଠୀ ଟିକସ ଗଣି ଗଣି ନୟାନ୍ତ। ଆଉ ଗୋଟିଏ ଗୋଷ୍ଠୀ ଅର୍ଥାତ୍ ଶାସନରେ ଥିବା ସରକାର (ଯେ କୌଣସି ଦଳର ହୁଅନ୍ତୁନା କାହିଁକି) ଖର୍ଚ୍ଚ କରିବାରେ ବ୍ୟସ୍ତ। ଛତା, ଜୋତା, କମ୍ବଳ, ସାଇକେଲ, କମ୍ପ୍ୟୁଟର, କୂଅପୋଖରୀ ଖୋଳା, ପାଇଖାନା ନିର୍ମାଣ ଆଦି ଅନେକ କାର୍ଯ୍ୟରେ ଆମ ଟିକସ ପଇସାରୁ ଟଙ୍କା ଖର୍ଚ୍ଚ କରି ସରକାର ଗାଁ ଗଣ୍ଡାର ସାଧାରଣ ଜନତାଙ୍କୁ ଭଣ୍ଡାଇ ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ବ୍ୟସ୍ତ। ବୋଧହୁଏ ଗରିବ ଏମିତି ସବୁଦିନ ଗରିବ ହୋଇ ରହିଥିଲେ ନେତାଙ୍କର ଲାଭ। କିନ୍ତୁ ଆମେ ମଧ୍ୟବିତ୍ତ ଶ୍ରେଣୀ, ଖାଲି ଏତିକି କହିପାରୁ ଯେ ''ମାରିନେଲେ ମହାପାତ୍ରେ, ତୁ ଚାହିଁଛୁରେ ଜଳକା।''

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ:୯୪୩୮୦୭୨୮୫୦**

# ଅଣୁ ଗଠନର ଅଭିନବ ଉପକରଣକୁ ନୋବେଲ



ଡ. ବିକାଶ କୁମାର ଜେନା

ଚଳିତବର୍ଷ ପ୍ରସିଦ୍ଧ ଅନୁସନ୍ଧାନକାରୀ ବେଞ୍ଜାମିନ୍ ଲିଷ୍ଟ ଏବଂ ଡେଭିଡ୍ ମ୍ୟାକ୍‌ମିଲନଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୟନ କରାଯାଇଛି। ୧୯୬୮ ମସିହାରେ ବେଞ୍ଜାମିନ୍ ଲିଷ୍ଟ ଜର୍ମାନୀର ଫ୍ରାଙ୍କଫର୍ଟରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଜର୍ମାନୀର ମ୍ୟାକ୍ସ–ପ୍ଲାଙ୍କ–ଇନ୍‌ଷ୍ଟିଚ୍ୟୁଟ ଫର୍ କୋଲେନଫୋର୍ସଙ୍ଗରେ ନିର୍ଦ୍ଦେଶକ ଅଛନ୍ତି। ୧୯୬୮ ମସିହାରେ ମଧ୍ୟ ଡେଭିଡ୍ ମ୍ୟାକ୍‌ମିଲନ ଇଂଲଣ୍ଡର ବେଲଶିଲ୍‌ରେ ଜନ୍ମଗ୍ରହଣ କରିଥିଲେ ଓ ବର୍ତ୍ତମାନ ଆମେରିକାର ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ନୂଆ ଅଣୁଗୁଡ଼ିକୁ ଗଠନ କରି ପଦାର୍ଥ ନିର୍ମାଣ କରିବା ଏକ ଜଟିଳ ପ୍ରକ୍ରିୟା ଥିଲା। ସେମାନଙ୍କର ଏହି ଅପ୍ରତ୍ୟାଶିତ ଆବିଷ୍କାର ଦ୍ୱାରା ଏହା ଅତ୍ୟନ୍ତ ସହଜ ହୋଇପାରିଛି ଏବଂ ଆବଶ୍ୟକ ପଦାର୍ଥର ନିର୍ମାଣରେ ନୂତନ ସୁଯୋଗ ଦେଇଛି। ଏହି ଆବିଷ୍କାର ଦ୍ୱାରା ଔଷଧୀୟ ଦ୍ରବ୍ୟ ଗବେଷଣାରେ ବିକାଶ ହୋଇଛି। ସେମାନଙ୍କର ଏହି ପଦ୍ଧତି ଅତ୍ୟନ୍ତ ହିତକାରକ ଏବଂ ରସାୟନ ବିଜ୍ଞାନକୁ ଏକ ନୂତନ ରୂପ ଦେଇଛି। ଏହାଦ୍ୱାରା ଅତି ସହଜ ଓ ଜୈବ ଉପାୟରେ ଅନେକ ପଦାର୍ଥ ନିର୍ମାଣ କରାଯାଇପାରୁଛି।

ରସାୟନ ବିଜ୍ଞାନ ଗବେଷଣାର ପ୍ରଚେଷ୍ଟାରେ ଅନେକ ଶିଳ୍ପ ଏବଂ କାରଖାନା ଚାଲିଛି। ଏହି ଗବେଷଣା ପଦ୍ଧତି ଦ୍ୱାରା ନୂତନ ପଦାର୍ଥର ଉତ୍ପାଦନ କରାଯାଏ ; ଯାହା ଆମର ପ୍ରତିଦିନ ଜୀବନରେ ଅତ୍ୟନ୍ତ ଆବଶ୍ୟକତାକୁ ପୂରଣ କରିଥାଏ। ଯେପରି କି ଔଷଧୀୟ ଦ୍ରବ୍ୟର ପ୍ରସ୍ତୁତି, ଖାଦ୍ୟ ଓ ଶକ୍ତି ସଂରକ୍ଷଣ, ବିକଳ୍ପ ଇନ୍ଧନ ପ୍ରସ୍ତୁତି ଇତ୍ୟାଦି। ଏହି ସବୁ ଉପଯୋଗୀ ପଦାର୍ଥର ପ୍ରସ୍ତୁତିରେ ଉତ୍ପ୍ରେରକ (କାଟାଲିଷ୍ଟ) ନିହାତି ଆବଶ୍ୟକ ହୋଇଥାଏ। ଉତ୍ପ୍ରେରକ ଏକ ପଦାର୍ଥ, ଯାହା ରାସାୟନିକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରେ ଏବଂ ତ୍ୱରାନ୍ୱିତ କରେ ; ଯାହାଦ୍ୱାରା ଅତି କମ୍ ସମୟରେ ପଦାର୍ଥର ନିର୍ମାଣ କରାଯାଇଥାଏ। ଉଦାହରଣ ସ୍ୱରୂପ, ଆମ ଶରୀରରେ ଏନ୍‌ଜାଇମ୍ ଆକାରରେ ଅନେକ ଉତ୍ପ୍ରେରକ ମଧ୍ୟ ରହିଥାଏ ; ଯାହା ଜୀବନ ପାଇଁ ଆବଶ୍ୟକ ଅଣୁଗୁଡ଼ିକୁ ପ୍ରସ୍ତୁତ କରିଥାଏ।

ରସାୟନ ବିଜ୍ଞାନୀମାନେ ପଦାର୍ଥର ନିର୍ମାଣ ପାଇଁ ଉତ୍ପ୍ରେରକକୁ ଏକ ମୌଳିକ ଉପକରଣ ଭାବେ ଉପଯୋଗ କରିଥାନ୍ତି। କିନ୍ତୁ ଗବେଷକମାନେ ଦୀର୍ଘ ସମୟ ଧରି ବିଶ୍ୱାସ କରୁଥିଲେ ଯେ, ମୁଖ୍ୟତ ଦୁଇ ପ୍ରକାରର ଉତ୍ପ୍ରେରକ ଉପଲବ୍ଧ ଅଛି: (୧) ଧାତୁ ଉପରେ ଆଧାରିତ ଏବଂ (୨) ଏନ୍‌ଜାଇମ୍। ୨୦୦୦ ମସିହାରେ ବେଞ୍ଜାମିନ୍ ଲିଷ୍ଟ ଏବଂ ଡେଭିଡ୍ ମ୍ୟାକ୍‌ମିଲନ ନିରପେକ୍ଷ ଭାବରେ ଏକ ତୃତୀୟ ପ୍ରକାରର ଉତ୍ପ୍ରେରକ ବିକଶିତ କଲେ। ଏହା ସେମାନଙ୍କର ଅତ୍ୟନ୍ତ ଚମତ୍କାର ଆବିଷ୍କାର ଥିଲା। ସେମାନଙ୍କର ଏହି ସଫଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏହାକୁ ଅପ୍ରତିସାମ୍ୟ ଜୈବ ଉତ୍ପ୍ରେରଣ(ଆସିମେଟ୍ରିକ ଅର୍ଗାନୋକାଟାଲିସିସ୍) ନାମରେ ନାମିତ କରିଛନ୍ତି। ଏହା ଅତ୍ୟନ୍ତ ସହଜ ଉପାୟରେ ଜୈବଅଣୁଗୁଡ଼ିକ ଉପରେ ନିର୍ମିତ କରାଯାଇଛି। ସାଧାରଣତଃ ଏହି ଜୈବିକ ଉତ୍ପ୍ରେରକ ପରିବେଶ ଉପଯୋଗୀ ଏବଂ ଶସ୍ତା ଉପାୟରେ ଉତ୍ପାଦନ କରାଯାଇଥାଏ। ଏହି ଅପ୍ରତିସାମ୍ୟ ଜୈବ ଉତ୍ପ୍ରେରଣ ଆବିଷ୍କାର ପରେ ଜୈବିକ ଉତ୍ପ୍ରେରକର ବ୍ୟବହାରରେ ଦ୍ରୁତ ବିସ୍ତାର ହୋଇଅଛି ଏବଂ ଆବଶ୍ୟକ ପଦାର୍ଥର ଉତ୍ପାଦନ କରାଯାଇପାରୁଛି। ଯେତେବେଳେ ପଦାର୍ଥର ଗଠନ ପାଇଁ ଅଣୁଗୁଡ଼ିକ ନିର୍ମାଣ କରାଯାଏ, ପ୍ରାୟତଃ ପରିସ୍ଥିତିରେ ଦୁଇଟି ଭିନ୍ନ ଅଣୁ ନିର୍ମାଣ ହୋଇପାରେ। ବିଶେଷ କରି ଔଷଧୀୟ ଦ୍ରବ୍ୟ ଉତ୍ପାଦନ କରିବା ସମୟରେ ରସାୟନ ବିଜ୍ଞାନୀମାନେ ଏଥିରୁ କେବଳ ଗୋଟିଏ ପ୍ରକାରର ଅଣୁ ଗଠନର ଆବଶ୍ୟକ କରିଥାନ୍ତି। କାରଣ, ଏହି ଦୁଇଟି ଭିନ୍ନ ଅଣୁ ମଧ୍ୟରେ ଗୋଟେ ଅଣୁ ମୂଲ୍ୟବାନ ଥିବାବେଳେ ଅନ୍ୟ ଅଣୁଟି ହାନିକାରକ ହୋଇଥାଏ। କିନ୍ତୁ ବେଞ୍ଜାମିନ୍ ଲିଷ୍ଟ ଏବଂ ଡେଭିଡ୍ ମ୍ୟାକ୍‌ମିଲନଙ୍କର ଏହି ଚମତ୍କାର ଆବିଷ୍କାର ଦ୍ୱାରା ଅତ୍ୟନ୍ତ ସହଜ ଉପାୟରେ ମୂଲ୍ୟବାନ ଅଣୁ ଗଠନ ହୋଇପାରିଛି। ସେମାନଙ୍କର ଏହି ଅପ୍ରତ୍ୟାଶିତ ଆବିଷ୍କାର ଔଷଧୀୟ ଦ୍ରବ୍ୟ ଉତ୍ପାଦନରେ ଅତ୍ୟନ୍ତ ସହାୟକ ହୋଇଛି।

ଏହାଦ୍ୱାରା, ୨୦୦୦ ମସିହାରୁ ନୂତନ ପଦାର୍ଥ ନିର୍ମାଣ ଚମତ୍କାର ବେଗରେ ବିକଶିତ ହୋଇଛି। ଏହି କ୍ଷେତ୍ରରେ ବେଞ୍ଜାମିନ୍ ଲିଷ୍ଟ ଏବଂ ଡେଭିଡ୍ ମ୍ୟାକ୍‌ମିଲନଙ୍କ ଯଥେଷ୍ଟ ଅବଦାନ ରହିଛି। ସେମାନେ ଦର୍ଶାଇଛନ୍ତି ଯେ, ରାସାୟନିକ ପ୍ରତିକ୍ରିୟାକୁ ଚଲାଇବା ପାଇଁ ଜୈବିକ ଉତ୍ପ୍ରେରକ ବ୍ୟବହାର କରାଯାଇପାରିବ। ଏହି ପ୍ରତିକ୍ରିୟାଗୁଡ଼ିକୁ ବ୍ୟବହାର କରି ଅନୁସନ୍ଧାନକାରୀମାନେ ବର୍ତ୍ତମାନ ଅଧିକ ଦକ୍ଷତାର ସହିତ ନୂତନ ଔଷଧୀୟ ଦ୍ରବ୍ୟ ନିର୍ମାଣ କରିପାରିବେ। ଏହି ପ୍ରତିକ୍ରିୟାଗୁଡ଼ିକୁ ବ୍ୟବହାର କରି ନୂତନ ପଦାର୍ଥ ପ୍ରସ୍ତୁତ କରାଯାଇପାରିବ; ଯାହା ସୂର୍ଯ୍ୟ ଆଲୋକକୁ ବିଦ୍ୟୁତ୍‌ଶକ୍ତିରେ ରୂପାନ୍ତର କରିବାରେ ଅଧିକ ସହାୟକ ହେବ, କୃଷିକ୍ଷେତ୍ରରେ ଉତ୍ପାଦନ କ୍ଷମତାର ବୃଦ୍ଧିହେବ, ପ୍ରଦୂଷଣ ନିୟନ୍ତ୍ରଣ କରାଯାଇପାରିବ ଇତ୍ୟାଦି। ଏହି ଅପ୍ରତ୍ୟାଶିତ ଆବିଷ୍କାର ମାନବଜାତି ପାଇଁ ସବୁଠାରୁ ଫଳପ୍ରଦ ହୋଇପାରିଛି ଏବଂ ନୂତନ ସ୍ୱପ୍ନକୁ ସାକାର କରିଛି। (ଉତ୍ସ:ଜୋହାନ ଜର୍ନାଷ୍ଟାଦ/ରୟାଲ ସ୍ୱିଡେନ ଏକାଡେମୀ ଅଫ ସାଇନ୍ସ)

**ପ୍ରଧାନ ବୈଜ୍ଞାନିକ**
**ଇନ୍‌ଷ୍ଟିଚ୍ୟୁଟ ଅଫ ମିନେରାଲ୍‌ସ୍ ଆଣ୍ଡ ମ୍ୟାଟେରିଆଲ୍‌ସ ଟେକ୍ନୋଲୋଜି, ଭୁବନେଶ୍ୱର**
**ମୋ:୭୯୭୮୦୧୨୨୭୭**

## ଏଇ ଭାରତରେ

୧୨୫ ଏଚ୍‌ଆଇଭି ପଜିଟିଭ ଶିଶୁଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବାରେ ମହାରାଷ୍ଟ୍ରର ମଙ୍ଗଳ ଅରୁଣ ଶାହ ଅନ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। ତାଙ୍କୁ ଶ୍ରଦ୍ଧାରେ ଲୋକେ ମଙ୍ଗଳତାଇ ଡାକନ୍ତି। ମଙ୍ଗଳତାଇଙ୍କୁ ଏବେ ବୟସ ୬୯। ସେ ପଲାଇ ନାମକ କେୟାର ହୋମ୍ ଖୋଲି ୨୫ରୁ ଉର୍ଦ୍ଧ୍ୱ ଏଚ୍‌ଆଇଭି ପଜିଟିଭ୍ ଅନାଥ ଶିଶୁଙ୍କୁ ରଖିଛନ୍ତି। ସେଲାପୁର ଜିଲା ପନ୍ଧାରପୁର ସହର ନିକଟବର୍ତ୍ତୀ ଟକାଲି ଗାଁରେ ସେ ଏହି ଆଶ୍ରୟସ୍ଥଳୀ ଖୋଲିଛନ୍ତି। ପନ୍ଧରା ସହରରେ ଦେହଜୀବୀମାନଙ୍କୁ ଏଚ୍‌ଆଇଭି/ ଏଡ୍‌ସ ସମ୍ପର୍କରେ ସଚେତନ କରୁଛନ୍ତି। ପ୍ରଥମେ ଅଢ଼େଇ ବର୍ଷ ଏବଂ ଦେଢ଼ ବର୍ଷ ବୟସର ଦୁଇ ଅନାଥ ଭଉଣୀଙ୍କୁ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର କରିଥିଲେ। ଏମାନଙ୍କୁ କୌଣସି ଅନାଥ ଆଶ୍ରମରେ ରଖିବାକୁ ଚେଷ୍ଟା କରି ବିଫଳ ହେବା ପରେ ପଲାଇ ଆଶ୍ରୟସ୍ଥଳୀ ଖୋଲିଥିଲେ। ତାଙ୍କୁ ଏହି କାର୍ଯ୍ୟରେ ଝିଅ ଓ ନାତୁଣୀ ସାହାଯ୍ୟ କରୁଛନ୍ତି। ଆରମ୍ଭରୁ ମଙ୍ଗଳତାଇ ଏକ ଶୁପ କିଚେନ ଚଳାଉଥିଲେ ଓ ସରକାରୀ ହସ୍ପିଟାଲରେ ନର୍ସ ଭାବେ କୁଷ୍ଠ ଓ ଏଚ୍‌ଆଇଭି/ ଏଡ୍‌ସ ରୋଗୀଙ୍କ ସେବା କରୁଥିଲେ, ଯାହା ତାଙ୍କୁ ଏଭଳି କାର୍ଯ୍ୟ କରିବାକୁ ପ୍ରେରିତ କରିଥିଲା। ଏବେ ତାଙ୍କ ଝିଅ ଡିମ୍ପଲ ଓ ତାଙ୍କ ଟିମ୍ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରି ପାଣ୍ଠି ଯୋଗାଡ଼ କରୁଛନ୍ତି। କେୟାର ହୋମ୍‌ରେ ପିଲାମାନଙ୍କୁ ପଢ଼ାଯାଉଛି। ୨୨ ଜଣ ପ୍ରାଥମିକ ଶ୍ରେଣୀରେ ଥିବାବେଳେ ୯୦ ପିଲା ମାଧ୍ୟମିକ ଶ୍ରେଣୀରେ ପଢୁଛନ୍ତି। ପିଲାମାନଙ୍କ ଖାଦ୍ୟ, ଚିକିତ୍ସା, ଶିକ୍ଷା ଓ କର୍ମଚାରୀଙ୍କ ଦରମା ବାବଦକୁ ୧୫,୦୦୦ ଟଙ୍କା ଖର୍ଚ୍ଚ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୯୬

- ନୋବେଲ ସାହିତ୍ୟ ପୁରସ୍କାର ପାଇଁ ପୋଲାଣ୍ଡ କବୟିତ୍ରୀ ୱାସଲାଓ୍ୱ ସିମ୍ବୋରସ୍କା ମନୋନୀତ।
- ପାକିସ୍ତାନର ୧୬ ବର୍ଷୀୟ ତରୁଣ ଖେଳାଳି ଶହୀଦ ଆଫ୍ରିଦି ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଦିନିକିଆ ଆନ୍ତର୍ଜାତିକ କ୍ରିକେଟରେ କମ୍ ବଲ ଖେଳି ଶତକ ପୂରଣ କରିବାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି।
- ଅନୁଗୋଳ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଝାଡ଼ାବାନ୍ତିରେ ୧୫ ଜଣଙ୍କର ପ୍ରାଣହାନି।

## ଚିରନ୍ତନୀ

ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | 6 |
| 8 | | 3 | | | | | | |
| 7 | 6 | | | | | | 3 | |
| 2 | | | | | | | 8 | |
| | 9 | | | | | 5 | 7 | |
| | | 5 | | 8 | | | 4 | 1 |
| | | | | 5 | 8 | | | |
| | | 4 | 9 | 6 | | 3 | | 8 |
| | | 9 | 4 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 3 | 8 | 4 | 6 | 7 | 5 |
| 7 | 5 | 3 | 6 | 2 | 9 | 8 | 4 | 1 |
| 6 | 4 | 8 | 1 | 7 | 5 | 3 | 2 | 9 |
| 3 | 1 | 4 | 8 | 6 | 2 | 9 | 5 | 7 |
| 8 | 6 | 9 | 7 | 5 | 1 | 2 | 3 | 4 |
| 5 | 2 | 7 | 9 | 4 | 3 | 1 | 6 | 8 |
| 1 | 7 | 2 | 5 | 9 | 6 | 4 | 8 | 3 |
| 9 | 8 | 6 | 4 | 3 | 7 | 5 | 1 | 2 |
| 4 | 3 | 5 | 2 | 1 | 8 | 7 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବାଦପତ୍ରର ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିରହୁଛି

ମହାଶୟ,

ସମ୍ବାଦପତ୍ର, ସାମ୍ବାଦିକ ଓ ସ୍ୱାଧୀନତା ଏହି ତିନୋଟି ପ୍ରସଙ୍ଗ ଉପରେ ଦୃଷ୍ଟିପାତ କଲେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳେ। ବ୍ୟବସ୍ଥା ଅପେକ୍ଷା ଢେରସାରା ଅବ୍ୟବସ୍ଥାର ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇପଡ଼ିଛି। ସମ୍ପ୍ରତି ସମ୍ବାଦପତ୍ର ଶିଳ୍ପ ସହିତ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସଂପର୍କ ଓ ପ୍ରଭାବ ରହୁଥିବାରୁ ସମ୍ବାଦପତ୍ରର ସ୍ୱାଧୀନତା ଉପରେ ଅଙ୍କୁଶ ଲାଗି ରହୁଛି। ସ୍ୱଚ୍ଛତା ଏବଂ ନିରପେକ୍ଷତା ନୀତି ଅବଲମ୍ବନରେ ବିଭିନ୍ନ ବାଧା ଉପୁଜୁଛି। ସାମ୍ବାଦିକତା ହେଉଛି ସମାଜର ଏକ ମୁଖ୍ୟ ସେବା। ତେଣୁ ସାମ୍ବାଦିକଙ୍କୁ ସମାଜର ପ୍ରକୃତ ସେବକ ବୋଲି କୁହାଯାଇଥାଏ। ବର୍ତ୍ତମାନ ଦେଖାଯାଉଛି ଯେ, ଡିଜିଟାଲ ମିଡିଆ ପ୍ଲାଟଫର୍ମ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇବା ସହିତ ସେହି ମିଡିଆରେ ମିଥ୍ୟା ଖବର ପ୍ରକାଶ ପାଇବାରୁ ସମାଜରେ ଅସ୍ଥିରତା ସୃଷ୍ଟି ହେଉଛି। ଆଜିକାଲି କିଛି ରାଜନୈତିକ ନେତାମାନେ ସାମ୍ବାଦିକତାକୁ ଏଣ୍ଟ୍ରିପଏଣ୍ଟ ଭାବେ ଗ୍ରହଣ କରିସାରିଲେଣି। ଖବରକାଗଜ ତଥା ବୈଦ୍ୟୁତିକ ଗଣମାଧ୍ୟମକୁ ନିଜର ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ପଛାଉ ନାହାନ୍ତି। ୱେବ୍‌ପୋର୍ଟାଲରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମ୍ପର୍କରେ ବହୁ ସମୟରେ ନକାରାତ୍ମକ ଖବର ପରିବେଷଣ କରିବା ରାଜ୍ୟବାସୀଙ୍କୁ ଗଭୀର ଆଘାତ ଦେଉଛି। ଯଦ୍ୱାରା ରାଜ୍ୟର ସାର୍ବଭୌମତ୍ୱ ନଷ୍ଟ ହେବା ସହିତ ଏଭଳି ଖବର ପ୍ରସାରଣ ଯୋଗୁ ହିଂସା ବୃଦ୍ଧି ପାଉଛି। ଏପରିକି ଫେସ୍‌ବୁକ୍, ଟ୍ୱିଟର, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ଓ ପୋର୍ଟାଲଗୁଡ଼ିକର କୌଣସି ଉତ୍ତରଦାୟିତ୍ୱ ନ ଥିବାରୁ ସେମାନେ ଅନେକ ସମୟରେ ମିଥ୍ୟା ଖବର ପ୍ରସାରଣ କରୁଛନ୍ତି। ଏହାଦ୍ୱାରା ସବୁଆଡେ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଛି।

**–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଭୁବନେଶ୍ୱର ଡିସିପିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ଅଦାଲତ ଅବମାନନା ମାମଲା**

**କଟକ ଅଫିସ,୮।୧୦:** ଅଦାଲତ ଅବମାନନା ମାମଲାରେ ସରକାରୀ ଓକିଲଙ୍କ ମାଧ୍ୟମରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଶୁକ୍ରବାର ନିଜର ପକ୍ଷ ରଖିଛନ୍ତି। ହେଲେ ଏଥିରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଡିସିପି ଆସନ୍ତା ଶୁଣାଣି ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିବାବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ରେ ହେବ। ମାମଲାର ବିବରଣୀରୁ ପ୍ରକାଶ, ଅନ୍ତର୍ଜାତୀୟ ଧାବିକା ଦୃତୀ ଚାନ୍ଦ ଏକ ୱେବ ପୋର୍ଟାଲର ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରିଥିଲେ। ଏନେଇ ପୋର୍ଟାଲ ସମ୍ପାଦକ ସୁଧାଂଶୁ ରାଉତ ଲକ୍ଷ୍ମୀସାଗର ଥାନା ଓ ଡିସିପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଅଗଷ୍ଟ ୧୧ ତାରିଖରେ ହାଇକୋର୍ଟ ଦୃତୀଙ୍କ ବିରୋଧରେ ଆଇନ ଅନୁଯାୟୀ ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବା ପାଇଁ ଡିସିପିଙ୍କୁ ଆଦେଶ ଦେଇଥିଲେ। ଡିସିପି ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପଦକ୍ଷେପ ନେବା ବଦଳରେ ଦୃତୀଙ୍କ ଅଭିଯୋଗ ଆଧାରରେ ସୁଧାଂଶୁଙ୍କୁ ଗିରଫ କରିଥିଲେ। ଫଳରେ ସୁଧାଂଶୁଙ୍କ ସ୍ତ୍ରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ।

## ରାଜ୍ୟରୁ ଆଉ ୫୨୪ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର, ୮।୧୦(ବ୍ୟୁରୋ):** ରାଜ୍ୟରେ କିଛିଦିନ ହେବ ଲଗାତର ଭାବେ ଦୈନିକ ୫ଶହ ଉପରେ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଗତ ୨୪ ଘଣ୍ଟାରେ ଆଉ ୫୨୪ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୭୫ଜଣ ୧୮ବର୍ଷରୁ କମ୍ ବୟସର ଶିଶୁ ଓ କିଶୋର ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୫୦ଜଣ ନୂଆ ସଂକ୍ରମିତ ରହିଛନ୍ତି। ସେହିପରି କଟକରୁ ୭୫ଜଣ, ମୟୂରଭଞ୍ଜ ୨୨, ବାଲେଶ୍ୱର ୨୦, ଜଗତ୍‌ସିଂହପୁର ୧୫, ଯାଜପୁର ୧୪, ପୁରୀ ୧୩, ସୁନ୍ଦରଗଡ଼ ୧୧, ସମ୍ବଲପୁର ୮, କେନ୍ଦ୍ରାପଡା ୭, ଅନୁଗୁଳ ୬, ଭଦ୍ରକ, ଗଞ୍ଜାମ, କେନ୍ଦୁଝର, କୋରାପୁଟ ଓ ନୟାଗଡରୁ ୩ଜଣ ଲେଖାଏ, ଦେବଗଡ ଓ ରାୟଗଡାରୁ ୨ଜଣ ଲେଖାଏ, ବଲାଙ୍ଗୀର, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ମାଲକାନଗିରି ଓ ନୂଆପଡାରୁ ଜଣେ ଲେଖାଏ ଓ ଷ୍ଟେଟ୍‌ପୁଲରୁ ୫୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୩୦ହଜାର ୫୧୮ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ଆଉ ୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକ, କନ୍ଧମାଳ, ନୟାଗଡ ଓ ସୁନ୍ଦରଗଡରୁ ଜଣେ ଲେଖାଏ ଅଛନ୍ତି। ରାଜ୍ୟରୁ ୫୯୮ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି।

# କୃଷିରୁ ମଧ୍ୟସ୍ଥ ହଟାଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧୦(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଓଡ଼ିଶା ଏଗ୍ରି କନ୍‌କ୍ଲେଭ-୨୦୨୧ ଉଦ୍‌ଘାଟିତ

**ଏଗ୍ରିଗେଟର, ପ୍ରୋସେସରଙ୍କ ସହ କୃଷକଙ୍କୁ ଯୋଡ଼ିବାକୁ ପରାମର୍ଶ**

କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ସେମାନଙ୍କୁ ସିଧାସଳଖ ବଜାର ସହିତ ଯୋଡ଼ିବା ଦରକାର। କୃଷି ଏବଂ ବଜାର ମଧ୍ୟରେ ଥିବା ମଧ୍ୟସ୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଓଡ଼ିଶା ଏଗ୍ରି କନ୍‌କ୍ଲେଭ-୨୦୨୧କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସର୍ବଦା କୃଷକମାନଙ୍କ ଆୟ ବୃଦ୍ଧିକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏହାକୁ ଦୃଷ୍ଟିରେ ରଖି କୃଷକମାନଙ୍କ ପାଇଁ ଉତ୍ତମ ବଜାର ସୁବିଧା ସୃଷ୍ଟି କରିବାକୁ ହେବ। ଏଗ୍ରିଗେଟର ଏବଂ ପ୍ରୋସେସରମାନଙ୍କ ସହ କୃଷକମାନଙ୍କୁ ଯୋଡ଼ିବାକୁ ହେବ। କୃଷି ଓ କୃଷକ ସହ ଜଡ଼ିତ ନ ଥିବା ମଧ୍ୟସ୍ଥମାନଙ୍କୁ ହଟାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ଏବେ ମକା, ବାଜରା, ପନିପରିବା, ଫଳ, ମସଲା, ମାଛ, ସାମୁଦ୍ରିକ ଖାଦ୍ୟ ଏବଂ କୁକୁଡ଼ା ଚାଷ କ୍ଷେତ୍ରରେ ଆଗୁଆ ରାଜ୍ୟ ହୋଇପାରିଛି। ରାଜ୍ୟରେ ବ୍ୟବସାୟିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାର ଉତ୍ତମ ପରିବେଶ ସୃଷ୍ଟି କରିଛନ୍ତି। ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଜାତୀୟ ଓ ବିଶ୍ୱସ୍ତରର ପୁଞ୍ଜିନିବେଶକାରୀଙ୍କ ପାଇଁ ଉନ୍ମୁକ୍ତ ରହିଛି। ଓଡ଼ିଶା କୃଷି ବ୍ୟବସାୟ କ୍ଷେତ୍ର ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବଡ଼ ବଡ଼ କୃଷି ବ୍ୟବସାୟୀଙ୍କୁ ନିମନ୍ତ୍ରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଜାତୀୟ ଅର୍ଥନୀତିରେ କୃଷକମାନେ ଭିତ୍ତି ପକାଇଥାଆନ୍ତି। ଏହି ଭିତ୍ତି ଉପରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଖମ୍ବ (ପିଲାର) ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କୃଷି ଓ କୃଷକମାନଙ୍କର ବିକାଶ ହେଉଛି ପ୍ରାଥମିକତା। ଏହି କନ୍‌କ୍ଲେଭରେ ଦେଶର ଅଗ୍ରଣୀ କୃଷି ବ୍ୟବସାୟ କରୁଥିବା ଘରୋଇ କମ୍ପାନୀଗୁଡ଼ିକ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ ଆଧାରିତ ଯୋଜନା ଓ କାର୍ଯ୍ୟକ୍ରମ ଯୋଗୁ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଉତ୍ପାଦନ ବହୁଗୁଣିତ ହୋଇଛି। ଆମକୁ କୃଷି ସହ ଜଡ଼ିତ ସଂସ୍ଥା ସହିତ ମିଶି କାମ କରିବାକୁ ପଡ଼ିବ, ଯଦ୍ୱାରା ଶସ୍ୟ ଅମଳ ପୂର୍ବରୁ ଓ ପରେ ସେହି ବ୍ୟବସ୍ଥାକୁ କୃଷକମାନେ ଅନୁପାଳନ କରିପାରିବେ। ରାଜ୍ୟର ଚାଷୀମାନେ କିପରି ଅଧିକରୁ ଅଧିକ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରିପାରିବେ ତା' ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଲଗାତର ବନ୍ୟା,ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପତ୍ତି ଲାଗି ରହୁଥିବା ବେଳେ ରାଜ୍ୟ ସରକାର ରାଜ୍ୟର କୃଷି ଓ ଅର୍ଥନୀତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଯଥାସମ୍ଭବ ପଦକ୍ଷେପ ନେଉଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ କୃଷି କ୍ଷେତ୍ର ହିଁ ଅର୍ଥନୀତି ପାଇଁ ସଞ୍ଜୀବନୀ ହୋଇଛି। ଓଡ଼ିଶା ଏବେ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥା କ୍ଷେତ୍ରରେ ଅବଦାନ ପାଇଁ ଦେଶର ତୃତୀୟ ବୃହତ୍ ରାଜ୍ୟ ଭାବେ ଉଭା ହୋଇଛି। କୃଷିର ବିକାଶ ସକାଶେ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ କରିବା ସହ ରାଜ୍ୟ କୃଷି ନୀତି କାର୍ଯ୍ୟକାରୀ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମୃଦ୍ଧି-୨୦୨୦ ବ୍ୟତୀତ ଓଡ଼ିଶା ଶିଳ୍ପ ନୀତି, ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି, ଖାଦ୍ୟ ପ୍ରକ୍ରିୟାକରଣ ନୀତି, କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନା, ଷ୍ଟାର୍ଟଅପ୍ ପଲିସି, ଅର୍ଗାନିକ ଫାର୍ମିଂ ପଲିସି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମିଲେଟ ମିଶନ ଭଳି ଅନେକ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ଜରିଆରେ ଓଡ଼ିଶା କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିଆସିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କୃଷିକ୍ଷେତ୍ର ପାଇଁ ଏକ ବଡ଼ ସହାୟତା ହୋଇପାରିଛି। ଏଥିସହିତ କାଳିଆ, ବଳରାମ ଯୋଜନା ଆଦି ବିଷୟରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ କନ୍‌କ୍ଲେଭରେ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ଫୁଡ୍‌ସ ଅଫ୍ ଆଦାନୀ-ୱିଲମର ଲିମିଟେଡ୍‌ର ବିଜ୍‌ନେସ ହେଡ୍ ସତ୍ୟେନ୍ଦ୍ର ଅଗ୍ରୱାଲ, ଜି ଟେକ୍ନିକୋ ସିଇଓ ସୌନ୍ଦରା ରାଦଜାନେ, ନାଫେଡ ଏମ୍‌ଡି ସଞ୍ଜୀବ ଚଢ଼ା ପ୍ରମୁଖ ଅଭିଭାଷଣ ରଖିଥିଲେ। କୃଷି ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ।

## ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ପିଟିଶନ ଖାରଜ

କଟକ ଅଫିସ,୮।୧୦

**ଏନ୍‌ଏସ୍‌ଏ ଅଟକ ସମ୍ପର୍କିତ ମାମଲା**

୨୦୨୦ ଡିସେମ୍ବର ୧୮ରେ ପୋଲିସ କମିଶନର ଝାରପଡା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କୁ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ)ରେ ଅଟକ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ଡିସେମ୍ବର ୨୮ରେ ରାଜ୍ୟ ଗୃହ ବିଭାଗ ମଞ୍ଜୁର କରିଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜା ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣିବେଳେ ସରକାରୀ ଓକିଲ ଜେ.କଟିକିଆ ଓ ପି.କେ. ପାଢୀ ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ରେ ଆବେଦନକାରୀ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ୟୁନିଟ୍-୨ରେ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ସେମାନେ ଲୋକଙ୍କୁ ନିଜର ପୂର୍ବ କାରନାମା ସମ୍ପର୍କରେ ମନେପକାଇ ଆତଙ୍କ ଖେଳାଇଥିଲେ। ଫଳରେ ସେ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଏନେଇ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରିବା ହେବା ସହ ରାଜାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ନାମରେ ଏନ୍‌ଏସ୍‌ଏ ଲାଗୁ ହୋଇଥିଲା। ଅନ୍ୟପକ୍ଷରେ ଆବେଦନକାରୀଙ୍କ ଓକିଲ ଶିବଶଙ୍କର ମିଶ୍ର ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ ତାରିଖ ମାମଲା ବ୍ୟତୀତ ୨୦୧୭ ପର୍ଯ୍ୟନ୍ତ ରାଜାଙ୍କ ନାମରେ କୌଣସି ମାମଲା ନାହିଁ। ଗୋଟିଏ ମାମଲାରେ ଏନ୍‌ଏସ୍‌ଏ ଲାଗୁ କରାଯାଇପାରିବନାହିଁ। ଏହାଦ୍ୱାରା ଭାରତୀୟ ସମ୍ବିଧାନର ଧାରା ୨୨(୫) ଉଲ୍ଲଂଘନ ହେଉଛି।

# ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

**କଳାହାଣ୍ଡିରୁ କଟକ ନିଆଯାଉଥିଲା**



ଉଦ୍ଧାର ବଜ୍ରକାପ୍ତା ଓ ଗିରଫ ୨ ଅଭିଯୁକ୍ତ।

କଳାହାଣ୍ଡିରୁ କଟକକୁ ବଜ୍ରକାପ୍ତା ଚାଲାଣବେଳେ ଶୁକ୍ରବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଖୋର୍ଦ୍ଧା ଗୁରୁଜଙ୍ଗ-ପିତାପଲ୍ଲୀ ୧୬ନଂ ଜାତୀୟ ରାଜପଥର ସର୍ଭିସ୍ ରୋଡ୍‌ରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଅଭିଯୁକ୍ତଦ୍ୱୟ ହେଲେ କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅଞ୍ଚଳର କୈଳାଶ ଖୋସ୍‌ଲା ଓ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନାର ଚୈତନ୍ୟ ଭତ୍ରା। ସେମାନେ ବ୍ୟବହାର କରୁଥିବା ଏକ କାରକୁ ଏସ୍‌ଟିଏଫ୍ ଜବତ କରିଛି। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୩୪/୨୧) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଦ୍ଧାର ବଜ୍ରକାପ୍ତାକୁ ଏସ୍‌ଟିଏଫ୍ ଚନ୍ଦକା ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ତେବେ ଏହି ଘଟଣାରେ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଥିବାବେଳେ ଆବଶ୍ୟକସ୍ଥଳେ ଉଭୟଙ୍କୁ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୧ ବର୍ଷ ମଧ୍ୟରେ ଏସ୍‌ଟିଏଫ୍ ୧୬ ବାଘ ଛାଲ, ୯ ହାତୀଦାନ୍ତ, ୨ ହରିଣ ଚମଡା, ୫ ଜୀବନ୍ତ ବଜ୍ରକାପ୍ତା ଏବଂ ୧୫ କେଜି ବଜ୍ରକାପ୍ତା କାତି ଜବତ କରିଛି। ସମ୍ପୃକ୍ତ ୩୫ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

# ଡିଲ୍‌ବେଳେ ଧରିଲେ ବନ କର୍ମଚାରୀ

ଖପ୍ରାଖୋଲ/ଲାଠୋର, ୮।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅନ୍ତର୍ଗତ ବନମାଳ ଓ ମହରାପଦର ଗ୍ରାମ ରାସ୍ତା ମଝିରେ ଲାଠୋର ବନ ବିଭାଗ କର୍ମଚାରୀମାନେ ଗ୍ରାହକ ସାଜି ଏକ ବଜ୍ରକାପ୍ତା ଉଦ୍ଧାର କରିଥିବା ରେଞ୍ଜର ପ୍ରଭାତି ସେଠ୍ ପ୍ରକାଶ କରିଛନ୍ତି। ବଜ୍ରକାପ୍ତା ଓଜନ ୮ କେଜି ୪୦୦ ଗ୍ରାମ ବୋଲି ଜଣାଯାଇଛି।

ସରଗିପାଲି ଗ୍ରାମର ଭୋଇରାଜ ଧରୁଆ(୩୩) ଓ ମହରାପଦର ଗ୍ରାମର ସୁଶୀଲ ଧରୁଆ (୩୨) ଓ ଅନ୍ୟ ଜଣେ ବଜ୍ରକାପ୍ତା ଧରି ବିକ୍ରୟ କରିବା ପାଇଁ ଆଣିଥିଲେ। ବନମାଳ ଓ ମହରାପଦର ମଝି ରାସ୍ତାକଡ଼ର ଏକ ଖୋଲା ପଡ଼ିଆରେ ବଜ୍ରକାପ୍ତା କିଣିବା ପାଇଁ ଡିଲ୍ ହୋଇଥିଲା। ସୂଚନା ପାଇ ବନ କର୍ମଚାରୀ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସେଠାରୁ ଫେରାର ହୋଇ ଯାଇଛନ୍ତି। ଘଟଣାସ୍ଥଳରୁ ବାଇକ୍ ଜବତ ହୋଇଛି। ଏନେଇ ରେଞ୍ଜର ସେଠ୍ କୁହନ୍ତି, ହରିଶଙ୍କର ରେଞ୍ଜକୁ ବଜ୍ରକାପ୍ତା ସହ ଉକ୍ତ ମାମଲା ହସ୍ତାନ୍ତର କରାଯିବ। ଗ୍ରାହକ ସାଜିଥିବା ବନ କର୍ମଚାରୀଙ୍କ ମଧ୍ୟରେ ରେଞ୍ଜରଙ୍କ ସମେତ ଫରେଷ୍ଟର ସୌମ୍ୟରଞ୍ଜନ ମହାପାତ୍ର, ଫରେଷ୍ଟ ଗାର୍ଡ ଇନ୍ଦ୍ରମଣି ବେହେରା ଓ ପାରା କର୍ମଚାରୀ ସାମିଲ ଥିଲେ।

# ଯୁବକଙ୍କୁ ତୀର ମାରି ହତ୍ୟା

**କେନ୍ଦୁଝର, ୮।୧୦(ସ୍ୱ.ପ୍ର.):** ଚାଷଜମିରେ ଗୋରୁ ପଶି ଫସଲ ଖାଇବାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ତୀର ମାରି ହତ୍ୟା କରାଯାଇଛି। କେନ୍ଦୁଝର ଜିଲା ନୟାକୋଟ ଥାନା ବାଂଶପାଳ ବ୍ଲକ ଅଧୀନ କୋଡକଳା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନୀଳ ଗିରି। ଏହି ଘଟଣାରେ ପୋଲିସ ଶୁକ୍ରବାର ସମ୍ପୃକ୍ତ ଅଭିଯୁକ୍ତ ଚଷା ଦେହୁରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ନୀଳ ଓ ଅନ୍ୟ ଗ୍ରାମବାସୀ ପାଖ ଜଙ୍ଗଲରେ ଗୋରୁ ଚରାଉଥିଲେ। କେତେକ ଗୋରୁ ଚାଷଜମିରେ ପଶି ବିରି ଖାଇଦେଇଥିଲେ। ଏହାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚଷା ଏକ ଟାଙ୍ଗିଆ ଧରି ନୀଳ ଓ ଅନ୍ୟମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଅନ୍ୟ ଦୁଇଜଣ ଭୟରେ ଜଙ୍ଗଲକୁ ଦୌଡ଼ି ପଳାଇ ଯାଇଥିବା ବେଳେ ନୀଳ ଓ ଚଷା ମୁହାଁମୁହିଁ ହୋଇଯାଇଥିଲେ। ଏହି ସମୟରେ ଚଷା ତୀରରେ ନୀଳଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନୟାକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ହତ୍ୟା ମାମଲା (ନଂ.୫୦/୨୧) ରୁଜୁ କରାଯାଇଛି।

# ନନ୍ଦନକାନନରେ ପୁଣି ଗଡ଼ିଲା ଟୟ୍ ଟ୍ରେନ୍

ବାରଙ୍ଗ,୮।୧୦(ଡି.ଏନ୍.ଏ.)

**ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ**

- ରୋପୱେ ଶିଳାନ୍ୟାସ କଲେ ମନ୍ତ୍ରୀ
- ନନ୍ଦକିଶୋରଙ୍କୁ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ସମ୍ମାନ

ଦଶହରା ପାଇଁ ପର୍ଯ୍ୟଟକଙ୍କୁ ନୂଆ ଭେଟି ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଶୁକ୍ରବାର ୬୭ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପର୍ଯ୍ୟଟକଙ୍କ ପାଇଁ ବହୁ ପ୍ରତୀକ୍ଷିତ ସାଜିଥିବା ତଥା ଆକର୍ଷଣୀୟ ଓ ଆଧୁନିକୀକରଣରେ ଝଲସୁଥିବା ଶିଶୁ ରେଳଗାଡ଼ି(ଟୟଟ୍ରେନ)ର ଲୋକାର୍ପଣ କରିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ମନ୍ତ୍ରୀ ପତାକା ଦେଖାଇ ଏହାର ପ୍ରଚଳନର ଶୁଭାରମ୍ଭ କରିଥିଲେ। ଏଥିସହ ରୋପୱେର ମଧ୍ୟ ଶିଳାନ୍ୟାସ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା।

ନନ୍ଦନକାନନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ୟପ୍ରାଣୀ ସପ୍ତାହ ସମାରୋହରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଆରୁଖ ଯୋଗଦେଇ ୨୦୧୪ରୁ ବନ୍ଦ ଥିବା ଟୟଟ୍ରେନ ସୁବିଧା ୪ କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ପୁଣି ନୂତନ ଭାବେ ଆରମ୍ଭ ହୋଇଛି। ସେହିପରି ୧୩ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ରୋପୱେର ଭୂମିପୂଜନ ହୋଇଥିବାବେଳେ ୧୮ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ। ଏବେ ଟୟଟ୍ରେନ ରାଇଟସ ସଂସ୍ଥା ଚଳାଇବା ବେଳେ ଆଗକୁ ନନ୍ଦନକାନନ ଏହାକୁ ଚଳାଇବ ବୋଲି ମନ୍ତ୍ରୀ କହିଥିଲେ। ଲୁପ୍ତପ୍ରାୟ ପ୍ରଜାତିଙ୍କୁ ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀରେ ସଂରକ୍ଷଣ କରିବା ନିମନ୍ତେ ରାଜ୍ୟରେ ୧୯ଟି ଅଭୟାରଣ୍ୟ, ୨ଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ଲେଖାଏ ଜାତୀୟ ଉଦ୍ୟାନ ଓ ଜୈବମଣ୍ଡଳ ସ୍ଥାପନ କରାଯାଇଥିବା ମନ୍ତ୍ରୀ କହିଥିଲେ।

ଅନ୍ୟତମ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଅତିଥିଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶର ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ୟପ୍ରାଣୀ ବିଭାଗ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶଶୀ ପଲ ସ୍ୱାଗତଭାଷଣ ଦେଇଥିଲେ। ବନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲିଙ୍ଗରାଜ ହୋତା, ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ବନବାହିନୀର ମୁଖ୍ୟ ଶିଶିର ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଜିର ଦିନରେ ଆମେ ଶପଥ ନେଇ ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହାପରେ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ଲାଗି ନନ୍ଦକିଶୋର ଭୁଜବଳଙ୍କୁ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ସମ୍ମାନ-୨୦୨୧ ମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥିସହ ୱାଇଲ୍ଡଲାଇଫ-୨୦୨୧ ଏବଂ ଏକ ହ୍ୟାଣ୍ଡବୁକ ନାମରେ ୨ଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏପରିକି ଅନ୍‌ଲାଇନରେ ହୋଇଥିବା କୁଇଜ ଓ ଫଟୋଗ୍ରାଫି ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। ଶେଷରେ ବନସଂରକ୍ଷକ ସତ୍ୟନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଉପନିର୍ଦ୍ଦେଶକ ସଞ୍ଜିତ କୁମାର, ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ତେବେ ଶୁକ୍ରବାର ଟୟଟ୍ରେନ ପ୍ରଚଳନର ଶୁଭାରମ୍ଭ ହୋଇଥିବାର ଜାଣି ବହୁ ପର୍ଯ୍ୟଟକ ସେଠାକୁ ଯାଇଥିଲେ ମଧ୍ୟ ଶନିବାରଠାରୁ ଏହା ଚାଲିବାକୁ ଥିବା ଜାଣି ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା।


ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ପତାକା ଦେଖାଇ ଟୟ ଟ୍ରେନ୍ର ଶୁଭାରମ୍ଭ କରୁଛନ୍ତି।

SBI

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା (SARB), ପ୍ଲଟ୍ ନଂ. ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ : ୦୬୭୪-୨୫୪୯୭୬୩, ୨୫୪୯୭୬୧, ଫ୍ୟାକ୍ସ ନଂ. : ୦୬୭୪-୨୫୪୯୭୧୩, ଇ-ମେଲ୍ : sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **'ଯାହା ଯେଉଁଠାରେ ଅଛି', 'ଯାହା ଯେପରି ଅଛି' ଏବଂ 'ସେଠାରେ ଯାହା ଅଛି ଭିତ୍ତିରେ'** ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୫.୧୦.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ / ଡ଼ିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧ | ଋଣଗ୍ରହୀତା : ମେସର୍ସ ନେକ୍ସୋରସ୍ ଫୁଡ୍ସ ପ୍ରା. ଲି., ପ୍ଲଟ୍ ନଂ. ୧୦୦୨/୨୪୩୦, ଆଇଆରସି ଭିଲେଜ୍, ନୟାପଲ୍ଲୀ, ସ୍ୱପ୍ନେଶ୍ୱର ମନ୍ଦିର ନିକଟ, ଭୁବନେଶ୍ୱର-୭୫୧୦୧୫, ନିର୍ଦ୍ଦେଶକ/ଜାମିନଦାର୍‌ମାନେ : ୧) ଶ୍ରମତୀ ରାଜଲକ୍ଷ୍ମୀ ମହାସୁଆର, ସ୍ୱାମୀ : ଶ୍ରୀ ଜୟନାରାୟଣ ପୂଜାପଣ୍ଡା, ୨) ଶ୍ରୀ ଜୟନାରାୟଣ ପୂଜାପଣ୍ଡା, ଉଭୟଙ୍କ ଠିକଣା-ସା: ବି-୬୦୧, ସତ୍ୟ ଟାୱାର, କଟକ ରୋଡ୍, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ପିନ୍-୭୫୧୦୧୦, ୩) ଶ୍ରୀ ବିଭାସ ରଞ୍ଜନ, ପିତା : ରାଜେଶ୍ୱର ପ୍ରସାଦ ସିଂହ, ସା : ଉର୍ମିଳା ଭିଲ୍ଲା, ଏଲଓସି ରୋଡ୍, ଶିପ୍ରା, ପୋ : ଢେଲୱାଁ, ପାଟନା, ପିନ୍-୮୦୦୦୨୦। | ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆରଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ହରେକୃଷ୍ଣପୁର, ଜିଲ୍ଲା : ପୁରୀ, ଖାତା ନଂ.: ୭୦୪/୧୪୨, ପ୍ଲଟ୍ ନଂ. : ୩୧୪/୨୫୧୧, କ୍ଷେତ୍ର : ଏକର ୦.୧୫୧ ଡିସିମିଲି, କିସମ : ଘରବାରି। | ତା.୧୦.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ସହିତ ଟ.୪,୬୨,୨୧,୧୪୫.୧୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୨.୧୨.୨୦୧୮ | ଟ.୩୭,୨୯,୬୦୦/-<br>ଟ.୩,୭୨,୯୬୦/-<br>ଟ.୫୦,୦୦୦/- |
| ୨ | ଋଣଗ୍ରହୀତା : ଆଜାଦ ଅଲ୍ଲୀ ଖାନ୍, ପିତା : ମୁର୍ସିଦ୍ ଅଲ୍ଲୀ ଖାନ୍, ସା/ପୋ : ମକଟପୁର, ପୋ : ପଲେଇ, ଭାୟା : ବାଲିଚନ୍ଦ୍ରପୁର, ଜିଲ୍ଲା : ଯାଜପୁର, ପିନ୍-୭୫୪୨୦୫। | ଆଜାଦ୍ ଅଲ୍ଲୀ ଖାନ୍, ପିତା : ମୁର୍ସିଦ୍ ଅଲ୍ଲୀ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ. : ୮୭/୧୨୬୪, ପରିମିତ କ୍ଷେତ୍ର : ୭.୯୯୦ ଏକର ଏବଂ ପ୍ଲଟ୍ ନଂ. : ୮୭/୧୨୬୩/୧୮୦୨, ପରିମିତ କ୍ଷେତ୍ର : ୪.୦୧୦ ଏକର, ଖାତା ନଂ.: ୪୨୧, ସମୁଦାୟ ପରିମିତ କ୍ଷେତ୍ର : ୧୨ ଏକର, ମୌଜା : ଶଙ୍କରପୁର, ତହସିଲ୍ : ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର ଖଣ୍ଡଗିରି ଅଧିନରେ ଅବସ୍ଥିତ ବାସପୋଯୋଗୀ ଆପାର୍ଟମେଣ୍ଟ ଯାହାର ଟାୱାର ନଂ.: ୦୦୯, ତଳ ମହଲା, ଫ୍ଲାଟ୍ ନଂ.: ୦୨, କ୍ଷେତ୍ର : ୧୦୯୯ ବର୍ଗଫୁଟ, ପ୍ରୋଜେକ୍ଟ ଟାଟା ଏରିଆନା, ଭୁବନେଶ୍ୱର ଅନ୍ତର୍ଗତ। | ତା.୧୪.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ସହିତ ଟ.୪୬,୨୦,୭୦୮/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୪.୦୧.୨୦୨୦ | ଟ.୬୧,୧୬,୪୦୦/-<br>ଟ.୬,୧୧,୬୪୦/-<br>ଟ.୫୦,୦୦୦/- |
| ୩ | ଋଣଗ୍ରହୀତା : ମେସର୍ସ ବିକାଶ, ସ୍ୱତ୍ୱାଧିକାରୀ : ଶ୍ରୀ ଭି. ବିକାଶ ରାଜୁ, ସା : ମାଝିଡେରା ଷ୍ଟ୍ରିଟ୍, ପୋ : ପାତ୍ରପୁର, ଭାୟା : ଜରଡ଼ା, ଜିଲ୍ଲା : ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ / ସ୍ୱତ୍ୱାଧିକାରୀ : ଶ୍ରୀ ଭି ବିକାଶ ରାଜୁ, ମାର୍ଫତ : ଶ୍ରୀ କେ. ନାଗେଶ୍ୱର ପାତ୍ର, ପୁରୁଣା ମାର୍କେଟ ଷ୍ଟ୍ରିଟ୍, ୱାର୍ଡ ନଂ. : ୪, ପୋ : ଭଞ୍ଜନଗର, ଜିଲ୍ଲା : ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬ / ଜାମିନ୍‌ଦାର : ଶ୍ରୀ ଭି. ସୋମେଶ୍ୱର ରାଜୁ, ସା : ମାଝିଡେରା ଷ୍ଟ୍ରିଟ୍, ପୋ : ପାତ୍ରପୁର, ଭାୟା : ଜରଡ଼ା, ଜିଲ୍ଲା : ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪। | ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ପାତ୍ରପୁର, ତହସିଲ : ପାତ୍ରପୁର, ଜିଲ୍ଲା : ଗଞ୍ଜାମ, ଓଡ଼ିଶା, ଖାତା ନଂ. ୩୫୪/୮୫୬, ପ୍ଲଟ୍ ନଂ. : ୧୬୯୬, କ୍ଷେତ୍ର : ଏକର ୦.୦୨୨ ଡିସିମିଲି, କିସମ : ଘରବାରୀ। | ତା.୩୧.୦୩.୨୦୧୯ ପର୍ଯ୍ୟନ୍ତ ସୁଧ ସହିତ ଟ.୬୯,୭୦,୭୦୯/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୩.୦୪.୨୦୧୯ | ଟ.୨୯,୦୩,୪୦୦/-<br>ଟ.୨,୯୦,୩୪୦/-<br>ଟ.୫୦,୦୦୦/- |
| ୪ | ଋଣଗ୍ରହୀତା : ମେସର୍ସ ଏଚ୍.ଏମ୍. ଜୁଏଲର୍ସ ପ୍ରା. ଲିଃ., ପଞ୍ଜିକୃତ କାର୍ଯ୍ୟାଳୟ: ଓଲ୍ଡ ଟାଉନ, ହାଟ ସାହି, ଉମାଶଙ୍କର ଲେନ୍, ଭୁବନେଶ୍ୱର-୭୫୧୦୦୨, ପରିଚାଳନା ନିର୍ଦ୍ଦେଶକ : ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ପିତା : ଶ୍ରୀ ପ୍ରହଲ୍ଲାଦ ମହାରଣା, ଓଲ୍ଡ ଟାଉନ, ହାଟ ସାହି, ଉମାଶଙ୍କର ଲେନ୍, ଭୁବନେଶ୍ୱର-୭୫୧୦୦୨, ନିର୍ଦ୍ଦେଶକ : ଶ୍ରୀମତୀ ପୂର୍ଣ୍ଣିମା ମହାରଣା, ସ୍ୱାମୀ : ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ଓଲ୍ଡ ଟାଉନ, ହାଟ ସାହି, ଉମାଶଙ୍କର ଲେନ୍, ଭୁବନେଶ୍ୱର-୭୫୧୦୦୨। | (୧) ଶ୍ରୀ ଉମେଶ ଚନ୍ଦ୍ର ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ଭୁବନେଶ୍ୱର ସହର ୟୁନିଟ୍ ନଂ. ୨୭, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ଖାତା ନଂ. : ୯୯୪/୬୭୨, ପ୍ଲଟ୍ ନଂ. : ୬୬୬/୩୮୫୦, ୬୬୫/୪୯, କ୍ଷେତ୍ର : ଏକର ୦.୦୬୫ ଡିସିମିଲି।<br>(୨) ଶ୍ରୀମତୀ ପୂର୍ଣ୍ଣିମା ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ଗୌତମ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ଖାତା ନଂ.: ୨୧୫୧/୨୨୫, ପ୍ଲଟ୍ ନଂ.: ୩୦୪୬, କ୍ଷେତ୍ର : ଏକର ୦.୦୫୨ ଡିସିମିଲି। | ତା.୩୧.୦୩.୨୦୨୧ ପର୍ଯ୍ୟନ୍ତ ସୁଧ ସହିତ ଟ.୮,୦୫,୫୧,୯୦୩.୭୮ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୧.୦୩.୨୦୧୮ | (୧)<br>ଟ.୭୩,୯୦,୦୦୦/-<br>ଟ.୭,୩୯,୦୦୦/-<br>ଟ.୫୦,୦୦୦/-<br>(୨)<br>ଟ.୭୯,୫୧,୦୦୦/-<br>ଟ.୭,୯୫,୧୦୦/-<br>ଟ.୫୦,୦୦୦/- |
| ୫ | ଋଣଗ୍ରହୀତା : ମେସର୍ସ ସ୍ୱସ୍ତିକ ଟ୍ରେଡିଙ୍ଗ କର୍ପୋରେସନ, ଅଂଶୀଦାରମାନେ : (୧) ଶ୍ରୀ ପ୍ରଦୀପ କୁମାର କାଣ୍ଡୋଇ, ପ୍ଲଟ୍ ନଂ.: ୨୦, ୟୁନିଟ୍-୯, ଆଚାର୍ଯ୍ୟ ବିହାର ଛକ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା, (୨) ଶ୍ରୀ ରୋହିତ କୁମାର କାଣ୍ଡୋଇ, ୩୧, ଗଣେଶ ଚନ୍ଦ୍ର ଆଭେନ୍ୟୁ, ରୁମ୍ ନଂ. ୫ବି ଏବଂ ୫ସି, ପଞ୍ଚମ ମହାଲା, କୋଲକାତା-୭୦୦୦୧୩, ପଶ୍ଚିମବଙ୍ଗ। | ଶ୍ରୀ ରୋହିତ କୁମାର କାଣ୍ଡୋଇ, ପିତା : ଶ୍ର ପ୍ରଦୀପ କୁମାର କାଣ୍ଡୋଇଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ପାଞ୍ଚଗାଁ, ଏସଆରଓ : ଜଟଣୀ, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା, ଖାତା ନଂ.: ୪୬୯/୧୨୭୧ (ନୂଆ ଖାତା ନଂ. ୪୬୯/୨୪୮୧), ପ୍ଲଟ୍ ନଂ.: ୧୭୧୧/୩୫୯୯, କ୍ଷେତ୍ର: ଏକର ୦.୦୫୫ ଡିସିମିଲି, ଏବଂ ଖାତା ନଂ. : ୪୬୯/୧୧୯୨ (ନୂଆ ଖାତା ନଂ. ୪୬୯/୨୪୮୧), ପ୍ଲଟ୍ ନଂ. : ୧୭୧୧/୩୫୨୨, କ୍ଷେତ୍ର : ଏକର ୦.୦୫୫ ଡିସିମିଲି। | ତା.୦୭.୦୫.୨୦୧୮ ପର୍ଯ୍ୟନ୍ତ ସୁଧ ସହିତ ଟ.୫୧,୮୬,୩୨୧.୩୫ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୭.୦୫.୨୦୧୮ | ଟ.୧୭,୨୫,୦୦୦/-<br>ଟ.୧,୭୨,୫୦୦/-<br>ଟ.୫୦,୦୦୦/- |

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ : ୨୦.୧୦.୨୦୨୧, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ ଦେଖନ୍ତୁ :
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ : କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ : ୮୬୫୮୫୬୨୧୧୩, କ୍ର.ନ. ୩, ୪ ଏବଂ ୫ ନିମନ୍ତେ ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ : ୯୪୩୭୫୫୨୫୩୫

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୧୦.୨୦୨୧ — ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧରାକୋଟ,(ଡି.ଏନ୍.ଏ.):**ଧରାକୋଟ ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ତରଫରୁ ଶକ୍ତି ପିଠ ମାଁ ଘୋଡ଼ା ଦେଇଙ୍କ ପରିସରରେ ମୁଣ୍ଡମରାଇ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ସମ୍ପାଦକ ପାଣ୍ଡବ ସ୍ୱାଇଁ ସମ୍ବର୍ଦ୍ଧନା ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ହର୍ଷ ବିଷୋୟୀଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ଝରପାରୀ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ ଅକାଳ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ମଙ୍ଗୁଲୁ ଜେନା, ନିଶାକର ପାତ୍ର, ଗୋପାଳକୃଷ୍ଣ ଦଳ ବେହେରା, ଭାଗିରଥି ବେହେରାଙ୍କ ସମେତ ସମସ୍ତ ବ୍ଲକ ସ୍ତରର କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଛାତ୍ରୀ ଉଦ୍ଧାର

ଆର.ଉଦୟଗିରି, ୮।୧୦(ଡି.ଏନ.ଏ.): ଅଡ଼ବା ଥାନା ପୋଲିସ ଶୁକ୍ରବାର ନଳଘାଟ ଫାଣ୍ଡି ଅଞ୍ଚଳରୁ ଜଣେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିଛି। ଗତ ୩୦ରେ ଉକ୍ତ ଥାନା ଅଞ୍ଚଳର ନବମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଡ଼ବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ନଳଘାଟ ଫାଣ୍ଡି ଅଞ୍ଚଳରୁ ନିଖୋଜ ନାବାଳିକା ସହିତ ଜଣେ ଯୁବକଙ୍କୁ ଉଦ୍ଧାର କରିଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର,୮।୧୦(ଡି.ଏନ.ଏ.):ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗୋଳନ୍ଥରା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଥାନା ଅଞ୍ଚଳରେ ଗୁରୁବାର ମଧରାତିରେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନୈକ ଯୁବକ ଅପହରଣ କରି ନେଇ ଚମ୍ପଟ ମାରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଜାଣିବା ପରେ ବହୁ ଖୋଜାଖୋଜି କରିଥିଲେ। ଝିଅର କୌଣସି ଖବର ନ ମିଳିବାରୁ ବାପା ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୮୨/୨୧ରେ ଅପହରଣ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଗଞ୍ଜାମ,୮।୧୦(ଡି.ଏନ.ଏ.):ଗଞ୍ଜାମ ସାନ ବଜାର ସ୍ଥିତ ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଗଞ୍ଜାମ ଥାନା ଲକ୍ଷ୍ମୀପୁର ଗ୍ରାମର ଆର ଲୋକନାଥ ରେଡ୍ଡୀ (୪୫)। ଦୁର୍ଘଟଣା ପରେ ସେଠାରେ ଉପସ୍ଥିତ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ନିଜ ବାଇକ୍ ଯୋଗେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଲୋକନାଥ ବ୍ରହ୍ମପୁରରୁ ଆସୁଥିବା ବେଳେ ନୂତନ ଭାବେ ନିର୍ମିତ ହୋଇଥିବା ଡିଭାଇଡରରେ ପିଟି ହେବାରୁ ଦୁର୍ଘଟଣା ଘଟିଥିଲା।

### ଏନ୍‌ସିସି ନାଭାଲ କ୍ୟାଡେଟ୍ ଚୟନ ଶିବିର

ଭଞ୍ଜନଗର, ୮।୧୦(ଡି.ଏନ.ଏ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏନ୍‌ସିସି ନାଭାଲ କ୍ୟାଡେଟ୍ ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେଏସ୍‌ୟୁବି କଲେଜର ୨୮ ଏବଂ ହାଇସ୍କୁଲର ୨୨ ନୂତନ କ୍ୟାଡର ଶିବିରରେ ଚୟନ ହୋଇଥିଲେ। ଶିବିରକୁ କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି ନାଭାଲ କମାଣ୍ଡିଂ ଅଫିସର ( ସିଓ) କିଶୋର ଚନ୍ଦ୍ର ରାଉତ, ସିଆଇ ଚନ୍ଦ୍ରଶେଖର ସାହୁ, ପିଓ ତପନ ନାୟକ ଶିବିରରେ ଯୋଗଦେଇ ନୂତନ କ୍ୟାଡେଟ୍‌ଙ୍କୁ ଚୟନ କରିଥିଲେ। କେଏସ୍‌ୟୁ ବି କଲେଜ ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର ଏବଂ ଯୁବି ହାଇସ୍କୁଲ ନାଭାଲ ଅଫିସର କେଦାର ସେଠୀ ଯୋଗଦେଇ କ୍ୟାଡେଟ୍‌ଙ୍କ ଭୂମିକା ସମ୍ପର୍କରେ କହିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ କାର୍ଯ୍ୟରତ କର୍ମଚାରୀ ମୃତ

ବେଗୁନିଆପଡ଼ା,୮।୧୦(ଡି.ଏନ୍.ଏ.)-କୋଦଳା ବିଦ୍ୟୁତ୍ ବିଭାଗରେ ଜଣେ କାର୍ଯ୍ୟରତ କର୍ମଚାରୀଙ୍କ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସେ ହେଲେ ବଡ ଖଇର ଖମା ପଞ୍ଚାୟତର ଗୁଞ୍ଜବଳା ଗ୍ରାମର ଅମୁଲ୍ୟ ରତ୍ନ ରାଉତ। ଖଲ୍ଲିକୋଟ-ଆସିକା ପୂର୍ତ୍ତ ରାସ୍ତାର ମଠ ସରସିଙ୍ଗିଠାରେ ଅମୁଲ୍ୟ ଏକ ଲୁହ ପୋଲରେ ଚଢି ବିଦ୍ୟୁତ୍ କାମ କରୁଥିବା ବେଳେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହଠାତ୍ ତଳେ ପଡି ଯାଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଅମୁଲ୍ୟ କାମ କରିବା ସମୟରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଥିବା ବେଳେ କିପରି ମୃତ୍ୟୁ ଘଟିଲା ସେ ନେଇ କୋଦଳା ପୋଲିସ ତଦନ୍ତ ଚଳାଇଛି।

### ଜିଲାସ୍ତରୀୟ ମେଗା ଋଣ ମେଳା

**ପାରଳାଖେମୁଣ୍ଡି,୮।୧୦(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସ୍ଥିତ ବିଜୁକଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ଏକ ମେଗା ଋଣମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବ୍ୟବସାୟରେ ଆତ୍ମନିର୍ଭରଶୀଳ ହେବା ପାଇଁ ୧୬ କୋଟିରୁ ଉର୍ଦ୍ଧ୍ୱ ଋଣ ଟଙ୍କା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ୟୁନିୟନ(ଆନ୍ଧ୍ର) ବ୍ୟାଙ୍କ ମ୍ୟାନେଜର କିଶୋର ଚନ୍ଦ୍ର ନାୟକ, ଅଧକ୍ଷତା କରିଥିଲେ। ସେହିଭଳି ୟୁନିୟନ ବ୍ୟାଙ୍କର ରାଜ୍ୟମୁଖ୍ୟ ରମାକାନ୍ତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଯୋଗଦେଇଥିଲେ। ମେଳାରେ ୭୦ରୁ ଉର୍ଦ୍ଧ୍ୱ ଜଣଙ୍କୁ ପ୍ରାୟ ୧୬ କୋଟି ୫୯ ଲକ୍ଷ ଟଙ୍କାର ବ୍ୟକ୍ତିଗତ ଓ ଦଳଗତ ଭାବେ ଋଣଟଙ୍କା ବଣ୍ଟାଯାଇଛି।

# ହାତୀ ସୁରକ୍ଷା ପାଇଁ ହେବ ମିଳିତ ପାଟ୍ରୋଲିଂ

## ବନ ବିଭାଗ, ଟାଟା ପାୱାର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୈଠକ

ଭଞ୍ଜନଗର,୮।୧୦(ଡି.ଏନ.ଏ)

ଗତ ଜୁନ୍ ୭ ତାରିଖରେ ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳରେ କମ୍ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାରରେ ଲାଗି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ଉଭୟ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ହୁକିଂ ସହାୟତାରେ ଅବାଧରେ ବନ୍ୟପ୍ରାଣୀ ଶିକାର ଚାଲିଛି । ଶିକାରୀମାନେ ବନ୍ଧୁକ ଧରି ଜଙ୍ଗଲରେ ଘୁରି ବୁଲୁଛନ୍ତି । ଶିକାର ବୃଦ୍ଧି ଯୋଗୁ ଆଗାମୀ ଦିନରେ ପୁଣି କିଛି ଅଭାବନୀୟ ଘଟଣା ଘଟିବା ଆଶଙ୍କା ରହିଛି । ଏହାକୁ ରୋକିବା ପାଇଁ ଦୁଇ ବନଖଣ୍ଡର ଅଧିକାରୀ ଏବଂ ଟାଟା ପାୱାରର ଅଧିକାରୀମାନଙ୍କୁ ନେଇ ଶୁକ୍ରବାର ଏକ ସମନ୍ୱୟ ବୈଠକ ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ ହୋଇଥିଲା । ଏଥିରେ ହାତୀମାନଙ୍କ ସୁରକ୍ଷା କିଭଳି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା।



ବୈଠକରେ ଆଲୋଚନା ଚାଲିଛି।

ଦୁଇ ବିଭାଗ ପକ୍ଷରୁ ମିଳିତ ଭାବେ ଜଙ୍ଗଲରେ କଡ଼ାକଡ଼ି ପାଟ୍ରୋଲିଂ କରାଯିବ । ଶିକାରୀମାନଙ୍କୁ ଦମନ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନିଆଯିବ । ଯେଉଁଠି ବିଦ୍ୟୁତ୍ ତାର ଓହଳି ରହିଛି ତାହାକୁ ନିର୍ଦ୍ଧାରିତ ଉଚ୍ଚତାରେ ଟଣାଯିବ। ଯେଉଁଠି ଅନ୍ୟାନ୍ୟ ମରାମତି ଆବଶ୍ୟକ ତାହାକୁ କିଭଳି କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଦୁଇ ବନଖଣ୍ଡରେ ୧୫୩ଟି ସ୍ଥାନରେ ମରାମତି ଆବଶ୍ୟକ ଥିବା ଜଣାପଡ଼ିଛି । ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ ବୈଠକରେ ଅଧକ୍ଷତା କରିଥିଲେ । ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ, ଏସିଏଫ୍ ସୁଦର୍ଶନ ବାଦୀ,ଏମ୍.ମୋତିଲାଲ, ପ୍ରଭାକର ନାୟକ, ଟାଟା ପାୱାର ଅଧୀକ୍ଷଣଯନ୍ତ୍ରୀ ଏନ.ଏନ.ପଣ୍ଡା, ସନ୍ଦିପ୍ ଦାସ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ତାରସିଂ ରେଞ୍ଜର ଆଶାଲତା ଦିଗାଲ, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ଗାଲେରି ରେଞ୍ଜର ଶିବରାମ ନାୟକ, ବୁଗୁଡ଼ା ରେଞ୍ଜର ଫକୀର ଚରଣ ବେହେରା, ଆସିକା ରେଞ୍ଜର ପ୍ରସନ୍ନ ସାହୁ , ବଡ଼ଗଡ଼ ରେଞ୍ଜର ନରସିଂହ ବେହେରା, ସୋରଡ଼ା ଓ ପୋଲସରା ରେଞ୍ଜର ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏସିଏଫ୍ ଶଙ୍କର୍ଷଣ ବେହେରା ଧନ୍ୟବାଦ ଦେଇଥିଲେ ।

# ୨୦ରୁ ଗଣଧାରଣା ନିଷ୍ପତ୍ତି

## ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ବୈଠକ

ଭଞ୍ଜନଗର,୮।୧୦(ଡି.ଏନ.ଏ)

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ଭଞ୍ଜନଗର ଶାଖାର ଏକ ବୈଠକ ଶୁକ୍ରବାର ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ହୋଇଯାଇଛି। ବୈଠକରେ ୧୨ ଦଫା ଦାବି ନେଇ ଆଲୋଚନା କରାଯିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୧୯ ତାରିଖ ସୁଦ୍ଧା ଦାବି ପୂରଣ କରିବାରେ ବିଭାଗ ଯଦି ବିଫଳ ହୁଏ ତେବେ ୨୦ ତାରିଖରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା, ଭଙ୍ଗାଯାଇଥିବା ଜୀବନ କ୍ଲବ, ପୂଜା କମିଟି ପାଇଁ ଘର ଯୋଗାଇ ଦେବା ଆଦି ଦାବି ରହିଛି। ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଶ୍ରମିକ କର୍ମଚାରୀ ସଂଘ ସମ୍ପାଦକ ହରେକୃଷ୍ଣ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇ କର୍ମଚାରୀଙ୍କୁ ସମର୍ଥନ କରିଥିଲେ । ଭଞ୍ଜନଗର ଶାଖା ସମ୍ପାଦକ କାକସ୍ତ ସାହୁ, ଆସିକାର ଜହଲାଲ ମୁନି, ପୋଲସରା ଶାଖା ସମ୍ପାଦକ ମନୋରଞ୍ଜନ ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।





ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ଫେରାର ଅଭିଯୁକ୍ତ ଗଲେ ଜେଲ

## ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ମାମଲା

ଦିଗପହଣ୍ଡି,୮।୧୦(ଡି.ଏନ.ଏ.)

ଦିଗପହଣ୍ଡି ଥାନା ବଡ଼ଡୁମୁଲା ପଞ୍ଚାୟତ ଆଦିବାସୀ ବହୁଳ ଛଣବଗଡ ଗାଁର ଦିବ୍ୟାଙ୍ଗ ବୃଦ୍ଧା ସାଇବାଣୀ ମଲ୍ଲିକ(୭୦)ଙ୍କୁ ଡାହାଣୀ ସନ୍ଦେହରେ ୨୦୨୦ ଅକ୍ଟୋବର ୭ରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଧ୍ରୁବା ମଲ୍ଲିକଙ୍କୁ ୨୦୨୦ ନଭେମ୍ବର ୨୩ରେ ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଅନିଲ ମଲ୍ଲିକ ଫେରାର ଥିଲେ। ଘଟଣାର ବର୍ଷକ ପରେ ଅଭିଯୁକ୍ତ ଅନିଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଅଭିଯୁକ୍ତ ଧ୍ରୁବାଙ୍କ ମା'ଚନ୍ଦ୍ରମା ମଲ୍ଲିକ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ। ୨୦୨୦ ଅଗଷ୍ଟ ୩୧ରେ ସେ ମୃତ୍ୟୁବରଣ କରିଥିଲେ। ମା' ମୃତ୍ୟୁ ପରଦିନ ସେପ୍ଟେମ୍ବର ୧ରେ ପାଖ ଗାଁରେ ରହୁଥିବା ଧ୍ରୁବାଙ୍କ ନିକଟ ସମ୍ପର୍କୀୟ କୁମାରୀ ମଲ୍ଲିକ ସେ ଭଳି ଢଙ୍ଗରେ ମୃତ୍ୟୁ ବରଣ କରିବାରୁ ଏସବୁ ଗୁଣି ଗାରେଡ଼ିର କରାମତି ବୋଲି ଧ୍ରୁବା ଓ ତାଙ୍କ ମାମୁ ଅନିଲ ସନ୍ଦେହ କରିଥିଲେ। ଅବିବାହିତା ସାଇବାଣୀ ଘରେ ସଦାସର୍ବଦା ଦେବୀ ପୂଜା କରୁଥିବାରୁ ତାଙ୍କୁ ଗାଁରେ ଡାହାଣୀ ବୋଲି କୁହାଯାଉଥିଲା। ୨୦୨୦ ଅକ୍ଟୋବର ୭ରେ ପୂର୍ବ ଧ୍ରୁବା ଓ ଅନିଲ ଝିପିଝିପି ବର୍ଷାର ସୁଯୋଗ ନେଇ ଘରେ ଏକୁଟିଆ ରହୁଥିବା ସାଇବାଣୀଙ୍କୁ ବାରିପଟକୁ ଟେକି ନେଇ ମେଟାଲିକ ଓୟାର ଦ୍ୱାରା ବେକ ଚିପି ହତ୍ୟା କରିଥିଲେ। ପରେ ମୃତଦେହ କେରାଣ୍ଡିମାଳ ରବାତାଟ ଦୁର୍ଗମ ଜଙ୍ଗଲକୁ ନେଇ ଗାତ ଖୋଳି ପୋତି ଦେଇଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସୁମେଧା

ବେଗୁନିଆପଡା,୮।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଶାଙ୍କୁଡା ଗ୍ରାମର ନୀଳାଦ୍ରି ବିହାରୀ ପ୍ରସାଦ ନନ୍ଦ ଓ ମିନତି ରାଣୀଙ୍କ ୫ ବର୍ଷ ୭ ମାସର ଝିଅ ସୁମେଧା ନନ୍ଦ ଇଣ୍ଡିଆ ବୁକ ଅଫ ରେକର୍ଡ-୨୦୨୧ରେ ସ୍ଥାନ ପାଇଛନ୍ତି। ପିଆନୋରେ ଅନବରତ ଭାବେ ୧୭ଟି ଗୀତର ଧୁନ୍ ବଜାଇ ଗୀତ ଗାଇବା ସହ ୩ ମିନିଟରେ ନିର୍ଭୁଲ ଭାବେ ୨୦ ଇଂଲିଶ ଶବ୍ଦ ଲେଖିବା, ନିର୍ଭୁଲ ଭାବେ ଇଂଲିଶ ଖବରକାଗଜ ପଢିବା ଓ ୫୦ ପ୍ରିନ୍ସ ଷ୍ଟୋରି ପୁସ୍ତକର ୧୦ ପୃଷ୍ଠା ନିର୍ଭୁଲ ଭାବେ ପଢି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସୁମେଧା ସ୍ଥାନ ହାସଲ କରିଛନ୍ତି। ପିଲାବେଳୁ ପଢା ଓ ସଙ୍ଗୀତ ତଥା ଇଂଲିଶ ପାଠ ପଢିବା ପ୍ରତି ରୁଚି ରଖିଥିବା ଏହି ସୁମେଧା ଆଜି ଏହି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ ତରଫରୁ ମାନପତ୍ର ଓ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଛି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ପୁରସ୍କାର ସହ ସୁମେଧା ନନ୍ଦ।

# କାୟାକଳ୍ପରେ ମନୋନୀତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ପୁରସ୍କୃତ

ଗୋପାଳପୁର,୮।୧୦(ଡି.ଏନ.ଏ.)

କାୟାକଳ୍ପରେ ରଙ୍ଗେଇଲୁଣ୍ଡା ବ୍ଲକର ତିନୋଟି ସ୍ୱାସ୍ଥ୍ୟକେନ୍ଦ୍ର ମନୋନୀତ ହୋଇଥିବାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଶୁକ୍ରବାର ବ୍ଲକ ଅନ୍ତର୍ଗତ କେଲୁଆପଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ୫୫ନଂ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, କେଲୁଆପଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁଜିତ କୁମାର ମହାପାତ୍ର, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, କେଲୁଆପଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ ଯୋଗ ଦେଇଥିଲେ। କେଲୁଆପଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଭଞ୍ଜବିହାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଫୁଲଟାସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୨୦୨୦-୨୧ରେ କାୟାକଳ୍ପରେ ମନୋନୀତ ହୋଇଥିଲା। ଜିଲାରେ ଫୁଲଟାସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଉକ୍ତ କେନ୍ଦ୍ରମାନଙ୍କ କର୍ମଚାରୀଙ୍କୁ ଉତ୍ସାହିତ କରି ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଡା. ମଧୁଛନ୍ଦା ଭୋଳ, ଡା. ପ୍ରଭୁ ପ୍ରସାଦ ପଣ୍ଡା, ଡ଼ା. ଜଗଦୀଶ ପଣ୍ଡା, ରଞ୍ଜନ କୁମାର ପ୍ରଧାନ, ସୁନିତା ମିଶ୍ର, ଉମେଶ ପଣ୍ଡା, ମୁନା ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



 କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ କର୍ମଚାରୀ ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ସଂରକ୍ଷଣ ଶେଷ

ଫୁଲବାଣୀ ଅଫିସ, ୮।୧୦

## କନ୍ଧମାଳ ଜିଲା

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ଶେଷ ହୋଇ ତାଲିକା ପ୍ରକାଶ ପାଇଛି । କନ୍ଧମାଳ ଜିଲାରେ ସମସ୍ତ ୧୭୧ ପଞ୍ଚାୟତରେ ସରପଞ୍ଚ ପଦବୀ ଅନୁସୂଚିତ ଜନଜାତି(ଏସ୍‌ଟି)ଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ସମିତି ସଭ୍ୟରେ ଏସ୍‌ଟି ବର୍ଗଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ରହିଛି । ବାକି ୫୦ ପ୍ରତିଶତ ଅନ୍ୟାନ୍ୟ ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ରହିଛି। ସେହିପରି ଜିଲା ପରିଷଦ ପାଇଁ ୧୮ ସିଟ୍‌ରେ ୧୧ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି(ଏସ୍‌ସି) ବର୍ଗଙ୍କ ଲାଗି ୩ ଓ ପଛୁଆବର୍ଗଙ୍କ ପାଇଁ ୧ ସିଟ୍ ଏବଂ ୩ ସିଟ୍ ଅଣସରଂକ୍ଷିତ ରଖାଯାଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି ତାଲିକା ପ୍ରସ୍ତୁତ ହୋଇଛି । କନ୍ଧମାଳ ଜିଲା ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ପେସା ଅଇନ ଅନୁସାରେ ସଂରକ୍ଷଣ କରାଯାଇଛି । ଜିଲାର ସମସ୍ତ ସରପଞ୍ଚ ପଦବୀ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ସମିତି ସଭ୍ୟରେ ୫୦ ପ୍ରତିଶତ ଏସ୍‌ଟିଙ୍କ ପାଇଁ ରହିଥିବା ବେଳେ ୩୩୨୩ ୱାର୍ଡ ମେମ୍ବର ପଦବୀରେ ମଧ ୫୦ ପ୍ରତିଶତ ଏସ୍‌ଟି ବର୍ଗଙ୍କ ଲାଗି ରଖାଯାଇଛି । ବାକି ପଦବୀ ଅନ୍ୟାନ ବର୍ଗଙ୍କ ଲାଗି ରହିଛି। ସମସ୍ତ ପଦବୀରେ ୫୦ ପ୍ରତିଶତ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି । ଜିଲାରେ ମୋଟ ୧୮ ଜିଲା ପରିଷଦ ଜୋନ୍ ରହିଛି । କ.ନୂଆଗାଁ ଜୋନ ବା ନିର୍ବାଚନ ମଣ୍ଡଳୀ ଏସ୍‌ଟି, କୋଟଗଡ ଜୋନ ଏସ୍‌ଟି, ଖଜୁରିପଡା ୧ ଏସ୍‌ଟି ଓ ୨ ନଂ. ଜୋନ୍ ଏସ୍‌ଟି, ଜି.ଉଦୟଗିରି ଜୋନ୍ ଏସ୍‌ଟି, ଚକାପାଦ ଜୋନ ଏସ୍‌ଟି, ଟିକାବାଲି ୧ ଏସ୍‌ଟି ଓ ୨ ନଂ ଜୋନ ଏସ୍‌ଟି, ତୁମୁଡିବନ୍ଧ ଜୋନ୍ ଏସ୍‌ଟି, ଦାରିଙ୍ଗିବାଡି ୧ ଏସ୍‌ସି ଓ ୨ ନଂ ଜୋନ ଅଣସଂରକ୍ଷିତ, ଫିରିଙ୍ଗିଆ ୧ ଅଣ ସଂରକ୍ଷିତ ଓ ୨ ନଂ ଜୋନ ଅଣ ସଂରକ୍ଷିତ, ଫୁଲବାଣୀ ପଛୁଆବର୍ଗ, ବାଲିଗୁଡ଼ା ୧ ଏସ୍‌ଟି ଓ ୨ ନଂ ଜୋନ ଏସ୍‌ସି, ରାଇକିଆ ୧ ଏସ୍‌ସି ଓ ୨ ନଂ ଜୋନ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି ।

ସେହିପରି ୧୨ ବ୍ଲକର ଅଧକ୍ଷ ପଦବୀରେ ଏସ୍‌ଟିବର୍ଗ ରହିବେ। ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବର ପଦବୀ ଲାଗି ହୋଇଥିବା ସଂରକ୍ଷଣରେ ଯଦି ତ୍ରୁଟି ଥିବ ବା କାହାର ଆପତ୍ତି ଅଭିଯୋଗ ରହିବ, ସେମାନେ ୧୬ ତାରିଖ ଯାଏ ଜିଲାପାଳଙ୍କ ପାଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରି ପାରିବେ। ୨୧ ତାରିଖରେ ଅଭିଯୋଗର ଶୁଣାଣି ଶେଷ ହୋଇ ୨୬ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ସେହିପରି ଜିଲା ପରିଷଦ ସିଟରେ ହୋଇଥିବା ସଂରକ୍ଷଣରେ ଯଦି କାହାର ଅଭିଯୋଗ ରହିବ, ସେମାନେ ୧୮ରେ ଅଭିଯୋଗ ଦାଖଲ କରିବେ। ୨୨ ତାରିଖ ମଧ୍ୟରେ ଏହାର ଶୁଣାଣି ଶେଷ ହୋଇ ୩୦ରେ ଚୂଡାନ୍ତ ତାଲିକା ସରକାର ପ୍ରକାଶ କରିବେ ।

# ଜିଲାରେ ୨୨ ବ୍ଲକର ଅଧକ୍ଷ ସଂରକ୍ଷଣ ତାଲିକା ପ୍ରକାଶ

ଛତ୍ରପୁର,୮।୧୦(ଡି.ଏନ.ଏ.)

## ଗଞ୍ଜାମ

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାଥମିକ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଗଞ୍ଜାମ ଜିଲାର ମୋଟ ୨୨ ବ୍ଲକ ଅଧକ୍ଷ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଆସିକା ମହିଳା, ବେଗୁନିଆପଡ଼ା ମହିଳା, ବେଲଗୁଣ୍ଠା ଅଣସଂରକ୍ଷିତ, ଭଞ୍ଜନଗର ଅଣସଂରକ୍ଷିତ , ବୁଗୁଡ଼ା ଅଣସଂରକ୍ଷିତ, ଛତ୍ରପୁର ଅଧକ୍ଷ ପାଇଁ ଅନୁସୂଚିତ ଜାତି ମହିଳା, ଚିକିଟି ଅନୁସୂଚିତ ଜାତି, ଧରାକୋଟ ପଛୁଆବର୍ଗ, ଦିଗପହଣ୍ଡି ଅନୁସୂଚିତ ଜାତି, ଗଞ୍ଜାମ ପଛୁଆବର୍ଗ, ହିଞ୍ଜିଳିକାଟୁ ଅନୁସୂଚିତ ଜାତି ମହିଳା, ଜଗନ୍ନାଥପ୍ରସାଦ ପଛୁଆବର୍ଗ ମହିଳା, କବିସୂର୍ଯ୍ୟନଗର ପଛୁଆବର୍ଗ ମହିଳା, ଖଲ୍ଲିକୋଟ ପଛୁଆବର୍ଗ, କୁକୁଡାଖଣ୍ଡି ଅନୁସୂଚିତ ଜାତି ମହିଳା, ପାତ୍ରପୁର ମହିଳା, ପୋଲସରା ମହିଳା, ପୁରୁଷୋତ୍ତମପୁର ଅଣସଂରକ୍ଷିତ, ରଙ୍ଗେଇଲୁଣ୍ଡା ମହିଳା, ସାନଖେମୁଣ୍ଡି ପଛୁଆବର୍ଗ ମହିଳା, ଶେରଗଡ଼ ଅଣସଂରକ୍ଷିତ, ସୋରଡା ବ୍ଲକ ଅଧକ୍ଷ ପଦବୀ ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷିତ ରହିଛି। ବ୍ଲକ ଅଧକ୍ଷ ପାଇଁ ଯଦି କିଏ ଚାହିଁବ ୧୬ ତାରିଖରେ ଆପତ୍ତି କରିପାରିବେ। ୨୧ ତାରିଖ ସୁଦ୍ଧା ଜିଲାପାଳଙ୍କ ଦ୍ୱାରା ଆପତ୍ତି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯିବ। ୨୬ରେ ଜିଲାପାଳ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଚୂଡାନ୍ତ ତାଲିକା ପ୍ରେରଣ କରିବେ।

### ମହିଳାଙ୍କୁ ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ଦିଗପହଣ୍ଡି,୮।୧୦(ଡି.ଏନ.ଏ.)

ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଶୁକ୍ରବାର ଏକ ମକଦ୍ଦମାର ଚୂଡାନ୍ତ ଶୁଣାଣି କରିଛନ୍ତି। ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ ମାମଲା ନଂ ୩୬/୦୯ର ଶୁଣାଣି କରି ସମୁଦାୟ ୫ ସାକ୍ଷ୍ୟଙ୍କ ବୟାନ ଆଧାରରେ ଦିଗପହଣ୍ଡି ଥାନା କାଣ୍ଡସର ଗ୍ରାମର ଏସ.ଧୋବା ରେଡ୍ଡୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨ ହଜାର ଟଙ୍କା ଜରିମାନା। ଜରିମାନା ଅନାଦେୟ ଅଧିକା ୧ ମାସ ଜେଲ ଦଣ୍ଡାଦେଶ ପାଇଁ ମାଜିଷ୍ଟ୍ରେଟ ରାୟ ପ୍ରଦାନ କରିଛନ୍ତି। ରାୟ ଶୁଣାଣି ସମୟରେ ଅଭିଯୁକ୍ତ ଜଣକ କୋର୍ଟରେ ଉପସ୍ଥିତ ଥିଲେ। ପରେ କୋର୍ଟଙ୍କ ଆଦେଶ ବଳରେ ଅଭିଯୁକ୍ତଙ୍କୁ ଜିଲା ଜଜ୍ କୋର୍ଟରେ ଅପିଲ ସୁଯୋଗ ପାଇଁ ଜାମିନ ପ୍ରଦାନ କରାଯାଇଥିଲା। ଗତ ୨୦୦୯ ଫେବୃଆରୀ ୨୦ରେ ଅଭିଯୁକ୍ତ ଜଣକ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିବା ନେଇ ନଂ. ୧୫/୯ରେ ମାମଲା ରୁଜୁ କରାଯାଇଥିଲା। ତତ୍କାଳୀନ ଏସ୍‌ଆଇ ଯୋଶବନ୍ତ ନାରାୟଣ ପ୍ରଧାନି ମାମଲାର ତଦନ୍ତ କରି ୨୦୦୯ ଏପ୍ରିଲ ୯ରେ କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ପ୍ରଦାନ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ନକୁଳ ପ୍ରଧାନ ଏବଂ କ୍ୟାଡ଼ର ଏପିପି ବିପ୍ଳବ କୁମାର ମୁଦୁଲି ମାମଲା ପରିଚାଳନା କରୁଥିଲେ।

### ଏନ୍‌ଏସି କର୍ମଚାରୀଙ୍କୁ ୩ ମାସର ଦରମା ନାହିଁ

ବୁଗୁଡା,୮।୧୦(ଡି.ଏନ୍.ଏ.)

ରାଜ୍ୟ ଶ୍ରେଷ୍ଠ ଏନ୍‌ଏସି ରୂପେ ମାନ୍ୟତା ଲାଭକରି ପୁରସ୍କୃତ ହୋଇଥିବା ବୁଗୁଡା ଏନଏସିର କର୍ମଚାରୀମାନଙ୍କୁ ୩ ମାସ ହେଲା ଦରମା ମିଳିନାହିଁ। ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅଧିକାରୀଙ୍କଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ୨୯ ଜଣ କର୍ମଚାରୀଙ୍କୁ ଗତ ଜୁଲାଇ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଦରମା ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଆଗକୁ ଦଶହରା ଓ କୁମାର ପୂର୍ଣ୍ଣିମା ଭଳି ପର୍ବ ରହିଥିବା ବେଳେ ଦରମା ପ୍ରଦାନ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ନୀରବତାକୁ ନେଇ ତଳିଆ କର୍ମଚାରୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଗଞ୍ଜାମ ଜିଲାପାଳ ତୁରନ୍ତ ଧାନ ଦେଇ କେଉଁ କାରଣରୁ କର୍ମଚାରୀମାନେ ଦରମା ପାଇନାହାନ୍ତି, ତାହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଯଥା ସମୟରେ କର୍ମଚାରୀମାନେ କିପରି ଦରମା ପାଇ ପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

### ରାଇକିଆ ଥାନାଧିକାରୀଙ୍କ ବଦଳି ଦାବି

ଫୁଲବାଣୀ ଅଫିସ, ୮।୧୦

ରାଇକିଆ ଥାନା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ତୁରନ୍ତ ତାଙ୍କ ବଦଳି ପାଇଁ ଶୁକ୍ରବାର ଶତାଧିକ ମହିଳା ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାମାନଙ୍କ ଅଭିଯୋଗ ଯେ, ଥାନା ଅଧିକାରୀ କୌଣସି ଘଟଣାର ତଦନ୍ତ ଠିକ୍ ଭାବେ କରୁନାହାନ୍ତି। ଏକତରଫା ଭାବେ ମାମଲା ରୁଜୁ କରି ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ କରୁଛନ୍ତି। କିଛି ନିର୍ଦ୍ଦିଷ୍ଟ ଲୋକଙ୍କ କଥାରେ ପଡି ଥାନାଧିକାରୀ ନୀରିହ ଲୋକଙ୍କ ବିରୋଧରେ ମିଛ କେସ୍ କରିବାକୁ ପଛାଉନାହାନ୍ତି। ଦୋଷ କରୁଥିବା ଲୋକଙ୍କୁ ସୁରକ୍ଷା ଦେଇ ତାଙ୍କ ବିରୋଧରେ ଅଭିଯୋଗ ନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରରୋଚିତ କରୁଛନ୍ତି। ଏସବୁ ଘଟଣାର ନିରପେକ୍ଷ ତଦନ୍ତ କରି ଥାନାଧିକାରୀଙ୍କୁ ବଦଳି କରିବାକୁ ମହିଳାମାନେ ଦାବି କରିଛନ୍ତି।

### ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଶେରଗଡ,୮।୧୦(ଡି.ଏନ.ଏ.)

ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କମଳାଦେଇପୁର ଗ୍ରାମବାସୀ ଗ୍ରାମରେ ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ଦାବି ନେଇ ଗୁରୁବାର ଦିନତମାମ ଧାରଣା ଦେଇଥିଲେ । ବିଡିଓ ଶମ୍ଭୁନାଥ ନନ୍ଦି, ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା, ଥାନାଅଧିକାରୀ ମମତା କୁମାରୀ ସାମନ୍ତରାୟ, ବିଇଓ ଭାସ୍କର ଲେଙ୍କା ରାତ୍ରି ପ୍ରାୟ ୯ଟାରେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏକ ମାସ ମଧ୍ୟରେ ବିଦ୍ୟାଳୟ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଧରିତ୍ରୀ
DHARITRI
ଶନିବାର, ୯ ଅକ୍ଟୋବର, ୨୦୨୧



ଚେନ୍ନାଇର ଜଗଦୀଶ ଏମ୍. ବିରଳ କୌଶଳ ପ୍ରଦର୍ଶନ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସର ଅଧିକାରୀ ହୋଇଛନ୍ତି। ଅଟୋର ଦୁଇଟି ଚକରେ ଭାରସାମ୍ୟ ବଜାୟ ରଖି ସେ ୨.୨ କି.ମି. ଅତିକ୍ରମ କରିଛନ୍ତି। ତାଙ୍କର ଏହି ଷ୍ଟଣ୍ଟ ୨୦୧୫ରେ ସାମ୍ନାକୁ ଆସିଥିବାବେଳେ ଗିନିଜ୍ ବୁକ୍ ପକ୍ଷରୁ ଗତ ୬ ତାରିଖରେ ଶେୟାର କରାଯାଇଛି। ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି।




## ସଂକ୍ଷେପରେ

### ସହର ମଧ୍ୟରେ ଖୁବ୍‌ଶୀଘ୍ର ହେଲିକପ୍ଟର ସେବା

**ନୂଆଦିଲ୍ଲୀ, ୮।୧୦:** ମୁମ୍ବାଇ ଜୁହୁ-ପୁଣେ, ମୁମ୍ବାଇର ମହାଲକ୍ଷ୍ମୀ ରେସ୍‌କୋର୍ସ-ପୁଣେ, ଗାନ୍ଧିନଗର-ଅହମଦାବାଦ ମଧ୍ୟରେ ଖୁବ୍‌ଶୀଘ୍ର ହେଲିକପ୍ଟର ସେବା ଆରମ୍ଭ ହେବାକୁ ଯାଉଛି। ଦୁର୍ଘଟଣାରେ ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବା ପାଇଁ ଦିଲ୍ଲୀ-ବମ୍ବେ, ଅମ୍ବାଲା-କୋଟପୁଲି ଏବଂ ଅମ୍ବାଲା-ଭଟିଣ୍ଡା-ଜାମନଗର ଏକ୍ସପ୍ରେସୱେରେ ହେଲିପୋର୍ଟ ନିର୍ମାଣ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଶୁକ୍ରବାର କହିଛନ୍ତି। ମୁମ୍ବାଇ ଜୁହୁ, ଗୁଆହାଟୀ, ଦିଲ୍ଲୀ ଓ ବେଙ୍ଗାଲୁରୁଠାରେ ୪ଟି ହେଲି-ହବ୍ ନିର୍ମାଣ କରାଯିବ। ହେଲିକପ୍ଟର କରିଡର ନିର୍ମାଣ ଲାଗି ଦେଶର ୧୦ଟି ମହାନଗରୀ ଓ ୮୨ଟି ରୁଟ୍‌କୁ ଚିହ୍ନଟ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### କଶ୍ମୀରୀଙ୍କୁ ସୁରକ୍ଷା ଦେଇପାରୁନି ପ୍ରଶାସନ: ପିଡିପି


ମନୋଜ ସିହ୍ନା

**ଶ୍ରୀନଗର, ୮।୧୦:** ଜମ୍ମୁ-କଶ୍ମୀରରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ହତ୍ୟା କରୁଥିବାରୁ ଉପରାଜ୍ୟପାଳ ମନୋଜ ସିହ୍ନା ଇସ୍ତଫା ଦିଅନ୍ତୁ ବୋଲି ପିଡିପି ଶୁକ୍ରବାର ଦାବି କରିଛି। ଲୋକଙ୍କୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହୋଇଥିବା ପିଡିପି ଅଭିଯୋଗ କରିଛି। ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଥିବା ନେଇ ସରକାର ଦାବି କରୁଥିବାବେଳେ ଏହା ସମ୍ପୂର୍ଣ୍ଣ ମିଛ। ଗତ କିଛିଦିନ ମଧ୍ୟରେ ଅନେକ ନିରୀହ ଲୋକଙ୍କୁ ହତ୍ୟା କରାଗଲାଣି ବୋଲି ପିଡିପି ମୁଖପାତ୍ର ସୁହେଲ ବୁଖାରି କହିଛନ୍ତି। ଗୁରୁବାର ଏକ ସରକାରୀ ସ୍କୁଲ୍‌ର ପ୍ରିନ୍ସିପାଲ ଓ ଜଣେ ଶିକ୍ଷକଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ମଙ୍ଗଳବାର କଶ୍ମୀରୀ ପଣ୍ଡିତ ମାଖନଲାଲ୍ ବିନ୍ଦ୍ରୁଙ୍କ ସମେତ ୩ ଜଣଙ୍କୁ ଆତଙ୍କବାଦୀ ହତ୍ୟା କରିଥିଲେ। ଶନିବାର ମଧ୍ୟ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିଲା।

### ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଉଲଗ୍ନ କରି ମାଡ଼

**ଭୋପାଳ, ୮।୧୦:** ମଧ୍ୟପ୍ରଦେଶର ଧର ଜିଲାରେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ମଧ୍ୟବୟସ୍କା ବିଧବାଙ୍କୁ ପଡୋଶୀମାନେ ଉଲଗ୍ନ କରି ନିର୍ଘାତ ମାଡ଼ ମାରିଛନ୍ତି। ଶହ ଶହ ଲୋକଙ୍କ ଉପସ୍ଥିତିରେ ମହିଳାଙ୍କୁ ଉଲଗ୍ନ ଅବସ୍ଥାରେ ଚୁଟିଧରି ଲୋକେ ଭିଡ଼ିବା ସହ ମାଡ଼ ମାରୁଥିବାରୁ ଭିଡ଼ିଓ ଗୁରୁବାର ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଉକ୍ତ ଘଟଣାରେ ମହିଳାଙ୍କ ୩ ଜଣ ସମ୍ପର୍କୀୟ ଓ ପଡୋଶୀଙ୍କୁ ଗିରଫ କରାଯିବା ସହ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

# ଖାଲି କଥା, କାର୍ଯ୍ୟାନୁଷ୍ଠାନ ନାହିଁ

## ଲଖିମପୁର ଖେରି ହିଂସା: ଯୋଗୀ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,୮।୧୦

କେବଳ କଥା କହୁଛ, କାର୍ଯ୍ୟାନୁଷ୍ଠାନର ଦେଖା ନାହିଁ। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ଯାଏ ଯାହା କିଛି ପଦକ୍ଷେପ ଗ୍ରହଣ କରାଯାଇଛି ତାକୁ ନେଇ ଆମେ ଆଦୌ ସନ୍ତୁଷ୍ଟ ନୋହୁଁ। ବିକ୍ଷୋଭକାରୀଙ୍କୁ ଗୁଳିମାଡ଼ ଅଭିଯୋଗ ଅତି ଗମ୍ଭୀର ଅଭିଯୋଗ। ସରକାର ଓ ପୋଲିସ ନ୍ୟାୟସଙ୍ଗତ ତଥା ଯୁକ୍ତିଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଲଖିମପୁର ଖେରି ହିଂସା ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ଯୋଗୀ ସରକାରଙ୍କ ବିଫଳତାକୁ ନେଇ ଶୁକ୍ରବାର ଏଭଳି ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ।

ଅକ୍ଟୋବର ୩ରେ ଲଖିମପୁର ଖେରି ଜିଲା ତିକୁନିଆରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ଧକ୍କାରେ ୪ କୃଷକଙ୍କ ମୃତ୍ୟୁ ଘଟିବା ଏବଂ ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣଙ୍କ ଜୀବନ ଯିବା ପରେ ୟୁପିର ଭାଜପା ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟ ବୁଧବାର ଏହି ସମ୍ବେଦନଶୀଳ ଘଟଣାକୁ ସଂଜ୍ଞାନକୁ ନେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ନିଜ ଆଡୁ ଏହାର ବିଚାର ଆରମ୍ଭ କରିଥିଲେ। ଏହାସହ ୨୪ ଘଣ୍ଟା ଭିତରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଯୋଗୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଏହାର ଶୁଣାଣି କରି ସିଜେଆଇ ରମନା କହିଛନ୍ତି, ଯିଏ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି କାର୍ଯ୍ୟାନୁଷ୍ଠାନ ପାଇଁ ଆଇନକୁ ବାଟ ଛାଡ଼ିଦିଆଯିବା ଜରୁରୀ।

ୟୁପି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ହରିଶ୍ ସାଲ୍‌ଭେଙ୍କୁ ଖଣ୍ଡପୀଠ ଆହୁରି କହିଥିଲେ, ରାଜ୍ୟର ଶୀର୍ଷ ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ, ଯେପରି କି ମାମଲାର ପ୍ରମାଣ ଓ ଅନ୍ୟ ପ୍ରାସଙ୍ଗିକ ତଥ୍ୟ ନଷ୍ଟ ନ ହେବ। ରାଜ୍ୟ ସରକାର କେଉଁ ପ୍ରକାର ସନ୍ଦେଶ ଦେଉଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୩୦୨ (ହତ୍ୟା) ଲାଗିଥିଲେ ତାଙ୍କ ସହ ବି ଏପରି ବ୍ୟବହାର କରୁଛନ୍ତି କି। ଅନ୍ୟ କେହି ଏଭଳି କାଣ୍ଡ ଭିଆଇଥିଲେ ପୋଲିସ ତାଙ୍କୁ ଗିରଫ କରି ନ ଥାଆନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବା ସହ କହିଥିଲେ, କେବଳ କଥା କହୁଛ, କାମ କିଛି ନାହିଁ। ଏହାସହ ଆସନ୍ତା ୨୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଭିତରେ ମାମଲାର ପର୍ଯ୍ୟାପ୍ତ ଅଗ୍ରଗତି ନ ହେଲେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ଭାର ଦିଆଯାଇପାରେ ବୋଲି ଖଣ୍ଡପୀଠଙ୍କୁ ସାଲ୍‌ଭେ କହିଥିଲେ। ଏହା ଉପରେ ସାଲଭେଙ୍କୁ ସିଜେଆଇ କହିଥିଲେ, ଆପଣଙ୍କ ପ୍ରତି ଆମର ସମ୍ମାନ ଅଛି। ରାଜ୍ୟ ସରକାର ଜରୁରୀ ପଦକ୍ଷେପ ନେବେ ବୋଲି ଆମେ ଆଶାବାଦୀ। ମାମଲାର ସମ୍ବେଦନଶୀଳତାକୁ ଧ୍ୟାନ ଦେଇ ସୁପ୍ରିମକୋର୍ଟ ମନ୍ତବ୍ୟ ଦେଉନାହାନ୍ତି। ସିବିଆଇକୁ ଦାୟିତ୍ୱ ଦେବା ସମାଧାନ ନୁହେଁ। ଏହାର କାରଣ ଆପଣ ଜାଣନ୍ତି। ଅନ୍ୟ କାହାକୁ ଦାୟିତ୍ୱ ଦେଲେ ଉଚିତ ହେବ। ଦଶହରା ଛୁଟି ପରେ କୋର୍ଟ ଖୋଲିଲେ ଏହା ଉପରେ ବିଚାର କରାଯିବ। କିନ୍ତୁ ସେତେବେଳ ଯାଏ ଅଧିକାରୀମାନେ କାର୍ଯ୍ୟାଷ୍ଠାନ ନେବା ଜରୁରୀ।

ପ୍ରକାଶ ଯେ, ଲଖିମପୁର ଖେରି ହିଂସାରେ ୮ ଜଣଙ୍କ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏପରି କି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ସରକାର ଓ ପୋଲିସ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି। ଏନେଇ ଆଇନଜୀବୀ ଶିବକୁମାର ତ୍ରିପାଠୀ ଏବଂ ସି.ଏସ୍. ପଣ୍ଡା ସୁପ୍ରିମକୋର୍ଟଙ୍କୁ ପତ୍ର ଲେଖି ମାମଲାକୁ ସଂଜ୍ଞାନକୁ ନେବା ପାଇଁ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟକୁ ନେଇ ଶିବ କୁମାର କହିଛନ୍ତି, ଅଦାଲତଙ୍କ ଏଭଳି ମନ୍ତବ୍ୟ ଜରୁରୀ ଥିଲା। ଅଭିଯୁକ୍ତଙ୍କୁ ସମନ କରିବା ପାଇଁ ମଧ୍ୟ ୟୁପି ସରକାରଙ୍କୁ ଏତେ ସମୟ ଲାଗିଲା। ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରେ ସେମାନଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନ ଆସିବା ଉଚିତ।

### ସିଜେଆଇଙ୍କୁ ନେଇ ମିଛ ଟୁଇଟ


ସିଜେଆଇ ଏନ୍.ଭି. ରମନା

ନୂଆଦିଲ୍ଲୀ,୮।୧୦

ଲଖିମପୁର ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ସିଜେଆଇ ଏନ୍.ଭି. ରମନା ଭେଟିଥିବା ନେଇ କେତେକ ଗଣମାଧ୍ୟମ ସଂସ୍ଥା ମିଛ ଟୁଇଟ୍ କରିଥିଲେ। ଏହାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଦାଲତ କହିଛନ୍ତି, ଗଣମାଧ୍ୟମ ଓ ଅନ୍ୟ ଏହାର ସ୍ୱାଧୀନତାକୁ ଆମେ ସମ୍ମାନ ଦେଉଛୁ। କିନ୍ତୁ ଏଭଳି ଟୁଇଟ୍ ଦୁର୍ଭାଗ୍ୟଜନକ। ଗଣମାଧ୍ୟମ ସତ ନ ଜାଣି ଏପରି କରିବା ଆଦୌ ଠିକ୍ ନୁହେଁ। ଅଭିବ୍ୟକ୍ତି ସ୍ୱାଧୀନତାର ସୀମା ଲଂଘିବା ଅନୁଚିତ। ସିଜେଆଇ କହିଥିଲେ, ମୁଁ କୋର୍ଟରେ ବସିଥିବାବେଳେ ଲକ୍ଷ୍ନୌ ଯାଇ ସେମାନଙ୍କୁ କିପରି ଭେଟିଲି। ସେମାନଙ୍କ ସାଧାରଣ ଜ୍ଞାନ ରହିବା କଥା।

### ରଞ୍ଜିତ୍ ସିଂ ହତ୍ୟା ମାମଲା
### ଗୁର୍‌ମିତ ଦୋଷୀ



ଚଣ୍ଡିଗଡ଼, ୮।୧୦

ରଞ୍ଜିତ୍ ସିଂ ହତ୍ୟା ମାମଲାରେ ପଞ୍ଚକୁଲାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଶୁକ୍ରବାର ଡେରା ସଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଓ ଅନ୍ୟ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୨ ତାରିଖରେ ଅଦାଲତ ଦଣ୍ଡ ଶୁଣାଇବେ। ସ୍ୱତନ୍ତ୍ର ସିବିଆଇ ବିଚାରପତି ଡ. ସୁଶୀଲ କୁମାର ଗର୍ଗ ଆଇପିସିର ଧାରା ୩୦୨ ଏବଂ ୧୨୦ବି'ରେ ଗୁର୍‌ମିତ, ଯଶବୀର ସିଂ, ସବଦିଲ୍ ସିଂ, କ୍ରିଷନ ଲା ଏବଂ ଇନ୍ଦର ସାଇନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଏହା ବ୍ୟତୀତ କ୍ରିଷନ ଲାଲ, ଇନ୍ଦର ଓ ଯଶବୀରଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ମଧ୍ୟ ଦୋଷୀସାବ୍ୟସ୍ତ କରାଯାଇଛି। ୨୦୦୨ ଜୁଲାଇ ୧୦ରେ ରଞ୍ଜିତ୍ ସିଂଙ୍କୁ ହରିୟାଣାର କୁରୁକ୍ଷେତ୍ର ଅନ୍ତର୍ଗତ ଥାନେସାର ଅଞ୍ଚଳରେ ହତ୍ୟା କରାଯାଇଥିଲା। ଥାନେସାର ପୋଲିସ ହତ୍ୟା ଓ ଅପରାଧ ଷଡ଼ଯନ୍ତ୍ର ମାମଲା ରୁଜୁ କରିଥିଲା। ମାମଲାର ସିବିଆଇ ତଦନ୍ତ ଲାଗି ୨୦୦୩ ନଭେମ୍ବର ୧୦ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଚାର୍ଜଶିଟ ଅନୁଯାୟୀ ସିର୍ସାସ୍ଥିତ ଡେରା ସଚା ସୌଦାର ପରିଚାଳକ ଥିବା ରଞ୍ଜିତ୍ ସିଂଙ୍କୁ ଡେରା ମୁଖ୍ୟ ସନ୍ଦେହ କରୁଥିଲେ। ଗୁର୍‌ମିତ ମହିଳା ଭକ୍ତମାନଙ୍କୁ ଯୌନ ଶୋଷଣ କରୁଥିବା ନେଇ ରଞ୍ଜିତ ଏକ ବେନାମୀ ଚିଠି ପ୍ରସାର କରିଥିଲେ। ଏହି ଚିଠିକୁ ନେଇ ସିର୍ସାର ଖବରଦାତା ରାମଚନ୍ଦ୍ର ଛତ୍ରପତି ଖବର ପରିବେଷଣ କରିଥିଲେ। ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା।


ଭାରତୀୟ ବାୟୁସେନାର ୮୯ତମ ପ୍ରତିଷ୍ଠା ଦିବସ ଅବସରରେ ଗାଜିଆବାଦସ୍ଥିତ ହିଣ୍ଡୋନ ଏୟାରବେସ୍ ଷ୍ଟେଶନରେ ଶୁକ୍ରବାର ରାଫାଲ ଯୁଦ୍ଧବିମାନର ସାମରିକ କୌଶଳ ପ୍ରଦର୍ଶନ। (ଫଟୋ: ଚମନ ଗୌତମ)

## ଆର୍ଯ୍ୟନଙ୍କୁ ମିଳିଲାନି ଜାମିନ

ମୁମ୍ବାଇ, ୮।୧୦

କ୍ରୁଜ୍ ଜାହାଜ ରେଭ୍ ପାର୍ଟିରେ ନିଶା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ଜାମିନ ଆବେଦନକୁ ମୁମ୍ବାଇର ଏକ ମାଜିଷ୍ଟ୍ରେଟ୍ କୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ତାଙ୍କୁ ଆର୍ଥର ରୋଡ୍ ଜେଲ୍‌ରେ ରହିବାକୁ ହେବ। ଗୁରୁବାର ଏନ୍‌ସିବିର ରିମାଣ୍ଡ ଆବେଦନକୁ ଖାରଜ କରିଦେଇ ଅଦାଲତ ଆର୍ଯ୍ୟନଙ୍କ ସମେତ ଅନ୍ୟ ୭ ଅଭିଯୁକ୍ତଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଁଇ ଦେଇଥିଲେ। ଆର୍ଯ୍ୟନଙ୍କ ପାଖରୁ ଡ୍ରଗ୍ସ ଜବତ ହୋଇଥିବା ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) କହୁଥିବାରୁ ତାଙ୍କ ଜାମିନ ଆବେଦନ ଉଲ୍ଲେଖ ଯୋଗ୍ୟ ନୁହେଁ ବୋଲି ମାଜିଷ୍ଟ୍ରେଟ୍ କୋର୍ଟ କହିବା ସହ ସେସନ୍ସ କୋର୍ଟ ଏହାର ଶୁଣାଣି କରିବା ଆବଶ୍ୟକ ବୋଲି କହିଛନ୍ତି। ଏଥିସହିତ ଅର୍ବାଜ ମର୍ଚ୍ଚାଣ୍ଟ ଏବଂ ମୁନ୍‌ମୁନ୍ ଧମେଚାଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଯାଇଛି। ଜାମିନ ପାଇଁ ସେମାନଙ୍କୁ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ।

ଜାମିନରେ ଛଡ଼ାଗଲେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା ସହ ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ଏନ୍‌ସିବି କହିଥିଲା। ଆର୍ଯ୍ୟନ ଓ ଅନ୍ୟ ଅଭିଯୁକ୍ତମାନେ ନିୟମିତ ଭାବେ ନିଷିଦ୍ଧ ନିଶାଦ୍ରବ୍ୟ ବ୍ୟବହାର କରୁଥିଲେ ବୋଲି ଏନ୍‌ସିବି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ କୋର୍ଟଙ୍କୁ ଜଣାଇବା ସହ ସେମାନଙ୍କ ଜାମିନକୁ ବିରୋଧ କରିଥିଲେ। ଅନ୍ୟପକ୍ଷରେ ତାଙ୍କ ମହକିଲଙ୍କଠାରୁ ନିଶାଦ୍ରବ୍ୟ ଏନ୍‌ସିବି ଜବତ କରି ନ ଥିବା ଆର୍ଯ୍ୟନଙ୍କ ଓକିଲ ସତୀଶ ମାନେଶିନ୍ଦେ କୋର୍ଟଙ୍କୁ କହିଥିଲେ।

## ସୁଶୀଲ, ଗୋପାଳ ଅନ୍‌ସଲ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ, ୮।୧୦

**ଉପହାର ଟ୍ରାଜେଡି**

୧୯୯୭ ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲାରେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ସୁଶୀଲ ଓ ଗୋପାଲ ଅନ୍‌ସଲଙ୍କୁ ଶୁକ୍ରବାର ଦିଲ୍ଲୀର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ବ୍ୟତୀତ କୋର୍ଟର ପୂର୍ବତନ କର୍ମଚାରୀ ଦିନେଶ ଚାନ୍ଦ୍ ଶର୍ମା ଏବଂ ଅନ୍ୟ ଦୁଇ ଜଣ ପି.ପି. ବାତ୍ରା ଓ ଅନୁପ ସିଂଙ୍କୁ ଏହି ମାମଲାରେ ମୁଖ୍ୟ ମେଟ୍ରୋ ପଲିଟାନ ମାଜିଷ୍ଟ୍ରେଟ୍ ପଙ୍କଜ ଶର୍ମା ଦୋଷୀ ସାବ୍ୟସ୍ତ କରିଥିବାବେଳେ ସୋମବାର ଦଣ୍ଡ ଶୁଣାଣି କରାଯିବ। ଦିଲ୍ଲୀର ଉପହାର ସିନେମା ହଲ୍ ଅଗ୍ନିକାଣ୍ଡରେ ୫୯ ଲୋକଙ୍କ ଜୀବନ ଯାଇଥିଲା। ଏହି ମାମଲରେ ଅନ୍‌ସଲ ଭ୍ରାତା ଦୋଷୀସାବ୍ୟସ୍ତ ହେବା ସହ ୨ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଥିଲା। ଦିଲ୍ଲୀରେ ଏକ ଟ୍ରମା ସେଣ୍ଟର ନିର୍ମାଣ ଲାଗି ଜରିମାନା ବାବଦକୁ ୩୦ କୋଟି ଟଙ୍କା ଲେଖାଏ ଦେବା ସର୍ତ୍ତରେ ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ମୁକ୍ତ କରିଦେଇଥିଲେ। ଉକ୍ତ ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ଅଭିଯୁକ୍ତ ଅନ୍‌ସଲ ଭ୍ରାତାଙ୍କ ବିରୋଧରେ ମକଦ୍ଦମା ଚାଲୁଥିଲା।

## ଯୁଗ୍ମ ସଚିବ, ନିର୍ଦ୍ଦେଶକ ପଦ ଲାଗି ୩୧ ଘରୋଇ ସେକ୍ଟର ଅଧିକାରୀ ମନୋନୀତ

ନୂଆଦିଲ୍ଲୀ, ୮।୧୦(ପି.ଟି.)

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପସଚିବ ପଦବୀରେ ନିଯୁକ୍ତି ଦେବା ଲାଗି ଘରୋଇ ସେକ୍ଟରରୁ ୩୧ କର୍ମଚାରୀଙ୍କୁ ମନୋନୀତ କରିଛି। ସେମାନଙ୍କ ମଧ୍ୟରେ ୩ ଯୁଗ୍ମ ସଚିବ, ୧୯ ନିର୍ଦ୍ଦେଶକ ଏବଂ ୯ ଜଣ ଉପସଚିବ ଅଛନ୍ତି। ଉପଯୁକ୍ତ ମେଧାବୀଙ୍କୁ ଉପଯୁକ୍ତ ଦାୟିତ୍ୱ ଦେବା ଲାଗି ଏହା ଏକ ବଡ଼ ପଦକ୍ଷେପ ବୋଲି କାର୍ମିକ ବିଭାଗ ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଘରୋଇ ସଂସ୍ଥାଗୁଡ଼ିକରୁ ଉପଯୁକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଉଚ୍ଚ ପଦବୀରେ ଠିକା କିମ୍ବା ଡେପୁଟେଶନ ଆଧାରରେ ନିଯୁକ୍ତି ଦେବା ଲାଗି ଚୟନ କରିବା ନିମନ୍ତେ କାର୍ମିକ ଓ ତାଲିମ ବିଭାଗ ଗତବର୍ଷ ଡିସେମ୍ବର ୧୪ ଏବଂ ଚଳିତ ବର୍ଷ ଫେବୃୟାରୀ ୧୨ରେ ଅନୁରୋଧ କରିଥିଲା। ଏଥିପାଇଁ ଅନ୍‌ଲାଇନରେ ଆବେଦନ କରିବା ଲାଗି ଫେବୃୟାରୀ ୬ ଏବଂ ମାର୍ଚ୍ଚ ୨୦ରେ ୟୁପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା।

## ମସ୍‌ଜିଦରେ ବିସ୍ଫୋରଣ: ୫୫ ମୃତ

କାବୁଲ, ୮।୧୦


କୁନ୍ଦୁଜ୍ ମସ୍‌ଜିଦରେ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

ଆଫଗାନିସ୍ତାନର କୁନ୍ଦୁଜ୍ ସହରରେ ଥିବା ଏକ ଶିୟା ମସ୍‌ଜିଦରେ ଶୁକ୍ରବାର ଆତ୍ମଘାତୀ ବିସ୍ଫୋରଣରେ ୫୫ ଜଣଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ଏହା ସବୁଠୁ ଭୟାବହ ଆକ୍ରମଣ। ମସ୍‌ଜିଦ୍‌ରେ ନମାଜ ପାଠ କରୁଥିବା ସଂଖ୍ୟାଲଘୁ ଶିୟା ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ଘଟାଯାଇଥିଲା। ଏଥିରେ ଅନେକେ ଆହତ ହୋଇଛନ୍ତି। ତାଲିବାନ ଶାସନାଧୀନ ଆଫଗାନିସ୍ତାନରେ ଅସ୍ଥିରତା ସୃଷ୍ଟି ଉଦ୍ଦେଶ୍ୟରେ ଏଭଳି ଆକ୍ରମଣ କରାଯାଇଥିବା କୁହାଯାଉଛି। ତେବେ କୌଣସି ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ସୁନ୍ନି ବହୁଳ ଆଫଗାନିସ୍ତାନରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ଲାଗି ତାଲିବାନର ବିରୋଧୀ ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ବାରମ୍ବାର ଶିୟାମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରିଆସୁଛି। ଶୁକ୍ରବାରର ଆକ୍ରମଣ ଏକ ଆତ୍ମଘାତୀ ବିସ୍ଫୋରଣ ଥିଲା ବୋଲି କୁନ୍ଦୁଜ୍‌ରେ ତାଲିବାନ ସରକାରର ସଂସ୍କୃତି ଓ ସୂଚନା ବିଭାଗ ନିର୍ଦ୍ଦେଶକ ମତିଉଲ୍ଲା ରୋହାନି ସ୍ପଷ୍ଟ କରିଛନ୍ତି। ୩୫ ଜଣଙ୍କ ମୃତ୍ୟୁ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ଚିକିତ୍ସିତ ହେଉଥିବା କୁନ୍ଦୁଜ୍ ପ୍ରାଦେଶିକ ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ ହସ୍ପିଟାଲ ରିପୋର୍ଟ ଅନୁଯାୟୀ ୧୫ ଜଣଙ୍କ ମୃତ୍ୟୁ ସହ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି ବୋଲି ଜଣେ ଅନ୍ତର୍ଜାତୀୟ ସହାୟତା କର୍ମୀ ସୂଚନା ଦେଇଛନ୍ତି। ହସ୍ପିଟାଲ ଗେଟ୍ ନିକଟରେ ଶହ ଶହ ଲୋକ ଜମା ହୋଇ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ କାନ୍ଦୁଥିବାବେଳେ ଆଉ ଏକ ବିସ୍ଫୋରଣ ଯୋଜନା ଥାଇପାରେ ଆଶଙ୍କାରେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଘଉଡ଼ାଇ ଦେଉଥିବା ଦେଖାଯାଇଛି।

## ତାୱାଙ୍ଗରେ ଭାରତ,ଚାଇନା ସୈନ୍ୟ ମୁହାଁମୁହିଁ

- ଅରୁଣାଚଳରେ ସୈନ୍ୟ ଅଟକ ରହିବା ଜାଣିନି କହିଲା ବେଜିଂ
- ବାହ୍ୟଶକ୍ତିକୁ ସୀମା ଅତିକ୍ରମ କରିବାକୁ ଦିଆଯିବନି: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ/ବେଜିଂ, ୮।୧୦



ଉତ୍ତରାଖଣ୍ଡରେ ଚାଇନା ସୈନ୍ୟ ଅନୁପ୍ରବେଶ କରିବା ଘଟଣାର ମାସକ ପରେ ଗତ ସପ୍ତାହରେ ପୁଣି ଥରେ ସେମାନେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ଅତିକ୍ରମ କରି ଅରୁଣାଚଳପ୍ରଦେଶରେ ଅନୁପ୍ରବେଶ କରିଥିଲେ। ତାୱାଙ୍ଗରେ ଚାଇନା ସୈନ୍ୟଙ୍କ ସହ ଭାରତୀୟ ଯବାନ ମୁହାଁମୁହିଁ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ପ୍ରକୃତ ନିୟନ୍ତ୍ରଣ ରେଖାକୁ ନେଇ ମତପାର୍ଥକ୍ୟ ରହିଥିବାରୁ ଉଭୟ ପକ୍ଷ ସେମାନଙ୍କ ଧାରଣାର ନିୟନ୍ତ୍ରଣ ରେଖା ପର୍ଯ୍ୟନ୍ତ ପାଟ୍ରୋଲିଂ କରିଥାନ୍ତି। ତେବେ ଚାଇନା ସୈନ୍ୟ ଭାରତୀୟ ଅଞ୍ଚଳ ମଧ୍ୟକୁ ପଶିଆସିଥିବାରୁ ତାୱାଙ୍ଗ ସେକ୍ଟରର ୟାଙ୍ଗସେ ନିକଟରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବା ସହ ଠେଲାପେଲା ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ କମାଣ୍ଡରଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଓ ଚାଇନା ସୈନ୍ୟ ଫେରିଯାଇଥିଲେ। ପୂର୍ବ ଲଦାଖ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ଓ ସୀମାରେ ଶାନ୍ତି ବଜାୟ ରଖିବା ଲାଗି ଆଗକୁ ଦୁଇ ସୈନ୍ୟବାହିନୀର କମାଣ୍ଡର ସ୍ତରୀୟ ବୈଠକ ହେବାକୁ ଥିବାବେଳେ ଏହା ପୂର୍ବରୁ ପୁଣିଥରେ ଉତ୍ତେଜନା ସୃଷ୍ଟି ହୋଇଛି।

ସାମରିକ ଅଧିକାରୀଙ୍କ କହିବା ଅନୁଯାୟୀ ଭାରତ ଓ ଚାଇନା ମଧ୍ୟରେ କୌଣସି ଆନୁଷ୍ଠାନିକ ସୀମାରେଖା ଚିହ୍ନଟ ହୋଇ ନ ଥିବାରୁ ଅନେକ ସମୟରେ ପ୍ରକୃତ ନିୟନ୍ତ୍ରଣ ରେଖା ଧାରଣାକୁ ନେଇ ମତପାର୍ଥକ୍ୟ ଦେଖାଦେଇଥାଏ। ଦୁଇ ଦେଶ ମଧ୍ୟରେ ରହିଥିବା ବୁଝାମଣା ଓ ପ୍ରୋଟୋକଲ ଅନୁଯାୟୀ ସମସ୍ୟାର ସମାଧାନ କରାଯାଇ ଆସୁଛି। ଗତ ସପ୍ତାହର ମୁହାଁମୁହିଁ ସ୍ଥିତି ଯୋଗୁ ଭାରତୀୟ ପ୍ରତିରକ୍ଷା ଓ ଭିତ୍ତିଭୂମିର କୌଣସି କ୍ଷତି ହୋଇ ନ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପିଏଲ୍ଏ ସୈନ୍ୟ ଅରୁଣାଚଳପ୍ରଦେଶ ମଧ୍ୟରେ ପ୍ରବେଶ କରିବା ଓ ଭାରତୀୟ ଯବାନଙ୍କ ଦ୍ୱାରା ଅଟକ ରହିବା ସମ୍ପର୍କରେ ଚାଇନାକୁ ଜଣା ନ ଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଶୁକ୍ରବାର କହିଛନ୍ତି।

ଭାରତର ସୀମାକୁ କୌଣସି ବାହ୍ୟଶକ୍ତି ଉଲ୍ଲଂଘନ କରିବାକୁ ଦିଆଯିବ ନାହିଁ ବୋଲି ବାୟୁସେନା ମୁଖ୍ୟ ଭି.ଆର୍. ଚୌଧରୀ କହିଛନ୍ତି। ଭାରତ ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ବାୟୁସେନା ଯୋଦ୍ଧାମାନେ ନିଶ୍ଚୟ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବାକୁ ୮୯ତମ ବାୟୁସେନା ଦିବସ ଅବସରରେ ଉଦ୍‌ବୋଧନ ଦେଇ ଚୌଧରୀ ଆହ୍ୱାନ ଦେଇଥିଲେ।

# ପିଏମ୍‌ଇସି, ଜିଇସିରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର, ୮।୧୦ (ବ୍ୟୁରୋ)**

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ (ଏସଡିଟିଇ) ଅଧୀନରେ ଥିବା ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ (ପିଏମ୍‌ଇସି) ବ୍ରହ୍ମପୁର ଓ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ

## ୩ ଚୁକ୍ତିନାମା ସ୍ୱାକ୍ଷରିତ

(ଜିଇସି) କେଉଁଝରଠାରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଏନେଇ ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଶୁକ୍ରବାର ୩ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଦୁଇଟି ପ୍ରମୁଖ ଯାନ୍ତ୍ରିକ ମହାବିଦ୍ୟାଳୟ ଦେଶର ଦୁଇଟି ପ୍ରମୁଖ ଶିଳ୍ପସଂସ୍ଥା ଟେକ୍ ମହିନ୍ଦ୍ରା ଓ ଡାସୌଲ୍ଟ ସିଷ୍ଟମ୍ସ ଇଣ୍ଡିଆ ସହ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରୁଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଉତ୍କର୍ଷ କେନ୍ଦ୍ରଗୁଡ଼ିକ ରାଜ୍ୟର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆହୁରି ଆଗେଇ ନେବା ସହ ଏକ ନୂତନ ଦିଗନ୍ତ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଲେ, ଶିକ୍ଷାର୍ଥୀଙ୍କୁ ନୂତନ ଜ୍ଞାନକୌଶଳ ଶିଖିବା ସହ ଉନ୍ନତମାନର ପ୍ରଶିକ୍ଷଣ ପାଇବାରେ ଏହି କେନ୍ଦ୍ର ସାହାଯ୍ୟ କରିବ।




ପିଏମ୍‌ଇସିରେ କ୍ଲାଉଡ୍ କମ୍ପ୍ୟୁଟିଂ ଓ ସାଇବର ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପିଏମ୍‌ଇସି ବ୍ରହ୍ମପୁର, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଓ ଟେକ୍ ମହିନ୍ଦ୍ରା ମଧ୍ୟରେ ପ୍ରଥମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ଏରୋସ୍ପେସ୍, ଅଟୋମୋବାଇଲ୍, ପ୍ରତିରକ୍ଷା ଏବଂ ଏହାର ସହଯୋଗୀ କ୍ଷେତ୍ରରେ ସେବା ଯୋଗାଇବା ନିମନ୍ତେ ଉତ୍କର୍ଷ କେନ୍ଦ୍ର ସ୍ଥାପନ ନେଇ ପିଏମ୍‌ଇସି, ବିପିୟୁଟି ଏବଂ ଗ୍ରାମ ତରଙ୍ଗ ଏମ୍ପ୍ଲୟବିଲିଟି ଟ୍ରେନିଂ (ଜିଟିଇଟି) ମଧ୍ୟରେ ଦ୍ୱିତୀୟ ଚୁକ୍ତିନାମା ହୋଇଛି। ସେହିପରି ଜିଇସିଠାରେ ଖଣି ଓ ଏହା ସମ୍ବନ୍ଧୀୟ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ଜିଇସି, ଜିଟିଇଟି ଏବଂ ଡାସୌଲ୍ଟ ସିଷ୍ଟମ୍ସ ମଧ୍ୟରେ ତୃତୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓଏସ୍ଏମ୍ଇ କେଉଁଝର ଏବଂ ଯାଜପୁର ଓ ଦେବଗଡ ସରକାରୀ ପଲିଟେକ୍ନିକ୍‌ରେ ମଧ୍ୟ ଏଭଳି କେନ୍ଦ୍ର ସ୍ଥାପିତ ହେବ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବିପିୟୁଟିର ରେଜିଷ୍ଟ୍ରାର ହିମାଂଶୁ ଶେଖର ବେହେରା, ପିଏମ୍‌ଇସି ଅଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ, ଟେକ୍ ମହିନ୍ଦ୍ରାର ବରିଷ୍ଠ ଉପସଭାପତି ବି. କେ. ମିଶ୍ର, ଜିଇସି ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ଡାସୌଲ୍ଟ ସିଷ୍ଟମ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦୀପକ ଉପସ୍ଥିତ ଥିଲେ।

# ଏନ୍‌ଏଚ୍ ୪୨(୫୫)ର ୨ ରାସ୍ତା ସମ୍ପ୍ରସାରଣ ହେଉ

## ଗଡ଼କରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର, ୮।୧୦(ବ୍ୟୁରୋ)**

ଅନୁଗୋଳ ଜିଲା ଦେଇ ଯାଇଥିବା ୪୨(୫୫) ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ଅନ୍ତର୍ଗତ କଟକ-ଅନୁଗୋଳ ସେକ୍ସନ ଏବଂ ସମ୍ବଲପୁର-ଅନୁଗୋଳ ସେକ୍ସନ ସଡ଼କର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଜରୁରୀ ହୋଇପଡ଼ିଛି। ଏ ନେଇ ଶୁକ୍ରବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ବ୍ୟକ୍ତିଗତସ୍ତରରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଅନୁଗୋଳ ଜିଲା ବଇଣ୍ଡା ଗ୍ରାମର ବାସିନ୍ଦାଙ୍କ ଅଭିଯୋଗ ପତ୍ର ଆଧାରରେ ୨୦୧୮ ଡିସେମ୍ବରରେ ଏନ୍‌ଏଚ୍-୪୨(୫୫)ର ଶିଳାନ୍ୟାସ ହୋଇଥିବା ବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାମ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଜାତୀୟ ରାଜପଥର ନିର୍ମାଣ ସରୁନାହିଁ। ପାଣିମାହାର, ଚନ୍ଦନପୋଖରୀରେ ୨ ପୋଲ କାମ ଶେଷ ହୋଇ ନ ଥିବାବେଳେ ୭ ହାତୀ ଚଲାପଥ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି। ସଡ଼କ ନିର୍ମାଣ ପାଇଁ ଜମି ହରାଇଥିବା ଲୋକଙ୍କୁ ସଂଶୋଧିତ ମୂଲ୍ୟରେ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣ ଦୃଷ୍ଟିରୁ ବ୍ୟକ୍ତିଗତ ଭାବେ ଏହାକୁ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗାନ୍ଧୀ ଜୟନ୍ତୀ ଅବସରରେ ଧର୍ମେନ୍ଦ୍ର ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଗସ୍ତ କରିଥିଲେ। ଏହି ଅବସରରେ ବଇଣ୍ଡାବାସୀ। ୪୨(୫୫) ନମ୍ବର ଜାତୀୟ ରାଜପଥ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ସଂଶୋଧନ ହେଲା ଜିଆଇଏସ୍

## ସରକାରୀ କର୍ମଚାରୀଙ୍କ ମୃତ୍ୟୁରେ ପରିବାରକୁ ମିଳିବ ଅଧିକ ସହାୟତା ରାଶି

**ଭୁବନେଶ୍ୱର, ୮।୧୦(ବ୍ୟୁରୋ)**

ରାଜ୍ୟ ସରକାର ଶୁକ୍ରବାର ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ବୀମା ଯୋଜନା (ଜିଆଇଏସ୍) ଦେୟରେ ସଂଶୋଧନ କରିଛନ୍ତି। ପୂର୍ବରୁ ୪,୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କୁ ଜିଆଇଏସ୍ ବାବଦରେ ୭,୫୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ଏବେ ଏହାକୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୫,୪୦୦ ଓ ତଦୁର୍ଦ୍ଧ୍ୱ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ଜିଆଇଏସ୍ ବାବଦ ଦେୟକୁ ୧୨ ହଜାରରୁ ୩୦ ହଜାର ଟଙ୍କାକୁ ବଢ଼ାଯାଇଛି। କର୍ମଚାରୀଙ୍କ ପାଇଁ ଜିଆଇଏସ୍ ଏକ ସାମାଜିକ ସୁରକ୍ଷା ଯୋଜନା। ଚାକିରି କାଳ ମଧ୍ୟରେ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ଏହି ଯୋଜନାରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ୪,୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ମୃତ୍ୟୁରେ ପରିବାରକୁ ୧.୫ ଲକ୍ଷ ଟଙ୍କା, ୫,୪୦୦ ଟଙ୍କା ବା ତା'ଠାରୁ ଅଧିକ ଟଙ୍କାର ଗ୍ରେଡ ପେ' ପାଉଥିବା କର୍ମଚାରୀଙ୍କ ମୃତ୍ୟୁରେ ୨.୫ ଲକ୍ଷ ଟଙ୍କା ସହାୟତା ମିଳୁଥିଲା। ସଂଶୋଧିତ ନିଷ୍ପତ୍ତି ଅନୁଯାୟୀ, ଏହି ଯୋଜନାରେ ୪,୮୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ୫,୪୦୦ ବା ତା'ଠାରୁ ଅଧିକ ଗ୍ରେଡ୍ ପେ' ପାଉଥିବା କର୍ମଚାରୀଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା ରାଶିର ପରିମାଣ ପୂର୍ବରୁ ୫ ହଜାର ଟଙ୍କା ଥିବାବେଳେ ଏବେ ଏହାକୁ ଉଭୟ କ୍ଷେତ୍ରରେ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଜିଆଇଏସ୍ ଦେୟ ପୂର୍ବପରି ୧୦ଟି କିସ୍ତିରେ କର୍ମଚାରୀଙ୍କ ଦରମାରୁ ନିଆଯିବ।

# ପରୀ ହତ୍ୟାକାଣ୍ଡ: ୨ୟ ସାକ୍ଷ୍ୟ ଗ୍ରହଣ

**ନୟାଗଡ ଅଫିସ,୮।୧୦**

ଅତିରିକ୍ତ ଜିଲା ଦୌରାଜଜ ତଥା ଚିଲଡ୍ରେନ କୋର୍ଟରେ ଶୁକ୍ରବାର ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ୨ୟ ସାକ୍ଷ୍ୟ ନିଆଯାଇଛି। ମାମଲାରେ ମୋଟ ୭୦ ଜଣ ସାକ୍ଷୀ ରହିଛନ୍ତି।ପୂର୍ବରୁ ଜଣେ ସାକ୍ଷ୍ୟ ଦେଇଥିଲେ। ଶୁକ୍ରବାର ଯଦୁପୁରର ଚରଣ ପ୍ରଧାନ ସାକ୍ଷ୍ୟ ଦେଇଛନ୍ତି। ଅକ୍ଟୋବର ୨୫ରେ ଯଦୁପୁରର ଖଦାଳ ବେହେରା ସାକ୍ଷ୍ୟ ଦେବେ। ଅଭିଯୁକ୍ତ କଲେଜ ଛାତ୍ରଙ୍କ ପକ୍ଷରୁ ଶିବ ଶଙ୍କର ବିଶ୍ୱାଳ ଓ ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର ଏବଂ ସରକାରଙ୍କ ପକ୍ଷରୁ ଚିତ୍ତରଞ୍ଜନ କାନୁନ୍‌ଗୋ, ଅନୱର ମଲ୍ଲିକ ମାମଲା ଲଢୁଛନ୍ତି। ପ୍ରକାଶ ଯେ, ନୟାଗଡ ସଦର ଥାନା ଅଧୀନ ଯଦୁପୁରରେ ୨୦୨୦ ଜୁଲାଇ ୧୪ରେ ୫ବର୍ଷର ଶିଶୁକନ୍ୟା ପରୀ ଗାଁ ଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଥିଲେ। ସେହିମାସ ୨୩ ତାରିଖରେ କିଛି ଖପୁରି ଓ ହାଡ ଜବତ ହୋଇଥିଲା।

**ODISHA PUBLIC SERVICE COMMISSION**
**CUTTACK**
No. 7214/P.S.C. Dt.08.X.2021
(1R-46-21-22) (DR-V)

No. D-167: In continuation to OPSC Notice No. 6984/PSC, Dt.29.09.2021, it is for information of all concerned that, the date of **Interview** scheduled to be held on **21.10.2021 & 22.10.2021** for recruitment to the Post of Assistant Professor, in the discipline of **Santali** is postponed untill further order due to unavoidable circumstanctes. The date of interview will be informed in due course.

**Sd./- Secretary**
**OIPR-12002/11/0113/2122**

# ପ୍ରମାଣ ଅଭାବରୁ ସବ୍ୟସାଚୀ, ଆଜାଦ୍ ଦୋଷମୁକ୍ତ

## ମାଓବାଦୀଙ୍କ ନଡ଼ିଆ ଟ୍ରକ୍ ଅପହରଣ ଘଟଣା

**ନୟାଗଡ଼ ଅଫିସ,୮।୧୦**

ନୟାଗଡ଼ ଜିଲାରେ ୨୦୦୮ରେ ମାଓବାଦୀ ଆକ୍ରମଣ ଘଟଣାରେ ଦଶପଲ୍ଲା ଥାନା ଅଞ୍ଚଳରୁ ନଡ଼ିଆ ଟ୍ରକ ଅପହରଣ ସମ୍ପର୍କରେ ରାୟ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏହି ମାମଲାର ବିଚାର କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଓ ସହଯୋଗୀ ବି. କେଶବ ରାଓ ଓରଫ ଆଜାଦ୍‌ଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ସବ୍ୟସାଚୀ, ଆଜାଦ୍‌ଙ୍କ ନାଁରେ ୯ ମକଦ୍ଦମା ରହିଛି। ଆଜାଦ୍ ୮ କେସରେ ଦୋଷମୁକ୍ତ ହୋଇ ସାରିଥିବାବେଳେ ସବ୍ୟସାଚୀ ୩ ମାମଲାରୁ ମୁକ୍ତି ପାଇଛନ୍ତି ବୋଲି ଆଇନଜୀବୀ ଅମିୟ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲାରେ ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୫ ପୋଲିସ କର୍ମଚାରୀଙ୍କ ସହ ଜଣେ ସାଧାରଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲ। ଏହି ରାତିରେ ନୟାଗଡ଼ର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହୀପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀ ଆକ୍ରମଣ କରିଥିଲେ। ସେହିଭଳି ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ ଅପହରଣ ଓ ଥାନା ଅଧିକାରୀଙ୍କ କ୍ୱାର୍ଟର୍ସ ପୋଡ଼ି କରିଥିଲେ। ନୟାଗଡ଼ କୋର୍ଟରେ ବିଚାର ହେବା ଯୋଗୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ବ୍ରହ୍ମପୁର ଜେଲ ଓ ସହଯୋଗୀ ବି. କେଶବ ରାଓ ଓରଫ ଆଜାଦ୍ ଝାରପଡ଼ା ଜେଲରୁ ଏଠାକୁ ଆସିଥିଲେ। ଦଶପଲ୍ଲା ଥାନା ଓ ଆଇଆଇସିଙ୍କ କ୍ୱାର୍ଟର୍ସ ପୋଡି ଘଟଣାରେ ଗୁରୁବାର ପ୍ରମାଣ ଅଭାବରୁ ଦୋଷମୁକ୍ତ ହୋଇଥିବା ବେଳେ ଶୁକ୍ରବାର ଶୁଣାଣି ପାଇଁ ନୟାଗଡ଼ ଜେଲରେ ଦୁହିଁଙ୍କୁ ରଖାଯାଇଥିଲା। ଶୁକ୍ରବାର ସବ୍ୟସାଚୀ ବ୍ରହ୍ମପୁର ଓ ଆଜାଦ୍‌ଙ୍କୁ ପୁଣି ଝାରପଡ଼ା ଜେଲକୁ ପଠା ଦିଆଯାଇଛି।

# ୩୨୬ ଗ୍ରାମକୁ ସୁନାମୀ ମୁକାବିଲା ଲାଗି ପ୍ରସ୍ତୁତ କରାଯିବ

**ଭୁବନେଶ୍ୱର,୮।୧୦(ବ୍ୟୁରୋ)**

ବାତ୍ୟା, ବନ୍ୟା ଓ ବଜ୍ରପାତ ଆଦି ବିପର୍ଯ୍ୟୟ ପରିଚାଳନାରେ ନୂତନ ଅନ୍ତର୍ଜାତୀୟ ମାନଦଣ୍ଡ ହାସଲ କରିବା ପରେ ବର୍ତ୍ତମାନ ରାଜ୍ୟରେ ସୁନାମୀପ୍ରବଣ ଉପକୂଳ ଗ୍ରାମଗୁଡ଼ିକୁ ଏଥିଲାଗି ପ୍ରସ୍ତୁତ ନିମନ୍ତେ ସରକାର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସୂଚିତ କରାଯାଇଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧିତ ପ୍ରଶାସନିକ, ବୈଷୟିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପିତ କରିଛନ୍ତି। ପରିବର୍ତ୍ତିତ ବୃଷ୍ଟିପାତ ଧାର, ଭୂ-ତାପମାତ୍ରା ଏବଂ ପାଣିପାଗ ସ୍ଥିତିରେ ସହରୀ ବନ୍ୟା ଏବଂ ସୁଉଚ୍ଚ ଅଟ୍ଟାଳିକାରେ ଅଗ୍ନି ଓ ଅନ୍ୟାନ୍ୟ ବିପତ୍ତି ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର କହିଛନ୍ତି, ଜଗତସିଂହପୁର ଜିଲାର ନୋଳିଆସାହି ଏବଂ ଗଞ୍ଜାମ ଜିଲାର ଭେଙ୍କଟରାୟପୁର ଭାରତ ମହାସାଗର ଅଞ୍ଚଳରେ ପ୍ରଥମେ ୨ଟି ସୁନାମୀ ପ୍ରସ୍ତୁତ ଗ୍ରାମଭାବେ ୟୁନେସ୍କୋର ଆନ୍ତର୍ଜାତୀୟ ସାମୁଦ୍ରିକ କମିଶନଙ୍କ ସ୍ୱୀକୃତି ଓ ପ୍ରଶଂସା ପାଇଛି। ଏହି ପ୍ରଚେଷ୍ଟାରୁ ପ୍ରାପ୍ତ ଅନୁଭୂତି ଭିତ୍ତିରେ ଓଡ଼ିଶା ଉପକୂଳର ଆଉ ୩୨୬ଟି ଗ୍ରାମକୁ ସୁନାମୀ ମୁକାବିଲା ନିମନ୍ତେ ପ୍ରସ୍ତୁତ କରିବା ପାଇଁ ସେ ପ୍ରକଳ୍ପ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ କମିଟି ୭.୧୭ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ମଞ୍ଜୁର କରିଛନ୍ତି।

ସହରାଞ୍ଚଳରେ ଅଧିକ ବୃଷ୍ଟିପାତ ଜନିତ ବନ୍ୟା ସ୍ଥିତିର ପରିଚାଳନା ନିମନ୍ତେ ଓଡ୍ରାଫରେ ସ୍ୱତନ୍ତ୍ର ୟୁନିଟ୍ ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ୮୧୪ଟି ବହୁମୁଖୀ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟ କରୁଛି। ପ୍ରତି ଆଶ୍ରୟ ସ୍ଥଳୀରେ ୫୦ଜଣ ଆଶ୍ରୟ-ସ୍ୱେଚ୍ଛାସେବୀ ଏବଂ ୨୫ ଜଣ ପରିଚାଳନା ଓ ରକ୍ଷଣାବେକ୍ଷଣ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ଏହିସବୁ ଆଶ୍ରୟସ୍ଥଳୀର ପ୍ରାୟ ୬୧୬୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯିବ। ଏଥିଲାଗି କମିଟିରେ ୧୫.୭୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ରାଜ୍ୟରେ ଥିବା ପ୍ରାୟ ୬୧ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ଦେବା ଲାଗି ସ୍ଥିର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ରତି ଗୋଷ୍ଠୀରୁ ସଭାପତି, ସମ୍ପାଦକ ଓ କୋଷରକ୍ଷକ ଆଦି ୩ ଜଣ ହିସାବରେ ପ୍ରାୟ ୩ ଲକ୍ଷ ସଦସ୍ୟଙ୍କୁ ତାଲିମ ଦିଆଯିବ। ରାଜ୍ୟ ମିଶନ ଶକ୍ତି ବିଭାଗ ମାଧ୍ୟମରେ ଏହି ତାଲିମ ପରିଚାଳନା ହେବ ଏବଂ ଏଥିରେ ୧.୩୦ କୋଟି ଟଙ୍କା ବିନିଯୋଗ ହେବ। ସେହିପରି ରାଜ୍ୟର ପ୍ରାୟ ୧୫,୦୦୦ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିନିଧିମାନଙ୍କୁ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ମାଧ୍ୟମରେ ପର୍ଯ୍ୟକ୍ରମେ ତାଲିମ ମିଳିବ। ଏଥି ପାଇଁ ୧.୨୭ କୋଟି ଟଙ୍କାର ବ୍ୟୟ ଅଟକଳ ବୈଠକରେ ଅନୁମୋଦିତ ହୋଇଛି। ବହୁମୁଖୀ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଓଡ୍ରାଫ ଓ ଅଗ୍ନିଶମ ସେବା ୟୁନିଟ୍ ଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ୨ ପ୍ରକାର ତାଲିମ କାର୍ଯ୍ୟକ୍ରମ ହେବ। ଏହି ତାଲିମ ପାଇଁ ପ୍ରାୟ ୧.୨୮ କୋଟି ଟଙ୍କାର ବ୍ୟୟ ଅଟକଳ ଅନୁମୋଦିତ ହୋଇଛି।

**ODISHA PUBLIC SERVICE COMMISSION**

**ADVERTISEMENT No. 14 of 2021-22**

**Recruitment to the Posts of Assistant Professors (Stage-I) in different disciplines in Group-A of Odisha Education Service (College Branch) of Government Degree Colleges under Department of Higher Education**

**WEBSITE: http://opsc.gov.in**

No. D-169: Online applications are invited from the prospective candidates through the proforma application to be made available on Website **(http://opsc.gov.in)** for recruitment to **606 (Six Hundred six) posts of Assistant Professors (Stage-I)** in different disciplines in Group-A of O.E.S. (College Branch) of Government Degree Colleges of the State under Department of Higher Education in the Scale of Pay-Cell-I of Level-10 of the pay matrix under ORSP (CT) Rules, 2019 with usual Dearness and other allowances as admissible by the Government from time to time.

2. **VACANCY POSITION:** As per requisition filed by the Department of Higher Education, Government of Odisha, out of a total of **606 (202 - W)** Posts **136 (46 - W)** are for **ST** Category, **98 (34 - W)** posts are for **SC** Category, **66 (22 - W)** are for **SEBC** Category & **306 (100 - W)** are for **UR** Category, Also **24** posts are reserved for **Persons with disabilities (whose permanent disability is 40% and more)** and **06** posts are reserved for **Sports Persons.**
3. **AGE:** A candidate must not be above 45 (forty five) years of age and under 21 (twenty one) years of age on the last date of receiving/submission of online application **03.12.2021**, i.e. he or she must have been born not earlier than **04.12.1976** and not later than **03.12.2000**.
4. **EDUCATIONAL QUALIFICATION: (A) CANDIDATE MUST: (A)** Possess a Mster's Degree, with at least 55% of marks or its equivalent grade, in the concerned/relevant/allied subject from an Indian University or an equivalent degree from a Foreign University.
   Provided that for the candidates belonging to Scheduled Caste, Scheduled Tribe, SEBC & persons with Disabilities categories, the requirement of securing at least 55% marks shall be reduced to 50% marks or its equivalent grade.
   **B.** have cleared National Eligibility Test (NET) meant for appointment of Assistant Professor (Stage - I) or must have acquired a Ph.D. Degree in the concerned/relevant/allied subject from an Indian University or a Foreign University
5. **APPLICATION FEE:** A candidate is required to pay a non-refundable and non-adjustable fee of **Rs.400/- (Rupees four hundred) only. Candidates belonging to Scheduled Caste, Scheduled Tribe of Odisha and Persons with Disabilities (whose permanent disability is 40% and more) are exempted from payment of this fee. The link for registration/re-registration and payment of examination fees shall be available from 26.10.2021 to 25.11.2021 (Note: 03.12.2021 is the last date for submission of Registered Online Application).**

The candidates are advised to visit the website of the Commission at **http://opsc.gov.in** for detailed information for applying to the above post.

**CUTTACK** **Sd./- SECRETARY**
**DATE: 08.10.2021** **ODISHA PUBLIC SERVICE COMMISSION, CUTTACK**
**OIPR-12002/11/0114/2122**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 7231PSC Dt.08.X.2021**
**(1R-26-21-22) (DR-V)**

No. D-165: It is for information of all concerned that, pursuant to the advertisement No. 08 of 2020-2021, **8 (Eight)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Journalism & Mass Communication.**

The physical verification of original certificates/document etc. in respect of those candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on **21.10.2021** as per the progrmme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 21.10.2021 | 2.30 P.M. | 00092899, 00078204, 00088080, 00086194, 00083054, 00053384, 00098043 & 00100931 **= 8 Candidates** |

The candidates are required to submit the following documents at the time of verification.
1. The hard copies of **onlie application forms** indicating their **PPSAN at the top right hand corner.**
2. Three passport size **photographs.**
3. **Self-atested** photo copies of all relevant ceriticates and such other documents etc. with **original** as per Para - 9 of the advertisement.
4. Duly filled in & duly attested **"Attestation Form"** and duly filled in **"Bio-data Form",** (to be downloaded from the website of the Commission).
5. **One set of** Xerox copies of Published Research Papers.

The candidate(s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verifiation** on the scheduled date & time as mentioned above. Every candidate is strictly advised of adhere to the **COVID guidelines** as notified by the Government from time to time while attending the document verification process.

**OIPR-12002/11/0111/2122** **Sd./- Secretary**

**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, SUNDARGARH**
**E-mail ID: dpcsndgssa.opepa@nic.in**

**"e"- Procurement Notice**

**Bid Identification No. DPC/SS/SNG/06 of 2021-22**
**Letter No. 5658/Civil/ Date: 07/October/ 2021**

| | | | |
|---|---|---|---|
| 1 | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in double cover system on ONLINE mode from eligible contractors with valid licences for 'Improvement of Infrastructure (Civil + Electrical + Ph + Renovation) in the Schools' as detailed in DTCN. | | |
| 2 | Nature of work | : | Improvement of infrastructure (Civil+ Electrical + PH + Repair & renovation) in the Schools. |
| 3 | No. of works | : | 146 (One hundred fortysix) Nos. |
| 4 | Cost of tender paper | : | Rs.10,000/- in 145 projects & Rs.6,000/- in 1 Project. |
| 5 | Class of contractor | : | 'B' & 'A' in 137 Projects / 'C' & 'B' in 1 Project / 'A' & 'Special' in 8 Projects. |
| 6 | Availability of bid document in the website | : | From 10.00 hours of date 11.10.2021 to 17.00 hours of date 26.10.2021 |
| 7 | Date of opening of bid | : | 10.00 A.M. on Dt.27.10.2021 |
| 8 | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

**Sd./- District Project Co-ordinator,**
**Samagra Shiksha, Sundargarh**

**Office of the District Manager**
**Odisha State Civil Supplies Corporation Ltd. (OSCSC)**
**Sundargarh District**
**Phone: 06622- 275119**
**District Website: www.sundergarh.nic.in**

**Tender No. 4208/4209/4010 Dt.07.10.2021**

District Manager, Odisha State Civil Supplies Corporation Ltd., Sundargarh invites tenders through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Transport Contractor for transportation of Paddy from Mandi to Mill point of Bonai, Panposh & Sadar Sub-division for the Kms: 2021-22 |
| 2 | Availability of bid document in the portal | 08.10.2021 |
| 3 | Last date/ time for receipt of bids in the portal | 28.10.2021 upto 05.30 P.M. |
| 4 | Date / time of opening of technical bid | For Sadar, Sub-division: 29.10.2021 at 10.30 A.M. Bonai, Sub-division: 29.10.2021 at 11.00 A.M. Panposh, Sub-division: 29.10.2021 at 11.30 A.M. |

Tender documents & other details can be seen from the e-procurement portal www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./-District Manager**
**OSCSC Ltd., Sundargarh**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 7226/PSC Dt.08.X.2021**
**(1R-06-21/22) (DR-V)**

No. D-166: It is for information of all concerned that, pursuant to the advertisement No. 08 of 2020-2021, **10 (Ten)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Anthropology.**

The physical verification of original certificates/document etc. in respect of those candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on **21.10.2021** as per the progrmme mentioned below.

**PROGRAMME OF DOCUMENT VERIFICATION**

| Date | Time of Interview | PPSAN |
|---|---|---|
| 21.10.2021 | 10.30 A.M. | 00084099, 00089432, 00079985, 00089848, 00090588, 00086320, 00095143, 00080917, 00077612 & 00096660 **= 10 Candidates** |

The candidates are required to submit the following documents at the time of verification.
1. The hard copies of **onlie application forms** indicating their **PPSAN at the top right hand corner.**
2. Three passport size **photographs.**
3. **Self-attested** photo copies of all relevant certificates and such other documents etc. with **original** as per Para - 9 of the advertisement.
4. Duly filled in & duly attested **"Attestation Form"** and duly filled in **"Bio-data Form",** (to be downloaded from the website of the Commission).
5. **One set of** Xerox copies of Published Research Papers.

The candidate(s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verifiation** on the scheduled date & time as mentioned above. Every candidate is strictly advised of adhere to the **COVID guidelines** as notified by the Government from time to time while attending the document verification process.

**OIPR-12002/11/0112/2122** **Sd./- Secretary**

## କହିଲ ଦେଖି

ଜଳରେ ସେ ଫୁଟଇ
ଲକ୍ଷ୍ମୀଙ୍କ ପୂଜାରେ ଲାଗଇ
ପୋଖରୀର ଶୋଭା ବଢ଼ାଇ
ସମସ୍ତଙ୍କୁ ଆକର୍ଷିତ କରଇ
ଜାତୀୟ ଫୁଲ ସେ ଅଟଇ
ତା' ନାମ କିଏ କହିବ ଭାଇ ?



ଉତ୍ତର– **ପଦ୍ମ ଫୁଲ**

ଫୁଲ ସେ ଅଟଇ ମନୋହର
ହଳଦିଆ ରଙ୍ଗ ତା'ର
ରବି ଆଡ଼କୁ ସେ ଢଳଇ
ତା' କିରଣରେ ସୁନ୍ଦର ଦିଶଇ
ତା'ଠାରୁ ତେଲ ମିଳଇ
ତା' ନାମ କିଏ କହିବ ଭାଇ ?



ଉତ୍ତର– **ସୂର୍ଯ୍ୟମୁଖୀ ଫୁଲ**

ପ୍ରେମୀଯୁଗଳଙ୍କ ପସନ୍ଦର ଫୁଲ
ସମସ୍ତେ ପାଆନ୍ତି ତାକୁ ଭଲ
କଣ୍ଟାଭରା ତା'ର ଡାଳ
ସୁଗନ୍ଧ ଅଟଇ ଭଲ
ତାକୁ ଦେଖି କି ତୋଳ
କିଏ କହିବ ତା' ନାମ ଭାଇ ?



ଉତ୍ତର– **ଗୋଲାପ ଫୁଲ**

**–ରୋହିତ କୁମାର ମଲିକ**
*ଅଣ୍ଡରାଇ, ବୋଡ଼କ, ଭଦ୍ରକ*

## ଖିଲିଖିଲି ହସ

(ମୋହନ ବାବୁ–ଡାକ୍ତରଙ୍କ ମଧ୍ୟରେ କଥାବାର୍ତ୍ତା)
ଡାକ୍ତର–ମୋହନ ବାବୁ, ଏତେ ଦିନ ପରେ ଆପଣ ଆସିଛନ୍ତି । କ'ଣ ହୋଇଛି ?
ମୋହନ ବାବୁ–ଡାକ୍ତର ବାବୁ, ମୋ ପୁଅ ଆମ ଘରର ଗୋଟେ ଚାବି ଗିଳି ଦେଇଛି। ସେଥିପାଇଁ ଆସିଛୁ।
ଡାକ୍ତର–ଓଃ ! କେତେବେଳେ ଏମିତି ହେଲା ?
ମୋହନ ବାବୁ–ଆଜ୍ଞା ! ଦଶ ଦିନ ପୂର୍ବରୁ।
ଡାକ୍ତର(ଆଶ୍ଚର୍ଯ୍ୟରେ)–ଏତେ ଦିନ ହେଲାଣି,ଆଉ ତମେ ଆଜି ଆସୁଛ ?
ମୋହନ ବାବୁ–ଆଜ୍ଞା, କଥା କ'ଣ କି...ସେ ଚାବିର ଆଉ ଗୋଟେ ନକଲି ଚାବି ଥିଲା। ସେଥିରେ କାମ ଚଳୁଥିଲା। ହେଲେ, ଆଜି ସକାଳେ ସେଇ ଚାବି ବି ହଜିଗଲା। ତେଣୁ ଏ ଚାବିଟା ବାହାର କରିବାକୁ ଆସିଛୁ।

ଥରେ ମଣ୍ଟୁ ସ୍କୁଲ୍‌କୁ ଡେ଼ରିରେ ଆସିଲା। ତାକୁ ଦେଖି, ସାର୍ ପଚାରିଲେ, ଆରେ ଆଜି କାହିଁକି ଡେରିରେ ଆସିଲୁ ? ଏ କ'ଣ ? ତୁ ଦୁଇ ପ୍ରକାର ଜୋତା ପିନ୍ଧିଛୁ। ମଣ୍ଟୁ କହିଲା, ସାର୍, କାଲି ରାତିରେ ଆମ ଘରେ ଚୋର ପଶି ମୋ ଜୋତା (ଦୁଇ ହଳରୁ ପଟେ ପଟେ) ନେଇ ଯାଇଛି। ତେଣୁ ମୁଁ ଏଇ ଜୋତାକୁ ପିନ୍ଧି ଆସିଛି।



ଯାସ୍ମିତା
୧୦ବର୍ଷ

ଆ ଇ ନା

## ଶାରଦୀୟ ପୂଜାପ୍ରିୟା

ତିନିପୁର ଜୟ କରିଲା ଅସୁର
ଅସ୍ଥିର ହୋଇଲେ ସର୍ବେ
କଲା ଟଳମଳ ମରତ ପାତାଳ
ଭୟ ବିରାଜିଲା ସ୍ୱର୍ଗେ।
ସବୁ ଦେବ ମିଳି ଦେଲେ ଶକ୍ତି ଢାଳି
ହେଲେ ଯେବେ ନିଃସହାୟ
ମାତୃଶକ୍ତି ବଳେ ମରିଲା ବିକଳେ
ସରଗ ହୋଇଲା ଥୟ।
ଦୁଷ୍ଟ ବିନାଶିନୀ ମହିଷା ମର୍ଦ୍ଦିନୀ
ଶାରଦୀୟ ପୂଜାପ୍ରିୟା
ସ୍ୱର୍ଗୁ ଅବତରି ମର୍ତ୍ତ୍ୟରେ ବିହାରୀ
ପୂଜାସ୍ଥଳେ ହେବେ ଠିଆ।
ସିଂହପୃଷ୍ଠେ ଚଢି କ୍ଷଣେ ଯିବେ ମାଡି
କରିବେ ଧରା ଭ୍ରମଣ
ବାଛିବେ ଦୂର୍ମତୀ ଦେଖି ଭକ୍ତପ୍ରିତି
ଜିଣିବେ ଭକତ ମନ।
ମାଆ ଦୟାମୟୀ ହୃଦେ ଦୟାବହି
ଧରାପୃଷ୍ଠେ ଅବତର
ଦୁଷ୍ଟଜନ ନାଶି ସନ୍ଥଙ୍କୁ ଆଶ୍ୱାସି
ମାନ ରଖ ଦିଅଁଙ୍କର।

**–ମାନସ କୁମାର ବାରିକ**
ପ୍ରଧାନ ଶିକ୍ଷକ,
ପଳସା ଉପ୍ରା ବିଦ୍ୟାଳୟ,
ଖଇରା, ବାଲେଶ୍ୱର



## କ ବି ତା

## ଆଶ୍ୱିନ ଆସିଛି

କାଶତଣ୍ଡି ଫୁଲେ ଫୁଲେ ଆଶ୍ୱିନ ଆସିଛି,
ଦୁର୍ଗା ମାଆ ଆଗମନେ ଏ ଧରା ହସୁଛି।
ନିରିମଳ ହୋଇଅଛି ଚାରିଆଡ଼େ ବଉଦ,
ପାର୍ବଣର ଭିଡ଼ ପାଇଁ ଲାଗେ ବଡ଼ ମଉଜ।
ମେଘ କୋଳେ ଜହ୍ନ ଲୁଚକାଳି ଖେଳଇ,
ଶୀତଳ ବାଆ ଉତ୍ତରରୁ ସିରି ସିରି ବହଇ।
କାଶତଣ୍ଡି ଗୋଛା ନଈ ପଠା କୋଳରେ,
ସ୍ୱାଗତକର ମାଆକୁ ଶୁଭ ଏଇ ବେଳାରେ।

**–ପ୍ରଦୀପ କୁମାର ନାଏକ**
*ଦୀପଜ୍ୟୋତି କୁଟୀର,*
*ହାତୀସରା, ଦେଓଗାଁ,*
*ବଲାଙ୍ଗୀର*

## ଦଶଭୁଜା

ଶରତ ଋତୁର ନିର୍ମଳ ଆକାଶେ
ଭାସଇ ଶୁଭ୍ର ବାଦଲ,
ନଦୀପଠା ଦିଶେ କେଡ଼େ ମନୋହର
ହସେ କାଶତଣ୍ଡି ଫୁଲ।
ମା' ଦଶଭୁଜା ବିରାଜିବେ ବୋଲି
ମହୀମଣ୍ଡଳ ଉଛୁଳେ,
ଦୈତ୍ୟ ମହିଷାକୁ ବଧ କରିବାକୁ
ଅଗ୍ନି ମଧ୍ୟୁ ଜନ୍ମ ନେଲେ।
ଜୟ ମା' ଭବାନୀ, ଶଙ୍କର ଘରଣୀ
ଜୟ ଜୟ ମା' ବିରଜା,
ଦୁର୍ଗତିନାଶିନୀ, ମହିଷମର୍ଦ୍ଦିନୀ
ଜୟ ଜୟ ଦଶଭୁଜା।
କାକଟପୁରରେ ମଙ୍ଗଳା ତୋ' ନାମ
ବାଣପୁରେ ଭଗବତୀ,
ଗ୍ରାମେ ଗ୍ରାମେ ତୁହି ପୂଜା ପାଉଅଛୁ
ବୋଲାଇ ଗ୍ରାମଦେବତୀ।
ଝଙ୍କଡ଼େ ଶାରଳା, ପୁରୀରେ ବିମଳା
କଟକଚଣ୍ଡୀ କଟକେ,
ବାଙ୍କିରେ ଚର୍ଚ୍ଚିକା, ଗଡ଼େ ଗଡ଼ଚଣ୍ଡୀ
ସର୍ବତ୍ର ପୂଜ୍ୟା ଅମ୍ବିକେ।
କଲ୍ୟାଣମୟୀ ତୁ ଜଗତଜନନୀ
ସଂସାରୁ କଳୁଷ ନାଶି
ପାପ ନାଶ କରି ପୁଣ୍ୟ ସଂସ୍ଥାପିଲୁ
ଜୟ ଦୁର୍ଗା ମହୀୟସୀ।

**–ପୁଷ୍ପଲତା ମହାନ୍ତି**
*୭୧/ଏ, କଳ୍ପନା ସ୍କୋୟାର,*
*ଭୁବନେଶ୍ୱର*

## ଶରତ

ଶରତ କାଳ ବଡ଼ ନିର୍ମଳ
ଧରଣୀ ରାଣୀ ଶୋଭା
ଖୋଲିଲେ ଆଖି ନ ହୁଏ ଲେଖି
ସତେ କି ମନଲୋଭା !
ବାଡ଼ିରେ ଫୁଟେ ମନରେ ଜୁଟେ
ଜହ୍ନି ଫୁଲର ରଙ୍ଗ
ରଙ୍ଗଣି ଫୁଲ ବଡ଼ ଡଉଲ
ସରସ ତା'ର ଢଙ୍ଗ।
ନୀଳ ଆକାଶେ ବଉଦ ଭାସେ
ଦେଖାଇ ନାଆ ଛଇ
ଶରଦ ଜହ୍ନ ଅତି ପ୍ରସନ୍ନ
ନ ହୁଏ ମୁଖେ କହି।
ସିଂହବାହିନୀ ଦୁଃଖ ନାଶିନୀ
ଆସିବେ ଧରା ଧାମେ
କରୋନା ନାଶି କୃପା ବରଷି
ସରବ ଶୁଭ କାମେ।

**–ବୃନ୍ଦାବନ ବାରିକ**
*ଜଳଧରପୁର,*
*ମତୋ, ଭଦ୍ରକ*

## ଦୁର୍ଗା ମା'

ସ୍ତୁତି ପାଠ କରୁଛି ମୁଁ ପାଦ ତଳେ ତୋର
ତୋ ବିନୁ ଯେ ଅନ୍ୟ ଗତି କିଛି ନାହିଁ ମୋର।
ଖଣ୍ଡା ଖର୍ପର ଧାରିଣୀ ତୁହି ଦୁର୍ଗା ମା ଲୋ
ଅଭୟ ବର ଦାୟିନୀ ସାହା ହେବୁ ତୁ ଲୋ।
ଜୟ ଦଶଭୁଜା ମା ଲୋ ଦୁର୍ଗତିନାଶିନୀ
ଜୟ ଜୟ ଶିବା ଶକ୍ତି ଅସୁର ମର୍ଦ୍ଧିନି।
ଦଶ ହାତେ ଧରି ଅଛୁ ଅସ୍ତ୍ର ଶସ୍ତ୍ର କେତେ
ବିନାଶ କରିବା ପାଇଁ ଦୃଷ୍ଟଙ୍କୁ ଯେ ଯେତେ।
ଜଗଦମ୍ବା ରଣଚଣ୍ଡୀ ଚଞ୍ଚଳା ଚପଳା
ସହସ୍ର ନାମ ବୋଲାଉ କମଳା ମଙ୍ଗଳା।

**–ଅମରନାଥ ବାରିକ**
*କୟାଁ, ମଙ୍ଗଳପୁର, ଯାଜପୁର*


## ପାର୍ବଣ ଆସିଲା

ନୀଳ ଆକାଶର ନୀଳିମା ଭିତରେ
ଜହ୍ନ ମାମୁ ତୋଫା ଦିଶିଲା
ନଈର ପଠାରେ କାଶତଣ୍ଡି କହେ
ଏସନ ପାର୍ବଣ ଆସିଲା।

ଦେବୀପୀଠ ଆଉ ପୂଜା ମଣ୍ଡପରେ
ହେବ ମାଆଙ୍କର ପୂଜା
ମଙ୍ଗଳମୟୀଙ୍କ ଆବାହନ ଲାଗି
ବାଜିବ ମଙ୍ଗଳ ବାଜା।
ଆମେ ଯେତେ ସବୁ କୁନାକୁନି ଅଛେ
ମାଆଙ୍କ ପାଖକୁ ଯିବା
ଭକତି ଅନ୍ତରେ ପ୍ରଣାମ ବାଢ଼ିବା
ମାଆଙ୍କୁ ଅଳି କରିବା।

**–ନିରଞ୍ଜନ ସାହୁ,** *ନିହଲ ପ୍ରସାଦ,*
*ଗଁଦିଆ ପାଟଣା, ଢେଙ୍କାନାଳ*

## ଟଗଲା ଭୀମୁ




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ୯ ଘଣ୍ଟାରେ ପହଁରିଲେ ୩୦ କିଲୋମିଟର

ପିଲାମାନେ ତୁମମାନଙ୍କ ମଧ୍ୟରୁ କେତେଜଣ ହୁଏତ ପହଁରିବା ଶିଖିଥିବ। ପହଁରିବାର ବିଭିନ୍ନ ଶୈଳୀ ରହିଛି ଏବଂ ଅଭ୍ୟାସ ଅନୁସାରେ ସମସ୍ତେ ଘଣ୍ଟାଏ କି ଦୁଇଘଣ୍ଟା ଏମିତି ସମୟ ପହଁରିଥାନ୍ତି। ମାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ପହଁରି ଏବେ ଗିନିଜ୍ ରେକର୍ଡ କରିପାରିଛନ୍ତି ୟୁରୋପର ଜଣେ ମହିଳା ମର୍ଲେ ସ୍ୱାମ୍। ସେ ଗୋଡହାତ ନ ହଲାଇ ୯ ଘଣ୍ଟା ପହଁରି ୩୦ କିଲୋମିଟର ଅତିକ୍ରମ କରିପାରିଛନ୍ତି। ତେବେ ହାତଗୋଡ ନ ହଲାଇ ପହଁରିବା ନିମନ୍ତେ ସେ ମେନିଫିନ୍‌ର ସାହାରା ନେଇଥିଲେ। ମେନିଫିନ୍‌କୁ ପାଦରେ ପିନ୍ଧାଯାଏ। ତେଣୁ



ଏହାକୁ ପିନ୍ଧି ମର୍ଲେ ସମୁଦ୍ରରେ ପହଁରିଥିଲେ। ସମୁଦ୍ରରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ ରୋକିବା ପାଇଁ ମର୍ଲେ ଏଭଳି ଏକ ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଗପ: ମାଆ ଚାହାନ୍ତିନି ବଳି

ଦୁର୍ଗାପୂଜା ସମୟ । ଘଣ୍ଟ ଘଣ୍ଟା ଧ୍ୱନିରେ ଚାରିଆଡ଼ ମୁଖରିତ । ଭୋଜିଭାତ ବି ଚାଲିଛି। ଏହି ସମୟ ଭିତରେ ଥରେ ରାଜୁ ତା'ର ସାଙ୍ଗମାନଙ୍କ ସହ ଖେଳିବାକୁ ଚାଲିଗଲା ଗାଁ ମୁଣ୍ଡକୁ। ତା'ପରେ ଆଉ କିଛି ସାଙ୍ଗମାନଙ୍କ ସହ ଦୂର ଏକ ଖେଳପଡ଼ିଆକୁ ଚାଲିଗଲା ।

ଖେଳ ସରିଲା ବେଳକୁ ସଞ୍ଜ ନଇଁ ଆସିଲାଣି । ସବୁ ସାଙ୍ଗମାନେ ଘରକୁ ଫେରିଲେ। ରାଜୁ ବି ତାଙ୍କ ସହ ଫେରିଲା। କିଛିବାଟ ଗଲାପରେ ରାଜୁ ଦେଖେ ତ ତା' ସହ ଆଉ କେହି ସାଙ୍ଗ ନାହାନ୍ତି । ସମସ୍ତେ ଯେଝା ଘରକୁ ଚାଲି ଗଲେଣି । ସେ ଏକାକୀ ଫେରୁଛି। ଜଙ୍ଗଲ ପାଖ ରାସ୍ତା । ଠିକ୍ ଏହି ସମୟରେ ଜଣେ କଳା ମିଚିମିଚି ଲୋକକୁ ଦେଖିଲା। କଳାବସ୍ତ୍ର ପିନ୍ଧିଛି । ସେ ରାଜୁ ସହ କ'ଣ ସବୁ କଥା ହେଲା । ତା'ପରେ ରାଜୁ ତା' ପଛେପଛେ ଚାଲିଲା । ଏତିକି ବେଳେ ରାଜୁର ଜଣେ ସାଙ୍ଗ ବିଜୁ ସେ ଖେଳପଡ଼ିଆ ଆଡ଼କୁ ଫେରୁଥାଏ। କାରଣ ତା'ର ଭିଡିଓ ଗେମ୍‌ଟି ସେଠାରେ ଛାଡ଼ି ଆସିଛି । ଯିବା ବାଟରେ ସେ ଦେଖିଲା ରାଜୁକୁ। ତା'ର ସନ୍ଦେହ ହେଲା । ସେ ରାଜୁ ଓ ସେହି କଳାଲୋକଟି ପଛେ ପଛେ ଗଲା । କିଛି ବାଟ ଗଲା ପରେ ଏକ ଗୁମ୍ଫା ଭିତରକୁ ସେମାନେ ଗଲେ । ସେ ଭିତରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି।

ରାଜୁକୁ ଫୁଲମାଳ ପିନ୍ଧାଇ ଓ ମୁଣ୍ଡରେ ସିନ୍ଦୂର ମାରି ସାମ୍ନାରେ ବସାଇ କ'ଣ ସବୁ ପୂଜା କଲା ସେହି କଳା ଲୋକଟି । ବିଜୁ ଏହା ଦେଖି ଜାଣି ପାରିଲା ଯେ ରାଜୁକୁ ବଳି ଦେବା ପାଇଁ ସେହି ଲୋକ ଭୁଲାଇ ଆଣିଛି । ବିଜୁ ପକେଟରେ ଥିବା ମୋବାଇଲଟି ବାହାର କଲା ଓ ହେଲ୍‌ପ ଲାଇନକୁ ଫୋନ କରିବାକୁ ଚେଷ୍ଟା କଲା। କିନ୍ତୁ ସେଠାରେ ନେଟ୍‌ୱର୍କ ନ ଥିବାରୁ ଫୋନ ଲାଗିଲାନି । ତେଣୁ ସେ ଏକ ବୁଦ୍ଧି ପାଞ୍ଚିଲା । ଅନ୍ଧାର ପଡ଼ି ଆସୁଥାଏ । ତଥାପି ସାହସର ସହ ଗୁମ୍ଫାର ପଛପଟକୁ ଯାଇ ଉପରକୁ ଚଢ଼ିଗଲା । ବହୁତ ପରିଶ୍ରମ କରି ଗୁମ୍ଫା ଉପରେ ଥିବା ଏକ ବଡ଼ ପଥରକୁ ତଳକୁ ଗଡ଼ାଇଦେଲା । ଯେମିତି ପଥରଟି ତଳେ ପଡ଼ିଛି ପୃଥିବୀଟା ଥରିଗଲା ପରି ଲାଗିଲା । ସେହି କଳା ଲୋକଟି ଓ ତା'ର ସହଯୋଗୀ ସହ ଗୁମ୍ଫା ପଛପାଖକୁ ଗଲା । ଏଇ ମଉକାରେ ବିଜୁ ଗୁମ୍ଫା ଭିତରକୁ ଯାଇ ସେଠାରୁ ରାଜୁକୁ ଭିଡ଼ି ନେଇ ଆସିଲା। ରାଜୁ ବାହାରକୁ ଆସି ସବୁ ବୁଝିପାରିଲା । ଦୁହେଁ ଦୌଡ଼ିବାକୁ ଲାଗିଲେ । ଅନ୍ଧାର ରାସ୍ତା । ସାହସର ସହ ଦୌଡୁଥାନ୍ତି । ଏହି ସମୟରେ ବିଜୁର ଫୋନ୍‌ଟି ବାଜି ଉଠିଲା, ଦେଖିଲା ବାପା କରିଛନ୍ତି। ତୁରନ୍ତ ବାପାଙ୍କୁ ଏ ବିଷୟରେ ଜଣାଇଦେଲା ବିଜୁ । ବିଜୁର ବାପା ଗାଁ ଲୋକଙ୍କୁ ଧରି ଜଙ୍ଗଲ ଆଡ଼େ ଆସିଲେ । ପରେ ପରେ ପୋଲିସ ବି ଆସିଲେ । ସେ କଳା ଲୋକଟିକୁ ଓ ତା'ର ସହକର୍ମୀମାନଙ୍କୁ ବାନ୍ଧି ନେଇ ଜେଲକୁ ପଠାଇ ଦେଲେ। ଜେଲକୁ ଯିବା ପରେ ସେ ନିଜ ଭୁଲ୍ ବୁଝିପାରିଲା ଓ କହିଲା ମାଆ ବଳି ଚାହାନ୍ତିନି । ଶିଶୁମାନଙ୍କ ସୁରକ୍ଷା ଚାହାନ୍ତି । ଏପଟେ ରାଜୁ ନିଜକୁ ସୁରକ୍ଷିତ ରଖିବା ନେଇ ସତର୍କ ହେଲା। ବାହାରକୁ ଆଉ ଡେରିଯାଏ ଖେଳିବାକୁ ଗଲାନି। ସେଦିନ ଗାଁ ମଣ୍ଡପ ପାଖକୁ ବାପାଙ୍କ ସହ ରାଜୁ ଓ ବିଜୁ ଯାଇ ମାଆ ଦୁର୍ଗାଙ୍କୁ ପ୍ରଣତି ଜଣାଇଲେ ।



**–ଶୁଭନାରାୟଣ ଶତପଥୀ**
*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ– ୯୪୩୮୪୩୨୦୨୩*

## ତୁମ ତୂଳୀରୁ






**ସୋନିସ୍ମିତା ମିଶ୍ର**
କ୍ଲାସ–୮, ଏଟିବିଏନ ହାଇ ସ୍କୁଲ, ଖୋର୍ଦ୍ଧା



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ–୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା








**ଅନନ୍ୟା ରୂପାଲି**
କ୍ଲାସ–୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

## ମତାମତ

- ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା।–*ବିକାଶ କୁମାର ମଲ୍ଲିକ, ଯାଜପୁର*
- ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି। *–ମୋନାଲିସା ମହାନ୍ତି, ପୁରୀ*
- 'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ। ଶୁଭେନ୍ଦୁ କୁମାର ନାୟକ, ରେଢ଼ାଖୋଲ
- ଗତ ସପ୍ତାହରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ସମ୍ପର୍କରେ ପଢ଼ି ଅନେକ କଥା ଜାଣିହେଲା। *–ଅଧିରାଜ ମହାନ୍ତି, ବ୍ରହ୍ମପୁର*
- ତୁମ ତୂଳୀ ସ୍ତମ୍ଭରେ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା। *–ଗୀତାଞ୍ଜଳି ପଣ୍ଡା, କୋରାପୁଟ*

## ଜଣା ଅଜଣା

୧– କୁମ୍ଭୀର ତା ଜିଭ କେବେହେଲେ ବାହାରକୁ ବାହାର କରିପାରେ ନାହିଁ।
୨– କୁମ୍ଭୀର ତା ପାଟିକୁ ହଲଚଲ୍ କରିପାରେନି କିମ୍ବା କିଛି ଚୋବାଇ ପାରେ ନାହିଁ। କିନ୍ତୁ ଏହାର ପାଚକ ରସ ବହୁତ ଶକ୍ତିଶାଳୀ। କୁମ୍ଭୀର ଯଦି ଲୁହା ଖଣ୍ଡେ ବି ଖାଇଦେବ ତାହେଲେ ବି ହଜମ କରିପାରିବ।
୩– ଅନ୍ୟ କୌଣସି ପ୍ରାଣୀଙ୍କ ଭଳି ଘୋଡା ଏବଂ ମୂଷା କେବେହେଲେ ବାନ୍ତି କରନ୍ତି ନାହିଁ।
୪– ମୂଷାମାନେ ଖୁବ୍ ଶୀଘ୍ର ବଂଶ ବିସ୍ତାର କରିପାରନ୍ତି। ଗୋଟିଏ ଯୋଡ଼ି ମୂଷା ମାତ୍ର ଏକ ବର୍ଷରେ ଏକ ଲକ୍ଷରୁ ଅଧିକ ଛୁଆ ଜନ୍ମ କରିପାରନ୍ତି।
୫– ଏକ ସମୁଦ୍ର କଙ୍କଡାର ହୃଦୟ ତା ମୁଣ୍ଡ ପାଖରେ ରହିଥାଏ।
୬– ଗୋଟେ ଗରିଲା ଦିନକୁ ୧୪ ଘଣ୍ଟା ଶୋଇଥାଏ।



ଧରିତ୍ରୀ
DHARITRI
ଶନିବାର, ୯ ଅକ୍ଟୋବର, ୨୦୨୧



## ସଂକ୍ଷେପରେ

### ବ୍ରିସ୍‌ବେନ ହିଟ୍ ଦଳରୁ ଖେଳିବେ ପୁନମ

ମେଲବୋର୍ନ, ୮।୧୦ (ପି.ଟି.): ସ୍ପିନର ପୁନମ ଯାଦବ ୮ମ ଭାରତୀୟ କ୍ରିକେଟର ଭାବେ ଅଷ୍ଟ୍ରେଲିଆରେ ମହିଳା ବିଗ୍‌ବାଶ୍ ଲିଗ୍ ଖେଳିବାକୁ ଯାଉଛନ୍ତି। ଆସନ୍ତା ସିଜନ ପାଇଁ ବ୍ରିସ୍‌ବେନ ହିଟ୍ ତାଙ୍କ ସହିତ ଚୁକ୍ତି କରିଛି। ନ୍ୟୁଜିଲାଣ୍ଡ ଷ୍ଟାର ଆମେଲିଆ କେର୍ ଓହରିଯିବାରୁ ୩୦ ବର୍ଷୀୟା ଭାରତୀୟ ରିଷ୍ଟ ସ୍ପିନରଙ୍କୁ ସୁଯୋଗ ମିଳିଛି। ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ମଲ୍ଟି ଫର୍ମାଟ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳର ପୁନମ ଅନ୍ୟତମ ସଦସ୍ୟା ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ଅନ୍ତର୍ଜାତୀୟ ଦିନିକିଆ ମଧ୍ୟରୁ ଦୁଇଟିରେ ତାଙ୍କୁ ଖେଳିବା ଲାଗି ସୁଯୋଗ ମିଳିଥିଲା। ପରେ ଖେଳାଯାଇଥିବା ଏକମାତ୍ର ପିଙ୍କ୍ ବଲ୍ ଟେଷ୍ଟରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ଗତବର୍ଷର ଟି୨୦ ବିଶ୍ୱକପ୍ ଓପନରରେ ସେ ମାତ୍ର ୧୯ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ଅଷ୍ଟ୍ରେଲିଆ ବ୍ୟାଟରଙ୍କ ମନରେ ଭୟ ସୃଷ୍ଟି କରିଥିଲେ। ବ୍ରିସବେନ୍ ଡବ୍ଲ୍ୟୁବିବିଏଲ୍‌ରେ ତାଙ୍କଠାରୁ ଏହି ପ୍ରଦର୍ଶନ ଆଶା କରୁଛି। ଆସନ୍ତା ବିଗ୍‌ବାଶ୍ ଲିଗ୍‌ରେ ପୁନମ ୮ମ ଖେଳାଳି ଭାବେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଶେଫାଳି ବର୍ମା, ରାଧା ଯାଦବ (ଉଭୟ ସିଡ୍ନି ସିକ୍ସର୍ସ ଦଳ ପାଇଁ), ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମା ( ଉଭୟ ଥଣ୍ଡର), ରିଚା ଘୋଷ (ହରିକେନ୍), ଜେମିମା ରୋଡ୍ରିଗୁଏଜ୍ ଓ ହରମନପ୍ରୀତ୍ କୌର (ଉଭୟ ରେନିଗେଡ୍ସ)।

### କୋଚ୍ ପରିବର୍ତ୍ତନ ଚାହାନ୍ତିନି ନୀରଜ

ନୂଆଦିଲ୍ଲୀ, ୮।୧୦(ପି.ଟି.): ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତାଙ୍କ ଜର୍ମାନ କୋଚ୍ କ୍ଲାଅସ୍ ବାର୍ଟୋନିଜ୍‌ଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମିଆଦ ୨୦୨୪ ପ୍ୟାରିସ ଗେମ୍ସ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ସେ ଚାହାନ୍ତି। 'ଇଣ୍ଡିଆ ଟୁଡେ କନକ୍ଲାଭ୍' ଶୀର୍ଷକ ଏକ ଆଲୋଚନାଚକ୍ରରେ ଭାଗ ନେଇ ଚୋପ୍ରା କହିଥିଲେ, ଜଣେ ବାୟୋ ମେକାନିକାଲ ଏକ୍ସପର୍ଟ ହିସାବରେ ବାର୍ଟୋନିଜ୍‌ଙ୍କ ପଦ୍ଧତି ତାଙ୍କୁ ସୁହାଉଛି। ଟ୍ରେନିଂ ସେସନ ବେଳେ ସେ ମଜାଳିଆ କଥା କହିଥାନ୍ତି। ଫଳରେ ସେ କଷ୍ଟ ଅନୁଭବ କରି ନ ଥାନ୍ତି।

# ଇଶାନ, ସୂର୍ଯ୍ୟଙ୍କ ଧୂଆଁଧାର ବ୍ୟାଟିଂ

ଆବୁଧାବି,୮।୧୦


ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଜାଏଦ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୫୫ତମ ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୩୫ ରନ ସଂଗ୍ରହ କରିଛି। ଆଇପିଏଲ୍‌ରେ ମୁମ୍ବାଇର ଏହା ସର୍ବାଧିକ ସ୍କୋର ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ୨୦୧୭ ସଂସ୍କରଣରେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ମୁମ୍ବାଇ ୬ ଉଇକେଟ ହରାଇ ସର୍ବାଧିକ ୨୨୩ ରନ ସଂଗ୍ରହ କରିଥିଲା। ବିଶ୍ୱକପ୍ ପୂର୍ବରୁ ମୁମ୍ବାଇର ଦୁଇ ବ୍ୟାଟ୍ସମ୍ୟାନ ଇଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଛନ୍ତି ଓ ହାଇଦ୍ରାବାଦ ବୋଲରଙ୍କୁ ନିର୍ଦ୍ଧୂମ ପ୍ରହାର କରି ଦଳକୁ ରେକର୍ଡ ସ୍କୋର ପ୍ରଦାନ କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପକ୍ଷରୁ ସୂର୍ଯ୍ୟକୁମାର ଓ କିଶନ ପ୍ରଭାବ ବିସ୍ତାର କରି ଧୂଆଁଧାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମାତ୍ର ୩୨ ବଲରୁ ୧୧ ଚୌକା ଓ ୪ ଛକା ସହ ଇଶାନ ୮୪ ରନ ସଂଗ୍ରହ କରିଥିବା ବେଳେ ଉମରାନ ମଲିକ ବଲରେ ଉଇକେଟ କିପର ଋଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆଇପିଏଲ ଇତିହାସରେ ମୁମ୍ବାଇ ପାଇଁ ସେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ସୂର୍ଯ୍ୟକୁମାର ୪୦ ବଲରୁ ୧୩ ଚୌକା ଓ ୩ ଛକା ସହ ୮୨ ରନକରି ଜାସନ ହୋଲ୍ଡରଙ୍କ ବଲ୍‌ରେ ଡିପ୍‌ରେ ମହମ୍ମଦ ନବିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେ ଆଇପିଏଲ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

ମୁମ୍ବାଇ ପ୍ରଥମେ ଅଧିନାୟକ ରୋହିତ ଶର୍ମାଙ୍କୁ ହରାଇଥିଲା। ରୋହିତ ୧୩ ବଲରୁ ୩ ଚୌକା ସହ ୧୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଉଇକେଟରେ ରୋହିତ ଓ କିଶନ ୩୩ ବଲରୁ ୮୦ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଦ୍ରୁତ ଗତିରେ ରନ ସଂଗ୍ରହ ପ୍ରୟାସ କରିବାକୁ ଯାଇ ଅନ୍ୟମାନେ ଆଉଟ ହୋଇଥିଲେ। ଏହି କ୍ରମରେ ହର୍ଦ୍ଦିକ ପାଣ୍ଡ୍ୟା ୧୦, କରିନ ପୋଲାର୍ଡ ୧୩, କ୍ରୁନାଲ ପାଣ୍ଡ୍ୟା ୯, ନାଥନ କୁଲ୍ଟର ନାଇଲ ୩ ରନକରି ଆଉଟ ହୋଇଥିବା ବେଳେ ଜେମ୍ସ ନିଶାମ ଓ ପୀୟୂଷ ଚାୱଲା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍‌ରା ୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଜାସନ ହୋଲ୍ଡର ସର୍ବାଧିକ ୪, ରସିଦ ଖାଁ ଓ ଅଭିଷେକ ଶର୍ମା ୨ଟି ଲେଖାଏ, ଉମରାନ ମଲିକ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୩୫/୯ (ଇଶାନ-୮୪, ସୂର୍ଯ୍ୟକୁମାର-୮୨, ରୋହିତ-୧୮, ହୋଲ୍ଡର-୪/୫୨, ରସିଦ- ୨/୪୦, ଅଭିଷେକ-୨/୪, ଉମରାନ-୧/୪୮)।



ଛକା ମାରିବା ଅବସରରେ ଇଶାନ କିଶନ।

# ଦିଲ୍ଲୀର ସମ୍ମାନଜନକ ସ୍କୋର

ଦୁବାଇ, ୮।୧୦

ଚଳିତ ଆଇପିଏଲର ଅନ୍ତିମ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୬୪ ରନ ସ୍କୋର କରିଛି। କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ଦିଲ୍ଲୀ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ଓପନିଂ ଯୋଡ଼ିରେ ୬୧ ବଲ୍‌ରୁ ୮୮ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ୧୧ତମ ଓଭରର ପ୍ରଥମ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ହର୍ଶଲ ପଟେଲ ଆରସିବିକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ୩୫ଟି ବଲ୍ ଖେଳିଥିବା ଧାୱନ ୩ ଚୌକା ଓ ୨ ଛକା ସହାୟତାରେ ୪୩ ରନ କରିଥିଲେ। ପରେ ପୃଥ୍ୱୀ ଶ' ୩୧ ବଲ୍‌ରୁ ୪୮(୪ ଚୌକା, ୨ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରିଷଭ ପନ୍ତ (୧୦) ଓ ଶ୍ରେୟାସ ଆୟାର(୧୮) ବଡ଼ ସ୍କୋର କରିପାରି ନ ଥିଲେ। ତେବେ ଶିମରନ ହେଟମେର ୨୨ ବଲ୍‌ରୁ ୨୯ (୨ ଚୌକା, ୨ ଛକା) ରନ କରି ଦିଲ୍ଲୀକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଆରସିବି ପକ୍ଷରୁ ମହମ୍ମଦ ସିରାଜ ୨ଟି ଏବଂ ୟୁଜବେନ୍ଦ୍ର ଚହଲ, ହର୍ଶଲ ପଟେଲ ଓ ଡାନିଏଲ କ୍ରିଷ୍ଟିଆନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୪/୫(ପୃଥ୍ୱୀ ଶ'-୪୮, ଶିଖର ଧାୱନ-୪୩, ଶିମରନ ହେଟମେର-୨୯, ମହମ୍ମଦ ସିରାଜ-୨/୨୫, ୟୁଜବେନ୍ଦ୍ର ଚହଲ-୧/୩୪, ହର୍ଶଲ ପଟେଲ-୧/୩୪, ଡାନିଏଲ କ୍ରିଷ୍ଟିଆନ-୧/୧୯)।



ଓପନିଂ ଭାଗୀଦାରି ସମୟରେ ଦିଲ୍ଲୀ କ୍ୟାପିଟାଲ୍ସର ଶିଖର ଧାୱନ ଓ ପୃଥ୍ୱୀ ଶ'।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୧୦ | ୩ | ୨୦ | +୦.୫୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୪ | ୯ | ୫ | ୧୮ | +୦.୪୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୮ | ୫ | ୧୬ | -୦.୧୫୯ |
| ନାଇଟ ରାଇଡର୍ସ | ୧୪ | ୭ | ୭ | ୧୪ | +୦.୫୮୭ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୦୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୬ | ୭ | ୧୨ | -୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୧୪ | ୫ | ୯ | ୧୦ | -୦.୯୯୩ |
| ସନ୍‌ରାଇଜର୍ସ | ୧୩ | ୩ | ୧୦ | ୬ | -୦.୪୨୨ |

## ପ୍ଲେ-ଅଫ୍ କାର୍ଯ୍ୟସୂଚୀ

- ଅକ୍ଟୋବର ୧୦ (କ୍ୱାଲିଫାୟର-୧): ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦
- ଅକ୍ଟୋବର ୧୧ (ଏଲିମିନେଟର): ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ---
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦
- ଅକ୍ଟୋବର ୧୩ (କ୍ୱାଲିଫାୟର-୨): କ୍ୱାଲିଫାୟର-୧ ପରାଜିତ ବନାମ ଏଲିମିନେଟର ବିଜେତା
ସ୍ଥାନ: ଶାରଜା, ସମୟ ରାତି ୭ଟା ୩୦
- ଅକ୍ଟୋବର ୧୫(ଫାଇନାଲ): କ୍ୱାଲିଫାୟର-୧ ବନାମ କ୍ୱାଲିଫାୟର-୨ ବିଜେତା
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦

# ଶ୍ରଦ୍ଧାଞ୍ଜଳି ଓଡ଼ିଶା ଦଳର କୋଚ୍

ଭୁବନେଶ୍ୱର, ୮।୧୦ (କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ନଭେମ୍ବରରେ ହେବାର କାର୍ଯ୍ୟକ୍ରମ ରହିଛି। ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ହେଁ ବିଭିନ୍ନ ରାଜ୍ୟ ଦଳ ଇତିମଧ୍ୟରେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହି କ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ସିନିୟର ମହିଳା ଦଳର କୋଚିଂ କ୍ୟାମ୍ପ କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଯାଇଛି। ଏକ ସନ୍ତୁଳିତ ଦଳ ଗଠନ ଉଦ୍ଦେଶ୍ୟରେ ଭାରତୀୟ ମହିଳା ଫୁଟବଲ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ କୋଚ୍‌ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇ ଏକ ଶ୍ରେଷ୍ଠ ଦଳ ଚୟନ ଲକ୍ଷ୍ୟରେ ଏଏଫ୍‌ସି 'ଏ' ଲାଇସେନ୍ସପ୍ରାପ୍ତ କୋଚ୍ ପଶ୍ଚିମବଙ୍ଗର କ୍ରିସପିନ୍ ଚେଟ୍ରୀଙ୍କୁ ଅଣାଯାଇଥିବା ଜଣାଯାଇଛି। ପୂର୍ବତନ ଖେଳାଳି ଆଲୋଚନା ସେନାପତି ମଧ୍ୟ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି।

"ଏହା ଏକ ଗୁରୁଦାୟିତ୍ୱ। କୋଭିଡ୍-୧୯ ଜନିତ କଟକଣା ଯୋଗୁ ସବୁକିଛି ବନ୍ଦ ଥିଲା। ଏବେ ଶିବିର ଆରମ୍ଭ ହୋଇଥିବାରୁ ଖୁସି ଲାଗୁଛି। ଶିବିର ଅତ୍ୟନ୍ତ ଉତ୍ତମଭାବେ ଚାଲିଛି। ଏକ ଦୃଢ଼ ଏବଂ ଶକ୍ତିଶାଳୀ ଓଡ଼ିଶା ଦଳ ଚୟନ ଆମର ମୁଖ୍ୟ ଲକ୍ଷ୍ୟ" ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶ୍ରଦ୍ଧାଞ୍ଜଳିଙ୍କ ପାଇଁ କୋଚ୍ ଦାୟିତ୍ୱ ନୂଆ ନୁହେଁ। ଏହା ପୂର୍ବରୁ ସେ ଜାତୀୟ ସ୍ତରରେ ବିଭିନ୍ନ ବୟସ ବର୍ଗର ଦଳ ପ୍ରସ୍ତୁତ କରିବା ସହ ଏକାଧିକ ଥର ସହକାରୀ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ପ୍ରଶଂସା ପାଇଛନ୍ତି। କୋଭିଡ୍-୧୯ ଜନିତ କଟକଣା ଯୋଗୁ ଗତବର୍ଷ ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇପାରି ନ ଥିଲା। ଚଳିତ ବର୍ଷ ଏହି ସମ୍ମାନଜନକ ପ୍ରତିଯୋଗିତା କେଉଁ ରାଜ୍ୟରେ ଖେଳାଯିବ ଏବଂ କେବେ ଅନୁଷ୍ଠିତ ହେବ ତାହା ଏଆଇଏଫ୍ଏଫ୍ ପକ୍ଷରୁ ଖୁବ୍‌ଶୀଘ୍ର ଘୋଷଣା କରାଯିବାର ସୂଚନା ମିଳିଛି।



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

**ସିନିୟର ମହିଳା ଫୁଟବଲ ଶିବିର**

# ହର୍ଷିତ ଚାମ୍ପିୟନ



ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସୁରିନ୍ଦର ଜୈନ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ଏବଂ ମହେନ୍ଦ୍ର ତେଜା ମେକଲା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ ସରବଜିତ ମିଶ୍ର, ଶାନ୍ତନୁ ବରାଳ (ଉଭୟେ ୭ ପଏଣ୍ଟ), ସୌମ୍ୟରଞ୍ଜନ ମିଶ୍ର, ପ୍ରିୟାଂଶ ଦାସ ହ୍ରିଦେଶ ରୟ (ସମସ୍ତେ ୬.୫ ପଏଣ୍ଟ), ରବୀନ୍ଦ୍ର କୁମାର ଓଝା, ସଞ୍ଜୀବନ ନାୟକ, ବସନ୍ତ ଦାସ, ଜିତେନ୍ଦ୍ର କୁମାର ଦାସ (ସମସ୍ତେ ୬ ପଏଣ୍ଟ) ଓ ଶ୍ରୀୟାଂଶ ଦାସ(୬) ଟପ୍-୧୨ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ଅକ୍ଷଜ ନାୟକ, ଅଦିତି ମହାରଣା, ପ୍ରତ୍ୟୁଷ ଦୀକ୍ଷିତ, ଭିନିତ ନାୟକ, ଶ୍ରୀହନ ସବତ, ସିଦ୍ଧାର୍ଥ ମିଶ୍ର, ସ୍ଥିତିପ୍ରଜ୍ଞ ସାହୁ, ଶୁଭ ସିଂ ସଇନୀ, ଆରୁଲ ଆନନ୍ଦ, ଅଭିଷେକ, ସାହାନା ଲେଙ୍କା, ସାନ୍‌ଭି ମହାନ୍ତି ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ଇପ୍ସିତା ଶର୍ମା ଓ ଭୀମସେନ ପ୍ରଧାନ ଯଥାକ୍ରମେ ଶ୍ରେଷ୍ଠ ମହିଳା ଓ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଅମରେଶ ମିଶ୍ର ମୁଖ୍ୟ ଅତିଥି ଏବଂ କମାଣ୍ଡର କିମ୍‌ଶୁକ୍ ରୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁଗୁଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ସୀତେନ୍ଦୁ ରାଜଗୁରୁ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।

# ଓଡ଼ିଶା ଭାଓଲେଟ, ରେଡ୍ ବିଜୟୀ

ଭୁବନେଶ୍ୱର,୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)

**କଳାହାଣ୍ଡି କପ୍ ସୁପର ଲିଗ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଶୁକ୍ରବାର କଟକର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ ସୁପର ଲିଗ୍ ଆନ୍ତଃ ଜିଲା ପୁରୁଷ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଦୁଇ ଦିନିଆ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ଭାଓଲେଟ ଓ ରେଡ୍ ବିଜୟ ହାସଲ କରିଛନ୍ତି। ସୁନ୍ଦରଗଡ଼ର ଆଶିଷ ତିୱାରୀ, ଝାରସୁଗୁଡାର ରାଜ ପଟେଲ ଓ ରାଉରକେଲାର କୌଶିକ ଦାସ ୬ଟି ଲେଖାଏ ଉଇକେଟ ହାସଲ କରିଛନ୍ତି। ସେହିପରି ଖୋର୍ଦ୍ଧାର ସୁମିତ ମହାରଣା, ଓଡ଼ିଶା ରେଡ୍‌ର ପ୍ରଶାନ୍ତ ଠାକ୍କର, ଓଡ଼ିଶା ଭାଓଲେଟର ପ୍ରଶାନ୍ତ ଚୌଧୁରୀ ୫ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ନିମପୁର ଗ୍ରାଉଣ୍ଡରେ ଓଡ଼ିଶା ବ୍ଲୁ ବିପକ୍ଷରେ ଇକୋର୍ସା ଟସ୍ ଜିତି ପ୍ରଥମ ଦିବସ ଖେଳ ଶେଷ ବେଳକୁ ୬୩ ଓଭରରେ ୫ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଛି। ଏସ୍‌ସିବି ଗ୍ରାଉଣ୍ଡରେ ଓଡ଼ିଶା ୟେଲୋ ୪୪.୩ ଓଭରରେ ୧୪୬ ରନକରି ଆଉଟ ହୋଇଥିଲା। ଜବାବରେ ସୁନ୍ଦରଗଡ଼ ୪୩ ଓଭରରେ ୭ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଛି। ସୁନ୍ଦରଗଡ଼ ତରଫରୁ ଆଶିଷ ତିୱାରୀ ସର୍ବାଧିକ ୬ ଉଇକେଟ ହାସଲ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ଖୋର୍ଦ୍ଧା ପ୍ରଥମ ଇନିଂସରେ ୫୭.୫ ଓଭରରେ ୧୫୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ଗ୍ରୀନ ପ୍ରଥମ ଦିନ ଖେଳ ଶେଷ ବେଳକୁ ୩୯ ଓଭରରେ ୮ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ବିଡାନାସୀ ଗ୍ରାଉଣ୍ଡରେ ଝାରସୁଗୁଡା ପ୍ରଥମ ଇନିଂସରେ ୨୩ ଓଭରରେ ମାତ୍ର ୫୫ ରନକରି ଅଲଆଉଟ ହୋଇଛି। ଜବାବରେ ଓଡ଼ିଶା ରେଡ୍ ୩୯ ଓଭରରେ ୧୦୯ ରନ କରି ଅଲଆଉଟ ହେବା ସହ ୫୪ ରନରେ ବିଜୟୀ ହୋଇଛି। ରେଡ ତରଫରୁ ପ୍ରଶାନ୍ତ ଠାକ୍କର ୫, ଝାରସୁଗୁଡାର ରାଜ କେ. ପଟେଲ ୬ ଉଇକେଟ ନେଇଛନ୍ତି। ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ପିଙ୍କ ପିଙ୍କ୍ ପ୍ରଥମ ଇନିଂସରେ ୨୬୩ ରନକରି ଅଲଆଉଟ ହୋଇଥିଲା। ସନ୍‌ସାଇନ ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ୭୨ ରନରେ ରାଉରକେଲାକୁ ହରାଇଛି। ରାଉରକେଲା ପ୍ରଥମ ଇନିଂସରେ ମାତ୍ର ୭୩ ରନକରି ଅଲଆଉଟ ହୋଇଥିଲା। ଭାଓଲେଟ ୫୨ ଓଭରରେ ୧୪୫ ରନକରି ଅଲଆଉଟ ହେବା ସହ ବିଜୟୀ ହୋଇଥିଲା।

# ଜାତୀୟ ଶିବିରରେ ୩ ଓଡ଼ିଆ

ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି)

**ହୁଇଲଚେୟାର ଫେନ୍‌ସିଂ ବିଶ୍ୱକପ୍**

ହରିୟାଣାର କର୍ନଲସ୍ଥିତ କର୍ନ ଷ୍ଟାଡିୟମରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ହୁଇଲଚେୟାର ଫେନ୍‌ସିଂ ଶିବିରରେ ଓଡ଼ିଶାର ୩ ଖେଳାଳି ଯୋଗ ଦେଇଛନ୍ତି। ସେମାନେ ହେଲେ ଭି. ରମେଶ ରାଓ, ରାଖାଲ କୁମାର ସେଠୀ ଓ ପୂଜାସ୍ୱିନୀ ନାୟକ। ଦେଶର ବିଭିନ୍ନ ରାଜ୍ୟରୁ ୧୧ ଖେଳାଳି ଉକ୍ତ ଶିବିରରେ ଯୋଗ ଦେଇଛନ୍ତି। କ୍ୟାମ୍ପ ଶେଷ ହେବାପରେ ଏହି ଖେଳାଳିମାନେ ଇଟାଲୀରେ ନଭେମ୍ବର ୧୮ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ହୁଇଲଚେୟାର ଫେନ୍‌ସିଂ ବିଶ୍ୱକପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଶିବିରରେ ଯୋଗ ଦେଇଥିବା ଭି. ରମେଶ ରାଓ ଏବଂ ରାଖାଲ ସେଠୀ ଅଭିଜ୍ଞ ସମ୍ପନ୍ନ। ତେବେ ଓଡ଼ିଶାର ପ୍ରଥମ ମହିଳା ଖେଳାଳିଭାବେ ପୂଜାସ୍ୱିନୀଙ୍କୁ ଚୟନ କରାଯାଇଛି। ରମେଶ ୨୦୨୦-୨୧ ଜାତୀୟ ଚାମ୍ପିୟନଶିପ୍‌ରେ ୪ ପଦକ ହାସଲ କରିଥିଲେ। ରାଖାଲ ଓ ପୂଜାସ୍ୱିନୀ ବ୍ୟକ୍ତିଗତ ଓ ଦଳଗତଭାବେ ୬ଟି ଲେଖାଏ ପଦକ ପାଇଥିଲେ। ସେଥିପାଇଁ ଏହି ୩ ଓଡ଼ିଆ ଖେଳାଳି ଜାତୀୟ ଶିବିରରେ ଯୋଗ ଦେବାର ସୁଯୋଗ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଭି. ରମେଶ ରାଓ, ରାଖାଲ କୁମାର ସେଠୀ ଓ ପୂଜାସ୍ୱିନୀ ନାୟକ।

# ଚିନ୍ମୟଙ୍କ ମାଉଣ୍ଟ ୟୁମାନ ଆରୋହଣ


ଭୁବନେଶ୍ୱର, ୮।୧୦(କ୍ରୀଡ଼ା ପ୍ରତିନିଧି)

ନ୍ୟାଶନାଲ ଆଡ୍‌ଭେଞ୍ଚର କ୍ଲବ ଏବଂ ହରିୟାଣା ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ମାଉଣ୍ଟ ୟୁମାନ (୬୧୧୧ ମିଟର) ଆରୋହଣ ଅଭିଯାନ ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଶାର ଚିନ୍ମୟ ମହାରଣାଙ୍କ ନେତୃତ୍ୱରେ ଆସା (ଆସୋସିଏଶନ ଅଫ୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ୬ ସଦସ୍ୟ ଅଂଶଗ୍ରହଣ କରିଥିଲେ। ହରିୟାଣା ରାଜ୍ୟର ୭୫ ଯୁବକ ଏହି ଆରୋହଣ ଅବସରରେ ୭୫ ମିଟର ଜାତୀୟ ପତାକା ସାଥିରେ ନେଇଥିଲେ। ଓଡ଼ିଶାର ଅଭିଜ୍ଞ ସମ୍ପନ୍ନ ପର୍ବତାରୋହୀ ଚିନ୍ମୟ ମହାରଣା ସଫଳତାର ସହ ମାଉଣ୍ଟ ୟୁମାନ ଆରୋହଣ କରିଥିଲେ। ଅଜିତ ପାଢ଼ୀ ଓ ଅଭିଲିପ୍ସା ଯଥାକ୍ରମେ ୫୮୦୦ ଓ ୫୩୦୦ ମିଟର ଚଢ଼ିବାରେ ସକ୍ଷମ ହୋଇଥିଲେ। ଅନିତା ସ୍ୱାଇଁ, ସସ୍ମିତା ପ୍ରଧାନ ଓ ଦେବଦତ୍ତ ସାମନ୍ତରାୟ ଇନ୍‌ଷ୍ଟ୍ରକ୍ଟରଭାବେ କାର୍ଯ୍ୟ କରିଥିଲେ। ମାତ୍ର ସେମାନେ ପର୍ବତ ଶିଖର ପାଖାପାଖି କ୍ୟାମ୍ପରୁ କେତେକ ଅସୁସ୍ଥ ପର୍ବତାରୋହିଙ୍କୁ ସାଥିରେ ଧରି ଫେରି ଆସିଥିଲେ। ରାଜ୍ୟର ପ୍ରତିଷ୍ଠିତ ପର୍ବତାରୋହୀ, ଏଭରେଷ୍ଟ ଆରୋହୀ ତଥା 'ଆସା'ର ସମ୍ପାଦକ ଗଣେଶଶ ଚନ୍ଦ୍ର ଜେନା, ଶକ୍ତିରଞ୍ଜନ ମହାନ୍ତି, ଉପସଭାପତି ବିକ୍ରମ ଦାସ, କୋଷାଧ୍ୟକ୍ଷ ଏବଂ ପରାମର୍ଶଦାତା ଅଶୋକ ମହାନ୍ତି ଓଡ଼ିଶାର ଅଂଶ ଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ମାଉଣ୍ଟ ୟୁମାନ ଆରୋହଣ ପରେ ତ୍ରିରଙ୍ଗା ଉଡାଉଛନ୍ତି ଚିନ୍ମୟ ମହାରଣା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଅକ୍ଟୋବର ୯/୨୦୨୧ Berhampur, Saturday, October 9/ 2021



ଲିମାଠାରେ ଚାଲିଥିବା ଜୁନିୟର ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଲ ୩ ପୋଜିଶନରେ ରୌପ୍ୟ ବିଜୟିନୀ ଭାରତର ପ୍ରସିଦ୍ଧି ମହନ୍ତ, ଆୟୁଷୀ ପୋଦ୍ଦାର ଓ ନିଶ୍ଚଲ ପୋଡିୟମ ଉପରେ ପଦକ ପ୍ରଦର୍ଶନ କରୁଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ମୁକାବିଲା ଆଜି

## ଦ୍ୱିତୀୟ ମହିଳା ଟି୨୦

**ଗୋଲ୍ଡକୋଷ୍ଟ,୮।୧୦**

ବର୍ଷା ଯୋଗୁ ପ୍ରଥମ ଟି୨୦ ବାତିଲ ହେବା ପରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ଶନିବାର ଦ୍ୱିତୀୟ ଟି୨୦ରେ ପରସ୍ପରକୁ ଭେଟିବେ। ପ୍ରଥମ ଟି୨୦ ଧୋଇଯାଇଥିଲେ ମଧ୍ୟ ଜେମିମା ରୋଡ୍ରିଗ୍ରେଜ ୩୬ ବଲରୁ ୪୯ ରନ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। କ୍ରମାଗତ ଭାବେ ବିଫଳ ପ୍ରଦର୍ଶନ ପାଇଁ ତାଙ୍କୁ ଦିନିକିଆ ଦଳରୁ ବାଦ୍ ଦିଆଯାଇଥିଲା। ସ୍ମୃତି ମାନ୍ଧନା, ହରମନପ୍ରୀତ କୌର, ଶେଫାଳୀ ବର୍ମା, ରୋଡ୍ରିଗ୍ରେଜଙ୍କୁ ନେଇ ଭାରତୀୟ ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି।

ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ମାନ୍ଧନା ଓ ଶେଫାଳୀ ଭଲ ଫର୍ମରେ ରହିଛନ୍ତି। ପ୍ରଥମ ଦୁଇଟି ଦିନିକିଆରେ ପରାସ୍ତ ହୋଇ ଭାରତ ଗସ୍ତକୁ ନୈରାଶ୍ୟଜନକ ଢଙ୍ଗରେ ଆରମ୍ଭ କରିଥିଲା। ତେବେ ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଉପରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ତୃତୀୟ ଦିନିକିଆ ଜିତି ଭାରତ ଅଷ୍ଟ୍ରେଲିଆର ୨୮ ମ୍ୟାଚ୍ ବିଜୟଧାରାରେ ବ୍ରେକ୍ ଦେଇଥିଲା। ଏହାପରେ ଏକମାତ୍ର ପିଙ୍କ୍ ବଲ ଟେଷ୍ଟରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଦୁଇ ଦିନ ବର୍ଷା ଯୋଗୁ ପ୍ରଭାବିତ ହୋଇ ନ ଥିଲେ ଭାରତ ସପକ୍ଷରେ ମ୍ୟାଚ ଯାଇଥାନ୍ତା। ପ୍ରଥମ ଟି୨୦ ବର୍ଷା ଯୋଗୁ ବାତିଲ ହେବା ବେଳକୁ ଭାରତ ୧୫.୨ ଓଭରରେ ୪ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ଭଲ ସ୍କୋର କରିଥିଲା। ମିଡିଲ ଅର୍ଡରରେ ଯସ୍ତିକା ଭାଟିଆ ଓ ରିଚା ଘୋଷଙ୍କୁ ଭଲ ପ୍ରଦର୍ଶନ କରିବାର ସୁଯୋଗ ମିଳିଛି। ବୋଲିଂରେ ଦ୍ରୁତ ବୋଲର ଶିଖା ପାଣ୍ଡେ, ରେଣୁକା ସିଂ, ମେଘନା ସିଂ ଓ ସ୍ପିନର ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ ଓ ଦୀପ୍ତି ଶର୍ମା ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।



ହରମନପ୍ରୀତ୍ କୌର୍।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରେ ଏକାଧିକ କ୍ୱାଲିଟି ଅଲରାଉଣ୍ଡର ରହିଛନ୍ତି। ଆଗାମୀ ଦୁଇଟି ମ୍ୟାଚ୍‌ରେ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ ବୋଲି ଅଧିନାୟିକା ମେଗ ଲାନିଂ ଆଶା ରଖିଛନ୍ତି। ଅଲରାଉଣ୍ଡର ତାହିଲା ମ୍ୟାକ୍‌ଗ୍ରାଥ, ହାନ୍ନା ଡାର୍ଲିଂଟନ ସୁଯୋଗର ସଦ୍‌ବ୍ୟବହାର କରିବେ ବୋଲି ଆଶା କରାଯାଉଛି। ଘରୋଇ ଦଳରେ ମେଗ ଲାନିଂଙ୍କ ସମେତ ଏଲିସ ପେରୀ, ଅଲିସା ହିଲି, ଆଶଲେ ଗାର୍ଡନର ଓ ବେଥ ମୁନୀଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଏହି ମ୍ୟାଚ୍ ରୋମାଞ୍ଚକ ଓ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା (ଉପ- ଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ରେଜ, ଦୀପ୍ତି ଶର୍ମା, ସ୍ନେହ ରାଣା, ଯସ୍ତିକା ଭାଟିଆ, ଶିଖା ପାଣ୍ଡେ, ମେଘନା ସିଂ, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ରିଚା ଘୋଷ (ଉଇକେଟକିପର), ହର୍ଲିନ ଦେଓଲ, ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ ଓ ରେଣୁକା ସିଂ।

**ଅଷ୍ଟ୍ରେଲିଆ ଦଳ:** ମେଗ୍ ଲାନିଂ (ଅଧିନାୟିକା), ଡାର୍ସି ବ୍ରାଉନ, ମେଟଲାନ ବ୍ରାଉନ, ଷ୍ଟିଲା କ୍ୟାମ୍ପବେଲ, ନିକୋଲା କାରେ, ହାନା ଡର୍ଲିଂଟନ, ଆଶଲେ ଗାର୍ଡନର, ଅଲିସା ହିଲି, ତାହିଲା ମ୍ୟାକଗ୍ରାଥ, ସୋଫି ମୋଲିନେକ୍ସ, ବେଥ ମୁନୀ, ଏଲିସ ପେରୀ, ଜର୍ଜିଆ ରେଡମାୟେନ, ମୋଲି ଷ୍ଟ୍ରାନୋ, ଆନାବେଲ ସଦରଲାଣ୍ଡ, ଟେଲା ଭ୍ଲାମିଙ୍କ୍ ଓ ଜର୍ଜିଆ ୱାରହାମ।

# ବଦଳ ଦଳ ଭାବେ ଭାରତୀୟ ମହିଳା ଖେଳିବେ

**ଲାଉସାନେ,୮।୧୦**

ଆଗାମୀ ମହିଳା ହକି ପ୍ରୋ ଲିଗ୍‌ରେ ଭାରତ ଓ ସ୍ପେନ ଅଂଶଗ୍ରହଣ କରିବା ସ୍ପଷ୍ଟ ହୋଇଛି। ଏହି ମେଗା ଇଭେଣ୍ଟରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଓହରି ଯାଇଛନ୍ତି। ତେଣୁ ଭାରତ ଓ ସ୍ପେନ ବଦଳ ଦଳ ଭାବେ କେବଳ ଏହି ସେସନ ପାଇଁ ପ୍ରୋ ଲିଗ୍ ଖେଳିବେ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ ତରଫରୁ କୁହାଯାଇଛି। ମହିଳା ହକି ପ୍ରୋ ଲିଗ୍‌ର ତୃତୀୟ ସେସନ ଅକ୍ଟୋବର ୧୩ରୁ ଆରମ୍ଭ ହେବ। ଅଲିମ୍ପିକ୍ସ ତଥା ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ୍ସ ଓ ବେଲଜିୟମ ପ୍ରଥମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏଥର ପ୍ରୋ ଲିଗ୍ ସଫଳତାର ଶୀର୍ଷକୁ ଛୁଇଁବ ବୋଲି ଏଫ୍‌ଆଇଏଚ୍ କହିଛି।

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବଦଳରେ ଭାରତ ଓ ସ୍ପେନକୁ ଏଥର ସୁଯୋଗ ମିଳିଛି। ତେବେ ପ୍ରୋ ଲିଗ୍‌ର ଆଗାମୀ ଚତୁର୍ଥ ସେସନରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଖେଳିବେ ବୋଲି ଏଫ୍‌ଆଇଏଚ୍ କହିଛନ୍ତି। କୋଭିଡ୍-୧୯ ସମ୍ପର୍କିତ ଅନ୍ତର୍ଜାତୀୟ ଭ୍ରମଣଜନିତ କଟକଣା ପାଇଁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପ୍ରୋ ଲିଗ୍ ସମେତ ହକି ଜୁନିୟର ବିଶ୍ୱକପ ଓ ହକି ଇନ୍‌ଡୋର ବିଶ୍ୱକପ୍‌ରୁ ଓହରିଯାଇଛି। ଭାରତ ଓ ସ୍ପେନ ମହିଳା ଦଳ ସବୁବେଳେ ଯେକୌଣସି ତାରିଖରେ ଉପଲବ୍ଧ ହେବେ। ଭାରତୀୟ ପୁରୁଷ ଦଳ ମଧ୍ୟ ଏହି ଲିଗ୍‌ରେ ସାମିଲ ହୋଇଛି। ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ଉଭା ହୋଇଛି ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି।

ଟୋକିଓ ଅଲିମ୍ପିକ୍ସରେ ଭାରତ ଓ ସ୍ପେନ ମହିଳା ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଭାରତ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ବ୍ରିଟେନଠାରୁ ଶୁଟ୍ ଆଉଟ୍‌ରେ ହାରି ସ୍ପେନ୍ ଅଳ୍ପକେ ସେମି ଖେଳିବାକୁ ବଞ୍ଚିତ ହୋଇଥିଲା। ପ୍ରୋ ଲିଗ୍‌ରେ ଭାରତ ଓ ସ୍ପେନକୁ ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଇଲ ସ୍ୱାଗତ କରିଛନ୍ତି। ଭାରତ ଏହି ଲିଗ୍‌ରେ ଅଂଶଗ୍ରହଣ କଲେ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ସହିତ ମୁକାବିଲାରେ ଅବତୀର୍ଣ୍ଣ ହେବ ଓ ଭାରତୀୟ ମହିଳା ଦଳର ଫ୍ୟାନ୍ ବେସ୍ ବଢିବ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ କହିଛନ୍ତି। ୨୦୨୨ରେ ଏସିଆନ ଗେମ୍ସ ଆୟୋଜନ ହେବାକୁ ଯାଉଛି। ଏହା ମଧ୍ୟ ଅଲିମ୍ପିକ କ୍ୱାଲିଫିକେଶନ ଭାବେ ପରିଗଣିତ ହେବ। ତେଣୁ ଭାରତକୁ ଏହି ମେଗା ଇଭେଣ୍ଟ ପ୍ରସ୍ତୁତିରେ ସହାୟ ହେବ ବୋଲି ସେ କହିଛନ୍ତି।

# ହରଭଜନ ସିଂ ପିଏଚ୍‌ଡିରେ ସମ୍ମାନିତ

**ଦୁବାଇ, ୮।୧୦ (ପି.ଟି.):** ଫ୍ରେଞ୍ଚ୍ ୟୁନିଭର୍ସିଟି ଇକୋଲ୍ ସୁପରିଅର ରବର୍ଟ ଡି' ସୋର୍ବନ ଏହାର ସମାବର୍ତ୍ତନ ଉତ୍ସବରେ ଭାରତର ପୂର୍ବତନ ସ୍ପିନର ହରଭଜନ ସିଂଙ୍କୁ କ୍ରୀଡ଼ା ପାଇଁ ପିଏଚ୍‌ଡ଼ିରେ ସମ୍ମାନିତ କରିଛି। ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଦଳର ସଦସ୍ୟ ଭାବେ ଏବେ ଜୈବ ସୁରକ୍ଷିତ ବାତାବରଣରେ ରହୁଥିବାରୁ ହରଭଜନ ଏହି ଉତ୍ସବରେ ଯୋଗ ଦେଇ ପାରି ନ ଥିଲେ। ସୂଚନାଯୋଗ୍ୟ, ଖେଳ ସମେତ ବିଭିନ୍ନ କ୍ଷେତ୍ରର ଜଣାଶୁଣା ବ୍ୟକ୍ତିତ୍ୱଙ୍କୁ ଏହି ୟୁନିଭର୍ସିଟି ତରଫରୁ ଡକ୍ଟରେଟ୍ ଡ଼ିଗ୍ରୀରେ ସମ୍ମାନିତ କରିଥାଏ। ଫ୍ରେଞ୍ଚ ୟୁନିଭର୍ସିଟିକୁ ହରଭଜନଙ୍କ ନାମ ବିଶିଷ୍ଟ ଶିଳ୍ପପତି ଡକ୍ଟର ହରଚରଣ ସିଂ ରାନାଉଟା (ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଆସୋସିଏଶନ୍ସ) ସୁପାରିସ କରିଥିଲେ। ୪୧ ବର୍ଷୀୟ ହରଭଜନ ଜୁରି କମିଟିକୁ ଧନ୍ୟବାଦ ଜଣାଇଛନ୍ତି। ଏହି କମିଟିର ସଦସ୍ୟ ରହିଥିଲେ ସୋର୍ବନ ପ୍ରେସିଡେଣ୍ଟ ଡକ୍ଟର ଜନ୍ ଥୋମାସ୍ ପ୍ୟାରେଡ୍, ସୋର୍ବନ ଇଣ୍ଟରନ୍ୟାଶନାଲ କନଭୋକେଶନ କମିଟି (ସେଲିବ୍ରିଟି) ଚେୟାରମ୍ୟାନ ଡକ୍ଟର ବିବେକ ଚୌଧୁରୀ ଓ ଡକ୍ଟର ମୁକେଶ ତ୍ୟାଗୀ (ସୋର୍ବନ ଇଣ୍ଟରନ୍ୟାଶନାଲ କନଭୋକେଶନ କମିଟି)।

# ଟି୨୦ ବିଶ୍ୱକପ୍ ପରେ ଟ୍ରେନର ପଦବୀ ଛାଡ଼ିବେ ନିକ୍ ୱେବ୍

**ନୂଆଦିଲ୍ଲୀ, ୮।୧୦ (ପି.ଟି.):** ଭାରତୀୟ ପୁରୁଷ କ୍ରିକେଟ ଦଳର ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ କୋଚ୍ ନିକ୍ ୱେବ୍ ଟି୨୦ ବିଶ୍ୱକପ୍ ପରେ ତାଙ୍କ ପଦ ତ୍ୟାଗ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ସେ ତାଙ୍କ ଚୁକ୍ତି ମିଆଦ ଆଉ ବୃଦ୍ଧି କରିବାକୁ ଚାହୁଁନାହାନ୍ତି। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ, ଶଙ୍କର ବସୁଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୨୦୧୯ରେ ନ୍ୟୁଜିଲାଣ୍ଡର ୱେବ୍ ଭାରତୀୟ ଦଳ ସହ ଯୋଗ ଦେଇଥିଲେ। ୱେବ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ କହିଛନ୍ତି, କୋଭିଡ୍‌ଜନିତ ପରିସ୍ଥିତିକୁ ନେଇ ଦେଶରେ ପ୍ରବେଶ ପାଇଁ ନ୍ୟୁଜିଲାଣ୍ଡ ନାଗରିକଙ୍କ ଲାଗି କଠୋର ସ୍ୱାସ୍ଥ୍ୟ ପ୍ରୋଟୋକଲ ରହିଛି। ଭବିଷ୍ୟତରେ ହୁଏତ ଏଥିରେ ପରିବର୍ତ୍ତନ କରାଯାଇପାରେ, କିନ୍ତୁ ବର୍ତ୍ତମାନ ୧୪ ଦିନ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ କରାଯାଇଛି।

# ୧୦୦ ଦେଶରୁ ୬୦୦ ବକ୍ସର ଭାଗ ନେବେ

## ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

**ଲାଉସାନେ,୮।୧୦**

ସର୍ବିୟାର ରାଜଧାନୀ ବେଲଗ୍ରେଡ୍‌ରେ ଆୟୋଜନ ହେବାକୁ ଯାଉଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ବିଶ୍ୱର ୧୦୦ଟି ଦେଶରୁ ରେକର୍ଡ ୬୦୦ ବକ୍ସର ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର ୧ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ହାସଲ କରିବେ। ଅକ୍ଟୋବର ୨୪ରୁ ବକ୍ସିଂର ଏହି ମେଗା ଇଭେଣ୍ଟ ଆରମ୍ଭ ହେବ। ଏକ ସମ୍ପୂର୍ଣ୍ଣ କ୍ଷମତା ସମ୍ପନ୍ନ ଭାରତୀୟ ଦଳ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ରୌପ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଓ ପ୍ରତ୍ୟେକ ଦୁଇ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨୫ ହଜାର ଡଲାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

ଏସିଆନ ପଦକ ବିଜେତା ଶିବ ଥାପ୍ପା (୬୩.୫ କେ.ଜି.), ଦୀପକ କୁମାର (୫୧ କେ.ଜି.) ଓ ସଞ୍ଜିତ (୯୨ କେ.ଜି.) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନଶିପରେ ଅଂଶଗ୍ରହଣ କରିବାକୁ ୬୫୦ ବକ୍ସର ପଞ୍ଜୀକୃତ ହୋଇଛନ୍ତି ବୋଲି ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ତରଫରୁ କୁହାଯାଇଛି। ୧୩ଟି ଓଜନ ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ଓଜନ ବର୍ଗ ୧୦ରୁ ୧୩କୁ ବୃଦ୍ଧି କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ଆଣ୍ଡି କ୍ରୁଜ ଗୋମେଜ, ରୋନିଏଲ ଇଗ୍‌ଲେସିଆସ୍, ଅରଲେନ ଲୋପେଜ, ଜୁଲିଓ ଲା କ୍ରୁଜ, ଲଜାରୋ ଅଲଭାରେଜଙ୍କ ଭଳି ଚାମ୍ପିୟନ ବକ୍ସର ଅଂଶଗ୍ରହଣ କରିବେ। ଏମାନେ ସମସ୍ତେ କ୍ୟୁବାର ବକ୍ସର। ସେହିପରି କାଜାଖସ୍ତାନର ସାକେନ ବିବୋସିନୋଭ ଓ ଏଇବେକ ଓରାଲବେ, ଉଜବେକିସ୍ତାନର ହାସାନବୟ ଡୁସମାଟୋଭ ଓ ଶଖରାମ ଜିୟାସୋଭ ଏବଂ ଅନ୍ୟମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ।




# ଟେବୁଲ ଟପ୍ପର ଭାରତକୁ ୧୦ମ ସ୍ୱର୍ଣ୍ଣ

**ଲିମା, ୮।୧୦ (ପି.ଟି.):** ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ରିଦିମ ସାଙ୍ଗୱାନ ଓ ବିଜୟବୀର ସିଦ୍ଧୁ ୨୫ ମିଟର ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ସାଙ୍ଗୱାନ ଓ ସିଦ୍ଧୁ ଥାଇଲାଣ୍ଡର କାନ୍ୟା କୋର୍ନ ହିରୁନ୍‌ଫୋଏମ୍ ଓ ସ୍କାକନ ଟ୍ରିନିଫାକ୍ରୋନ୍‌ଙ୍କୁ ୯-୧ରେ ପରାସ୍ତ କରିଥିଲେ। ଏହି ବିଜୟ ଦ୍ୱାରା ପ୍ରତିଯୋଗିତାର ଟେବୁଲ ଟପ୍ପର ଭାରତର ସ୍ୱର୍ଣ୍ଣ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ମୋଟ ପଦକ ସଂଖ୍ୟା ୨୩ରେ ପହଞ୍ଚିଛି। ଦେଶ ଆହୁରି ମଧ୍ୟ ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ କରିଛି। ଥାଇଲାଣ୍ଡର ଅନ୍ୟ ଏକ ଯୋଡ଼ି ଚାଓ୍ୱିସା ପାଡୁକା ଓ ରାମ୍ ଖାମ୍‌ହେଙ୍ଗ୍‌ଙ୍କୁ ୧୦-୮ରେ ହରାଇ ଭାରତର ତେଜସ୍ୱିନୀ ଓ ଆନିସ୍ ଏହି ପଦକ ଆଣି ଦେଇଛନ୍ତି। ପ୍ରସିଦ୍ଧି ମହନ୍ତ, ନିସ୍କାଲ ଓ ଆୟୁଷୀ ପୋଦରଙ୍କୁ ନେଇ ଭାରତୀୟ ଦଳ ଜୁନିୟର ମହିଳା ୫୦ ମିଟର ଥ୍ରି ପୋଜିଶନ୍ସ ଫାଇନାଲ ଇଭେଣ୍ଟରେ ଆମେରିକାର ଏଲିଜାବେଥ୍ ମ୍ୟାକ୍‌ଫିନ୍ ଲୋରେନ ଜେଉନ୍ ଓ କରୋଲିନ୍ ଟକରଙ୍କଠାରୁ ୪୩-୪୭ରେ ପରାସ୍ତ ହୋଇ ରୌପ୍ୟ ପଦକ ଲାଭ କରିଛନ୍ତି। ଟେବୁଲ ଟପ୍ପର ଭାରତ ଇତିମଧ୍ୟରେ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ ବ୍ରୋଞ୍ଜ ଜିତିସାରିଛି।

# ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତ କରିବ ଆଇସିସି

**ନୂଆଦିଲ୍ଲୀ, ୮।୧୦ (ପି.ଟି.):** ଆସନ୍ତା ଟି୨୦ ବିଶ୍ୱକପ୍ ସମୟରେ ଜୈବ ସୁରକ୍ଷିତ ପରିବେଶରେ ଖେଳାଳିମାନଙ୍କର ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଆଇସିସି ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତ କରିବ। ଆଇସିସି ଇଣ୍ଟିଗ୍ରିଟି ୟୁନିଟ୍ ମୁଖ୍ୟ ଆଲେକ୍ସ ମାର୍ଶାଲ ଏବିଷୟରେ ସୂଚନା ଦେଇଛନ୍ତି। ଆଇସିସି ଟି୨୦ ବିଶ୍ୱକପ ଅକ୍ଟୋବର ୧୭ରେ ଆରମ୍ଭ ହେବ। କେତେକ ଲୋକ କହିଥାନ୍ତି ନିୟନ୍ତ୍ରିତ ବାତାବରଣ ମାନସିକ ସ୍ୱାସ୍ଥ୍ୟାବସ୍ଥାରେ ପ୍ରଭାବ ପକାଇଥାଏ। ଏକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କୁ ସହାୟତା ଲାଗି ୨୪ ଘଣ୍ଟା ଜଣେ ମନସ୍ତତ୍ତ୍ୱବିତ୍ ଉପଲବ୍ଧ ହେବେ ବୋଲି ମାର୍ଶାଲ ଏକ ଭର୍ଚୁଆଲ ମିଡିଆ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଭାଗ ନେଇ କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ